

ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୩ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 03 NOVEMBER 2021

Vol.No. 32 ■ No. 280 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଭିଜିଲାନ୍ସ ଜାଲରେ ନିମାପଡାର ତହସିଲଦାର

### ୫ଟି ପାନ କାର୍ଡ ସହ ଅଫିସରୁ ୪ ଲକ୍ଷ ୬୫ ହଜାର ଓ ଘରୁ ୫୦ ହଜାର ଟଙ୍କା ମିଳିଲା



ଭୁବନେଶ୍ୱର,୦୨/୧୧(ନି.ପ୍ର): ତହସିଲଦାରଙ୍କ ନାମ ରାମଚନ୍ଦ୍ର ଏବଂ ସାନଭାଇଙ୍କ ନାମ ଲକ୍ଷ୍ମଣ । କିନ୍ତୁ ଦୁର୍ନୀତିରେ ଏମାନେ ସମସ୍ତଙ୍କଠୁ ଆଗରେ । ସାନ ଭାଇ ଲକ୍ଷ୍ମଣଙ୍କ ସହ ମିଶି ଦୁର୍ନୀତି କରୁଥିଲେ ତହସିଲଦାର ରାମଚନ୍ଦ୍ର ଜେନା । ଭିଜିଲାନ୍ସ ରେଡ୍ ପରେ ଏବେ ଏହି ତଥ୍ୟ ସବୁ ପଦାକୁ ଆସିଛି । ଖାଲି ଏତିକି ନୁହେଁ ତହସିଲଦାରଙ୍କର ୫ଟି ପାନ କାର୍ଡ ସାମ୍ନାକୁ ଆସିଛି । ଏହି ୫ଟି ପାନକାର୍ଡରେ ରହିଛି ଭିନ୍ନ ଭିନ୍ନ ତଥ୍ୟ । କେଉଁଠି ବାପା ନାଁ ଅଲଗା ତ ଆଉ କେଉଁଠି ଜନ୍ମ ତାରିଖ । ନିମାପଡା ତହସିଲଦାର ରାମଚନ୍ଦ୍ର ଜେନା । ଆପଣ ଏହି ବାବୁଙ୍କ ଦୁର୍ନୀତି କରିବାର ତରିକାକୁ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ । ଠକିବା ପାଇଁ ନିଜର ଏକାଧିକ ବାପା ଥିବା ଦର୍ଶାଇଥିଲେ ଏହି ଅଧିକାରୀ, ଯାହାର ପୁରା ତଥ୍ୟ ଭିଜିଲାନ୍ସ ରେଡ୍ ବେଳେ ଜଣାପଡିଥିଲା । ରାମଚନ୍ଦ୍ର ଜେନାଙ୍କ ନାମରେ ଥିବା ଏହି ୫ଟି ପାନକାର୍ଡରେ ରହିଛି ଭିନ୍ନ ଭିନ୍ନ ତଥ୍ୟ । କେଉଁଠି ବାପା ନାଁ ଅଲଗା ତ ଆଉ କେଉଁଠି ଜନ୍ମ ତାରିଖ । ଲାଗୁଛି ଏକାଧିକ ପାନକାର୍ଡ ଜରିଆରେ ଭିନ୍ନ ଭିନ୍ନ ଆକାଉଣ୍ଟ ଖୋଲି ଟଙ୍କା ଜମା ରଖିବାର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଥିଲେ ବାବୁ ଜଣଙ୍କ । ଫଳରେ ନାଁ ଆୟକର ବିଭାଗର ଡର ଥିବ ନା ଆୟକର ଦାଖଲ କରିବାର ଚିନ୍ତା । ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାମଚନ୍ଦ୍ରଙ୍କ

▶▶ପୃଷ୍ଠା ୭

## କଂଗ୍ରେସ ନାଁରେ ନୂଆ ଦଳ ଗଠନ କଲେ କ୍ୟାପ୍ଟେନ୍



ଅମୃତସର,୦୨/୧୧ (ନି.ପ୍ର): ସବୁ ଅପେକ୍ଷାର ଅନ୍ତ ଘଟାଇ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପଟ୍ଟେନ ଅମରିନ୍ଦର ସିଂହ ନିଜ ନୂଆ ଦଳର ନାଁ ଘୋଷଣା କରିଛନ୍ତି । ସେ କଂଗ୍ରେସ ଛାଡ଼ିଥିଲେ ମଧ କଂଗ୍ରେସ ନାଁରେ ହିଁ ନିଜ ନୂଆ ଦଳ ଗଠନ କରିଛନ୍ତି । ଆଜି ବିଧିବଦ୍ଧ ଭାବେ ଅମରିନ୍ଦର ସିଂହ କଂଗ୍ରେସ ଛାଡ଼ିବା ସମ୍ପର୍କରେ ସୋନିଆ ଗାନ୍ଧିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ନିଜ ଇସ୍ତଫା ସମ୍ପର୍କରେ ସେ ଟ୍ୱିଟ କରି ସୂଚନା ଦେଇଛନ୍ତି । କଂଗ୍ରେସରୁ ବିଧିବଦ୍ଧ ଭାବେ ଇସ୍ତଫା ଦେବା ପରେ ସେ ନିଜର ନୂଆ ଦଳର ନାଁ ଘୋଷଣା କରିଛନ୍ତି । କ୍ୟାପଟ୍ଟେନ ତାଙ୍କ ନୂଆ ଦଳର ନାଁ ପଞ୍ଜାବ ଲୋକ କଂଗ୍ରେସ ରଖିଛନ୍ତି । ତେବେ ତାଙ୍କ ଦଳର ପଞ୍ଜୀକରଣ ଆବେଦନ ଭାରତୀୟ ନିର୍ବାଚନ କମିଶନଙ୍କ ପାଖରେ ପଡ଼ି ରହିଛି ବୋଲି ସେ ସୂଚନା ଦେଇଛନ୍ତି । ଆସନ୍ତାବର୍ଷ ପଞ୍ଜାବରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଏହାପୂର୍ବରୁ ଆଜି କ୍ୟାପଟ୍ଟେନ ନିଜ ନୂଆ ଦଳର ନାଁ ଚଣ୍ଡିଗଡ଼ ଠାରେ ସାର୍ବଜନୀନ କରିଛନ୍ତି । ସେ କହିଛନ୍ତି, ପୂର୍ବରୁ ଆମେ ଆମର ନିଜସ୍ୱ ଦଳ ଗଠନ କରିବା ସମ୍ପର୍କରେ ଘୋଷଣା କରିଥିଲୁ । ଆମ ଓକିଲ ଟିମ୍ ଏହି ପ୍ରକ୍ରିୟାରେ ଲାଗିଛନ୍ତି ଓ ଦଳର ପଞ୍ଜୀକରଣ ଆବେଦନ ଭାରତୀୟ ନିର୍ବାଚନ କମିଶନଙ୍କ ପାଖରେ ରହିଛି । ଆମ ଦଳର ନାଁ ପଞ୍ଜାବ ଲୋକ କଂଗ୍ରେସ ରହିବ । ନିର୍ବାଚନ କମିଶନ ଏହି ପ୍ରସ୍ତାବିତ ନାଁ ଉପରେ ମଧ ଆପତ୍ତି ଉଠାଇ ନାହାନ୍ତି । ଆମେ ୩ଟି ପ୍ରସ୍ତାବିତ ଦଳୀୟ ଚିହ୍ନ ନିର୍ବାଚନ କମିଶନଙ୍କ ପାଖକୁ ପଠାଇଥିଲୁ । ସେମାନେ ମଧ ଆମକୁ ୩ଟି ସମ୍ଭାବ୍ୟ ଚିହ୍ନ ଦେଇଛନ୍ତି । ଏହି ୬ଟି ପ୍ରସ୍ତାବିତ ଚିହ୍ନ ମଧରୁ ଗୋଟିଏ ଆମେ ଚୟନ କରିବୁ । ସବୁ କିଛି ପ୍ରକ୍ରିୟା ଶେଷ ହେବା ପରେ ପାର୍ଟିକୁ ଲଞ୍ଚ କରାଯିବ । ପାର୍ଟି ଲଞ୍ଚ ହେବା ବେଳେ ଏହାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ନୀତି ଗୁଡ଼ିକ ବିଷୟରେ ଘୋଷଣା କରାଯିବ ବୋଲି କ୍ୟାପଟ୍ଟେନ ଅମରିନ୍ଦର ସିଂହ କହିଛନ୍ତି । ଅନ୍ୟପକ୍ଷରେ କ୍ୟାପଟ୍ଟେନ ଅମରିନ୍ଦର ସିଂହ ନିଜର ଇସ୍ତଫାପତ୍ରରେ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି ଓ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ବିରୋଧରେ ଅନେକ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ରାହୁଲ ଓ ପ୍ରିୟଙ୍କା ସବୁ ଜାଣି ମଧ ନବଜୋତ ସିଂହ ସିଦ୍ଧୁଙ୍କ ଭଳି ଜଣେ ଅସ୍ଥିର ଓ ପାକିସ୍ତାନ ପ୍ରେମୀଙ୍କୁ ସମର୍ଥନ କରିଛନ୍ତି । ସୋନିଆ ଗାନ୍ଧି ସବୁ ଜାଣି ମଧ ପୂରା ଘଟଣାରେ ଆଖି ବନ୍ଦ କରି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

## ସମବାୟ ନିର୍ବାଚନ ପାଇଁ ବାଟ ଫିଟିଲା

ଭୁବନେଶ୍ୱର,୦୨/୧୧ (ନି.ପ୍ର): ସୁନ୍ଦରଗଡ ସମବାୟ ବ୍ୟାଙ୍କ୍ ନିର୍ବାଚନ ପାଇଁ ରାଜ୍ୟ ସମବାୟ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ମାସେ ମଧ୍ୟରେ ନିର୍ବାଚନ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସମବାୟ ନିର୍ବାଚନ ପରିଚାଳନା ଦାୟିତ୍ୱ ଜିଲ୍ଲାପାଳଙ୍କ ହାତରେ ଦିଆଯିବା ନିଷ୍ପତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ଏହାପରେ ରାଜ୍ୟରେ ସମବାୟ ନିର୍ବାଚନ ପାଇଁ ବାଟ ଫିଟିଛି । ନିର୍ବାଚିତ ସଦସ୍ୟମାନଙ୍କ କାର୍ଯ୍ୟକାଳ ଦେଢବର୍ଷ ହେବ ଶେଷ ହୋଇଥିବା ବେଳେ ସରକାର ସମବାୟ ନିର୍ବାଚନ କରୁନାହାନ୍ତି । ଏହା ସମବାୟ ଆଇନ ର ଉଲ୍ଲଂଘନ ବୋଲି ଦର୍ଶାଇ ହାଇକୋର୍ଟରେ ଆବେଦନ କରାଯାଇଥିଲା ।

## ହିମାଚଳ ପ୍ରଦେଶରେ ସବୁ ଆସନ ପୋଛି ନେଲା କଂଗ୍ରେସ



ଶିମଲା,୦୨/୧୧ (ନି.ପ୍ର): ହିମାଚଳ ପ୍ରଦେଶରେ କ୍ଷମତାସୀନ ବିଜେପିକୁ ଉପ ନିର୍ବାଚନରେ ଜୋରଦାର ଝଟକା ଲାଗିଛି । ରାଜ୍ୟରେ ବିଜେପି କ୍ଷମତାରେ ଥିବାରୁ ୩ ବିଧାନସଭା ଓ ଗୋଟିଏ ଲୋକସଭା ଆସନରେ ଅନୁଷ୍ଠିତ ହେଉଥିବା ଉପ ନିର୍ବାଚନ ଫଳଫଳ ଦଳ ସପକ୍ଷରେ ଯିବ ବୋଲି ସମସ୍ତେ ଆଶା କରିଥିଲେ । କିନ୍ତୁ ବିଭିନ୍ନ ରାଜ୍ୟରେ ନୈରାଶ୍ୟଜନକ ପ୍ରଦର୍ଶନ କରୁଥିବା କଂଗ୍ରେସ ସବୁ ଆକଳନକୁ ଓଲଟପାଲଟ କରି ଦେଇଛି । କଂଗ୍ରେସ ହିମାଚଳ ପ୍ରଦେଶର ମଣ୍ଡି ଲୋକସଭା ସହ ସମସ୍ତ ୩ ବିଧାନସଭା ଆସନ ଫତେପୁର, ଅରକି ଓ ଜୁବ୍ବାଲ କୋଟଖାଇରେ ବିଜୟ ବାନା ଉଡ଼ାଇଛି । ବିଜେପି କୌଣସି ଆସନରେ ବି ଜିତିବାକୁ ସକ୍ଷମ ହୋଇନି । ଆସନ୍ତାବର୍ଷ ଉତ୍ତର ପ୍ରଦେଶ ସମେତ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଏହାପୂର୍ବରୁ ବିଜେପି ଶାସିତ ଅଞ୍ଚଳରେ ଦଳ ଉପ ନିର୍ବାଚନରେ ହାରିବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି । ସେହିପରି ଲଗାତର ପରାଜୟ

▶▶ପୃଷ୍ଠା ୭

## ସର୍ବନିମ୍ନ ମଜୁରୀର ସଂଶୋଧନ କଲେ ଓଡ଼ିଶା ସରକାର

ଭୁବନେଶ୍ୱର,୦୨/୧୧ (ନି.ପ୍ର): ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅକ୍ଟୋବର ପହିଲାରୁ ପିଛିଲା ଭାବେ ସର୍ବନିମ୍ନ ମଜୁରୀର ସଂଶୋଧନ କରିଛନ୍ତି । ଏହାଦ୍ୱାରା ରାଜ୍ୟର ୮୯ଟି ଘରୋଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ସର୍ବାଧିକ କୁଶଳୀ ଶ୍ରମିକମାନଙ୍କୁ ଫାଇଦା ମିଳିବ । ରାଜ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟ ସର୍ବନିମ୍ନ ମଜୁରୀ ପରାମର୍ଶଦାତା ବୋର୍ଡର ୫୨ତମ ବୈଠକରେ ସବୁ ବର୍ଗର ଶ୍ରମିକଙ୍କ ଦୈନିକ ମହଙ୍ଗା ଭତ୍ତା ୪ଟଙ୍କା ବୃଦ୍ଧି ନିମନ୍ତେ ନିଷ୍ପତ୍ତି ହୋଇଛି ।

## ଭୁବନେଶ୍ୱରରୁ ରାଜସ୍ଥାନର ଜୟପୁରକୁ ସିଧାସଳଖ ବିମାନସେବାର ଶୁଭାରମ୍ଭ




ନୂଆଦିଲ୍ଲୀ/ଭୁବନେଶ୍ୱର,୦୨/୧୧ (ନି.ପ୍ର): ରାଜ୍ୟର ଉପାନ୍ତ ଅଂଚଳରେ ଡ୍ରୋନ୍ ଟେକ୍ନୋଲୋଜି ମାଧ୍ୟମରେ ଜନଜାତି ସମ୍ପ୍ରଦାୟଙ୍କୁ ବିଭିନ୍ନ ସେବା ଯୋଗାଇ ଦେବା ପାଇଁ ପାଇଲଟ୍ ପ୍ରକଳ୍ପ ଭାବରେ ଓଡ଼ିଶାକୁ ନେବା ପାଇଁ ବିଚାର କରିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ. ସିନ୍ଧିଆ ଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଓଡ଼ିଶାର ଜୈବିକ କୃଷି ସାମଗ୍ରୀକୁ ବିଶ୍ୱ ବଜାରରେ ପହଁଚାଇବା ପାଇଁ ବେସାମରିକ ବିମାନ ଚଳାଚଳ ଓ ରେଳ ବିଭାଗ ମିଳିତ ଉଦ୍ୟମ କରିବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ମଙ୍ଗଳବାର ଭର୍ଚ୍ଚୁଆଲ ପ୍ଲାଟଫର୍ମରେ ମନ୍ଦିରମାଳିନୀ ସହର ଭୁବନେଶ୍ୱରରୁ ଗୋଲାପି ସହର ରାଜସ୍ଥାନର ଜୟପୁରକୁ ସିଧାସଳଖ ବିମାନସେବାର ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ. ସିନ୍ଧିଆ ଓ ଅଶ୍ୱିନୀ ବୈଷ୍ଣବଙ୍କ ସହ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନରେ ଓଡ଼ିଶାରେ ଆକାଶପଥରେ ଯୋଗାଯୋଗ ବ୍ୟବସ୍ଥା

▶▶ପୃଷ୍ଠା ୭

## ଆଜି ୧୨ ଘଂଟିଆ କୁଚିଣ୍ଡା ବନ୍ଦ ଡାକରା ଦେଲା ବିଜେପି

ସମ୍ବଲପୁର /ଭୁବନେଶ୍ୱର,୦୨/୧୧(ନି.ପ୍ର): ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଚିଣ୍ଡା ଗସ୍ତ ଅବସରରେ ଅନ୍ୟ ଜିଲ୍ଲାରୁ ଆସିଥିବା ଶାସକ ବିଜୁ ଜନତା ଦଳର ଗୁଣ୍ଡରାଜ ବିରୁଦ୍ଧରେ ବିଜେପି କୁଚିଣ୍ଡା ପକ୍ଷରୁ ଆସନ୍ତା କାଲି (ବୁଧବାର) ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଂଟିଆ କୁଚିଣ୍ଡା ବନ୍ଦ ଡାକରା ଦିଆଯାଇଛି । ଗରିବ, ସରଳ, ନିରୀହ, ଆଦିବାସୀ ବହୁଳ ଶାନ୍ତିପ୍ରିୟ କୁଚିଣ୍ଡା ଅଂଚଳରେ ଆଜି ଶାସକ ବିଜୁ ଜନତା ଦଳ ର ପଦାଧିକାରୀ ଓ କାର୍ଯ୍ୟକର୍ତା ମାନେ ଯେଉଁଭଳି ହିଂସାକାଣ୍ଡ ଘଟାଇଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଓ ଅଗଣତନ୍ତ୍ରିକ । ଏହି ବନ୍ଦ ଡାକରା ଟି ସମ୍ପୂର୍ଣ୍ଣ କୁଚିଣ୍ଡା ଉପଖଣ୍ଡ ପାଇଁ ରଖାଯାଇଛି । କୁଚିଣ୍ଡା ମାଟିର ମାନ, ସମ୍ମାନ ଓ ସ୍ୱାଭିମାନ ର ଏହି ଲଢେଇ ରେ ସମସ୍ତ କୁଚିଣ୍ଡାବାସୀ ସାମିଲ ହୋଇ ଏହି ବନ୍ଦ ଡାକରା କୁ ସମର୍ଥନ କରନ୍ତୁ ବୋଲି ପୂର୍ବତନ କୁଚିଣ୍ଡା ବିଧାୟକ ତଥା ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାୟକ ସମସ୍ତଙ୍କୁ ସଂଗ୍ରାମୀ ଆହ୍ୱାନ ଦେଇଛନ୍ତି ।

## ସମ୍ବଲପୁରରେ ସ୍ମାର୍ଟ ହେଲ୍‌ଥ୍ କାର୍ଡ ବଂଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୨/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦିନ ସମ୍ବଲପୁର ଜିଲ୍ଲାର କୁଚିଣ୍ଡାଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ୍ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାର ୭ ଲକ୍ଷ ୭୩ ହଜାର ଲୋକ ଏଥିରୁ ଉପକୃତ ହେବେ । ସମ୍ବଲପୁର ସହିତ ରାଜ୍ୟର ୮ଟି ଜିଲ୍ଲା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଏହାସହିତ ମୁଖ୍ୟମନ୍ତ୍ରୀ ସମ୍ବଲପୁର ଜିଲ୍ଲାରେ ୧୫୫୩ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ସେଥିରୁ ୩୫୦ କୋଟି ଟଙ୍କାର ପ୍ରକଳ୍ପ ଉଦଘାଟିତ ହୋଇଥିଲା । ୨୦୨୨ରେ ସମ୍ବଲପୁର ଜିଲ୍ଲାର ପ୍ରତି ଘରକୁ ପାଇପ୍ ପାଣି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମା ସମଲେଇଙ୍କ ଆଶୀର୍ବାଦ ପାଇଁ ଲକ୍ଷ ଲକ୍ଷ ଭକ୍ତ ମା'ଙ୍କ ପୀଠକୁ ଆସୁଛନ୍ତି । ତେଣୁ ଏ ପୀଠର ବିକାଶ ପାଇଁ ସରକାରଙ୍କ ଉଦ୍ୟମରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ମୁଖ୍ୟମନ୍ତ୍ରୀ କହିଲେ ଯେ ସ୍ମାର୍ଟ ହେଲ୍‌ଥ କାର୍ଡ ଦ୍ୱାରା ରାଜ୍ୟର ୯୬ ଲକ୍ଷ ପରିବାରର ସାଢେ ତିନି କୋଟି ଲୋକ ଉପକୃତ ହେବେ । ଏହି ଅବସରରେ ସଡକ ଦୁର୍ଘଟଣାରେ ବହୁ ଲୋକଙ୍କର ମୃତ୍ୟୁ ହେଉଥିବା ସଂପର୍କରେ ଚିନ୍ତାପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ କ୍ଷେତ୍ରରେ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦିଆଯାଇ ପାରିଲେ, ଅନେକ ମୂଲ୍ୟବାନ ଜୀବନ ବଂଚାଇ ହେବ । ଆହତ ଲୋକଙ୍କୁ ତୁରନ୍ତ ଚିକିତ୍ସା ପାଇଁ ରାଜ୍ୟ ସରକାର ୧୪୭ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଦୁର୍ଘଟଣା କ୍ଷେତ୍ରରେ ପ୍ରଥମ ୪୮ ଘଂଟା ମଧରେ ଚିକିତ୍ସା ଯୋଗାଇ ଦେବା ଅତି ଜରୁରୀ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ପାଣ୍ଠି ଜରିଆରେ ଦୁର୍ଘଟଣାର ପ୍ରଥମ ୪୮ ଘଂଟା ମଧରେ ସମସ୍ତ ଚିକିତ୍ସା ଖର୍ଚ୍ଚ ଏହି ପାଣ୍ଠିରୁ ବହନ କରାଯିବ । ମୁଖ୍ୟମନ୍ତ୍ରୀ ଆଜି ସମ୍ବଲପୁରରେ ୧୫୫୩ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଆରମ୍ଭ କରିଥିଲେ ଏବଂ ଏଥିରୁ ୩୫୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଭଲ ପିଇବା ପାଣି ଉପରେ ଗୁରୁତ୍ୱ ଦେଉଛନ୍ତି ।

▶▶ପୃଷ୍ଠା ୭

## ଅନିଲ ଦେଶମୁଖ ମନି ଲଣ୍ଡରିଂ ମାମଲାରେ ୬ ନଭେମ୍ବର ପର୍ଯ୍ୟନ୍ତ ଇଡିଙ୍କ ହାଜତରେ



ମୁମ୍ବାଇ,୦୨/୧୧ (ନି.ପ୍ର): ପୂର୍ବ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ମୁମ୍ବାଇ ବିଶେଷ କୋର୍ଟ ମଂଗଳବାର ମନି ଲଣ୍ଡରିଂ ମାମଲାରେ ଛାନଭିନ କରିବା ପାଇଁ ୬ ନଭେମ୍ବର ପର୍ଯ୍ୟନ୍ତ ପ୍ରବର୍ତନ ନିର୍ଦ୍ଦେଶାଳୟର ହାଜତରେ ରଖିବାକୁ ଆଦେଶ ଦେଇଛନ୍ତି । ଅନିଲ ଦେଶମୁଖ ୧୦୦ କୋଟ ବଟି ଆଦାୟ ମାମଲାରେ ସୋମବାର ରାତିରେ ଇଡି ଗିରଫ କରିଛି । ଇଡିର ଟିମ୍ ଅନିଲ ଦେଶମୁଖଙ୍କୁ ମେଡିକାଲ ଜାଂଚ କରିବା ପାଇଁ ଜେ ଜେ ହସ୍ପିଟାଲକୁ ନେଇଯାଇଥିଲେ । ଏହାପରେ ଇଡିର ଟିମ୍ ଅନିଲ୍ ଦେଶମୁଖଙ୍କୁ ବିଶେଷ କୋର୍ଟରେ ହାଜର କରାଇଥିଲା । ଇଡିର ଓକିଲ ଅନିଲ ସିଂହ ଏବଂ ହିତେନ ବନେଗା ବକର ମଧ ହାଜର ହୋଇଥିଲେ । ଅନିଲ୍ ସିଂହ କହିଛନ୍ତି ଅନିଲ୍ ଦେଶମୁଖ ଙ୍କୁ ଇଡି ବଟି ଆଦାୟ ମାମଲାରେ ବିଷୟରେ ପଚରା ଉଚରା କରୁଛି । ଏଥିପାଇଁ ଅନିଶ ଦେଶ ମୁଖଙ୍କୁ ୧୪ଦିନପାଇଁ ଇଡି ରିମାଣ୍ଡରେ

▶▶ପୃଷ୍ଠା ୭

## କୋହଲିଙ୍କ ଝିଅକୁ ସୋସିଆଲ ମିଡିଆରେ ମିଳୁଥିଲା ଧମକ

### ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସକୁ ନୋଟିସ ପଠାଇଲା ଦିଲ୍ଲୀ ମହିଳା କମିଶନ

ନୂଆଦିଲ୍ଲୀ,୦୨/୧୧: ଟି-୨୦ ବିଶ୍ୱକପରେ ପାକିସ୍ତାନ ଠାରୁ ପରାଜିତ ହେବା ପରେ ଟିମ୍ ଇଣ୍ଡିଆକୁ ଚାରିଆଡୁ ସମାଲୋଚନା କରାଯାଉଛି । ଟିମ୍ ଇଣ୍ଡିଆର ପ୍ରଦର୍ଶନକୁ ନେଇ କ୍ରିକେଟ ପ୍ରଂଶସକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କିନ୍ତୁ ଏମାନଙ୍କ ମଧ୍ୟରେ ଏମିତି କିଛି ବ୍ୟକ୍ତି ରହିଛନ୍ତି ଯେଉଁମାନେ ସବୁ ସୀମା ପାର କରି ଯାଇଛନ୍ତି । ମାନବିକତା ଭୁଲି ଯାଇଛନ୍ତି, ଖେଳାଳୀଙ୍କ ପରିବାରକୁ ଅସଭ୍ୟ ଭାଷାରେ ଗାଳି କରିବାକୁ ବି ପଛାଇ ନାହାନ୍ତି । ଏଭଳି ବ୍ୟକ୍ତିଙ୍କର ମାନସିକତା ଏତେ ନିମ୍ନସ୍ତରକୁ ଖସି ଯାଇଛି ଯେ, କ୍ୟାପଟେନ କୋହଲିଙ୍କ ୯ ମାସର ଝିଅ ଭାମିକାଙ୍କୁ ନେଇ ଧମକ ଦେବା ସହ ଅପଶବ୍ଦ ବ୍ୟବହାର କରିଛନ୍ତି । ଆଉ ଏହି ଘଟଣାକୁ ନେଇ ଏବେ ଦିଲ୍ଲୀ ମହିଳା କମିଶନ କାର୍ଯ୍ୟାନୁଷ୍ଠାନ ନେବାକୁ ଆଗକୁ ଆସିଛି । ଏହି ଘଟଣାରେ ଦିଲ୍ଲୀ ମହିଳା କମିଶନ ଦିଲ୍ଲୀ ପୋଲିସକୁ ନୋଟିସ ଜାରି କରିଛି ଏବଂ ଏବେ ପର୍ଯ୍ୟନ୍ତ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ବାବଦରେ ତଥ୍ୟ ମାଗିଛି । ଦିଲ୍ଲୀର ସାଇବର କ୍ରାଇମ ସେଲକୁ ପ୍ରଶ୍ନ କରିବା ସହ କୋହଲିଙ୍କ ଝିଅକୁ ମିଳିଥିବା ଧମକ ବାବଦରେ ସୂଚନା ମାଗିଛି । ଏପ୍ରସଙ୍ଗରେ ତୁରନ୍ତ ମାମଲା ରୁଜୁ ହେବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ମହିଳା କମିଶନର ମୁଖ୍ୟ ସ୍ୱାତୀ ମାଲିୱାଲ । ସ୍ୱାତୀ କହିଛନ୍ତି, ମ୍ୟାଚରେ ହାର-ଜିତ୍ ଲାଗି ରହିଥାଏ, କିନ୍ତୁ ଆମକୁ ଟିମ୍ ସହ ଛିଡା ହେବା ଆବଶ୍ୟକ । କୌଣସି ପରିସ୍ଥିତିରେ ଖେଳାଳୀଙ୍କ ପରିବାରକୁ ଏହି ସବୁ ମାମଲାରେ ଟାଣିବା ଉଚିତ୍ ନୁହେଁ ବୋଲି କହିଛନ୍ତି ସ୍ୱାତୀ । ୮ ନଭେମ୍ବର ମଧ୍ୟରେ ଏହି ପ୍ରସଙ୍ଗରେ ସବିଶେଷ ତଥ୍ୟ ଦେବାକୁ କହିଛନ୍ତି ସ୍ୱାତୀ ।

## ରାଜଧାନୀରେ ଡବଲ ମର୍ଡର : ଘରେ ଭିତରେ ସ୍ତ୍ରୀ, ପୁଅର ମୃତଦେହ ଓ ସ୍ୱାମୀ ଅଟକ

ଭୁବନେଶ୍ୱର,୦୨/୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଡବଲ୍ ମର୍ଡର ହୋଇଛି । ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗନଗରରେ ଏକ ଘର ଭିତରେ ଜଣେ ମହିଳା ଓ ତାଙ୍କର ୧୦ ବର୍ଷ ପୁଅର ମୃତଦେହ ମିଳିଛି ।ପୋଲିସ ଘଟଣାସ୍ଥଳରେ ପହଂଚି ମାଆ ଓ ପୁଅଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି । ମହିଳାଙ୍କ ସ୍ୱାମୀ ଉଭୟଙ୍କୁ ହତ୍ୟା କରିଥିବା କୁହାଯାଉଛି । ପୋଲିସ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛଛି । ମାତ୍ର ହତ୍ୟାର କାରଣ ଜଣାପଡ଼ି ନାହିଁ । ପାରିପାର୍ଶ୍ୱିକ ପରିସ୍ଥିତିରୁ ପୋଲିସ ଜାଣିବାକୁ ପାଇଛି ଯେ, ପାରିବାରିକ କଳହ ଅଥବା ଅଶାନ୍ତିକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥାଇପାରେ । ଘଟଣାସ୍ଥଳରେ ତମାଣ୍ଡୋ ପୋଲିସ ପହଂଚି ଛାନଭିନ ଆରମ୍ଭ କରିଛି । ଅଭିଯୁକ୍ତ ସ୍ୱାମୀ ଅବନ୍ତୀ ମଙ୍ଗରାଜ ନିଜର ସ୍ତ୍ରୀ ଓ ପୁଅକୁ ତଂଟିଚିପି ହତ୍ୟା କରିଥିବା ପୁଲିସ ଆଗରେ ସ୍ୱୀକାର କରିଛି ।

# ଚାନ୍ଦିପୁରରେ ପ୍ରଦର୍ଶନୀ ମହିଳା ଫୁଟବଲ ମ୍ୟାଚ



ବାଲେଶ୍ୱର,୨/୧୧ (ନି.ପ୍ର): ଚାନ୍ଦିପୁର ଫୁଟବଲ ଆସୋସିଏସନ ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ଫୁଟବଲ ମ୍ୟାଚ 'ପିଏକ୍ସଇ' ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ସ୍ୱରପ ଦାସ ଏହାକୁ ଉଦଘାଟନ କରିବା ସହିତ ଖେଳାଳିଙ୍କ ଶୁଭେଚ୍ଛା ଜଣାଇଥିଲେ। ଫୁଟବଲ ଆସୋସିଏସନର ମାର୍ଗଦର୍ଶକ ଶେଖ ସାଦିକ ଅଲି ଓ ମୁଖ୍ୟ ପ୍ରଶିକ୍ଷକ ଏମ.ପି. ବାପିଙ୍କ ନିରନ୍ତର ଉଦ୍ୟମରେ ଚାନ୍ଦିପୁର ଅଞ୍ଚଳର ଛାତ୍ରଛାତ୍ରୀ ଫୁଟବଲ ଖେଳରେ ସଫଳତା ପାଇ ଜିଲା ତଥା ରାଜ୍ୟ ପାଇଁ ସୁନାମ ଆଣିପାରିଛନ୍ତି ବୋଲି ବିଧାୟକ ମତପ୍ରକାଶ କରିଥିଲେ। ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଆଇଟିଆର୍ ନିର୍ଦ୍ଦେଶକ ହରେକୃଷ୍ଣ ରଥ, ପିଏକ୍ସଇ ନିର୍ଦ୍ଦେଶକ ଡି କେ ଯୋଶୀ, ଇଷ୍ଟେଟ ମ୍ୟାନେଜର ଲେପ୍ଟନାଣ୍ଟ କର୍ଣ୍ଣେଲ ବିନୟାଗମ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଏଥରେ ଯୋଗଦେଇ ମହିଳା ଫୁଟବଲ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମହିଳାଙ୍କ ମଧ୍ୟରେ ଫୁଟବଲ ଖେଳ ପ୍ରତି ଆଗ୍ରହ ବୃଦ୍ଧି ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଫୁଟବଲ ଖେଳାଳୀମାନଙ୍କୁ ଉପହାର ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପିଏକ୍ସଇର ସୁରକ୍ଷା ଅଧିକାରୀ କର୍ଣ୍ଣେଲ ସୁମନ ଦତ୍ତ, ଲେଫ୍ଟନାଣ୍ଟ କର୍ଣ୍ଣେଲ ରାଜୀବ କୁମାର ବଳ ଓ ବିନୟ ଜ୍ଞାନ, ମେଜର ଏଲ ସି ସିଂହ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଶ୍ରୀକୋଣା ସରପଞ୍ଚ ରାଜୁ ପ୍ରଧାନ, ଜିଲା ପରିଷଦ ସଭ୍ୟ କମଳ ସାହୁ ପ୍ରମୁଖ ଏହି ଫୁଟବଲ ମ୍ୟାଚରେ ଉପସ୍ଥିତ ଥିଲେ। ଅଭ୍ୟୁଦୟ ଦାସ ଏଥିରେ ମଞ୍ଚ ଆହ୍ୱାନ କରି ଥିବା ବେଳେ ଆଲୋକ ଚନ୍ଦ୍ର ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନୁଷ୍ଠିତ ଆକର୍ଷଣୀୟ ମ୍ୟାଚରେ ବ୍ଲୁ ଟିମ୍ ପିଙ୍କ ଟିମକୁ ଟାଏ ବ୍ରେକରରେ ୨-୧ରେ ପରାସ୍ତ କରିଥିଲା। ଆଦିତ୍ୟ କୁମାର, ଅନୁ ସହାୟ, ଜୟନ୍ତୀପ୍ରଭା ସାମଲ, ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ମହେଶ୍ୱରପୁର ପଂଚାୟତରେ ବିଜେଡିର ମିଶ୍ରଣ ପର୍ବ

ଧର୍ମଶାଳା,୨/୧୧ (ନି.ପ୍ର): ପଂଚାୟତ ନିର୍ବାଚନ ଆଗକୁ ଆସୁଛି। ଅନେକ ନେତା ଓ କର୍ମୀ ଦଳ ପରିବର୍ତ୍ତନ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ କର୍ମୀ ଦଳ ଛାଡୁଛନ୍ତି। ଏହି କ୍ରମେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ବଳିଷ୍ଠ ଉଦ୍ୟମ ଓ ତାଙ୍କର ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଅନେକ ନେତା ଆଜି ବିଭିନ୍ନ ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତସ୍ଥ ଚାନ୍ଦପୁର ଗ୍ରାମର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଆଜି ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦିପ ଦାସଙ୍କ ସଭାପତିତ୍ୱରେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇଥିଲେ। ଏହି ପଂଚାୟତର ବହୁ ବିଜେପି ଓ କଂଗ୍ରେସ କର୍ମୀ ଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ପୂର୍ବତନ ସମିତି ସଭ୍ୟ ସୁରେନ୍ଦ୍ର ଦାସ,ସୁଦାମ ଦାସ,ଅଭିମନ୍ୟୁ ଦାସ, ରସାନନ୍ଦ ଦାସ,ସାଧୁ ଦାସ,ମନୋଜ ଦାସ,ବଗ ବୁଢା,ପଦ ପାଢୀ,ବିଜୟ ମିଶ୍ର,ଅର୍ଜ୍ଜୁନ ବେହେରା,ସେକ୍ ମୁସ୍ତକିନ,ଅକ୍ଷୟ ଦାସ,ବିକ୍ରମ ଦାସ,କିର୍ତନ ଦାସ,ପ୍ରଶାନ୍ତ ଦାସ ଓ ବିଜୟ ଦାସ ପ୍ରମୁଖ ବିଭିନ୍ନ ଦଳ ଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟିକା ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହେଶ୍ୱରପୁର ପଂଚାୟତର ପୂର୍ବତନ ସରପଂଚ ସେକ୍ ଅକ୍ତର ଅଲ୍ଲୀ(ଆବୁଲା) ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରୀ ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ସୁବୋଧ ଜେନା, ବାଲିଆ ପଂଚାୟତର ସମିତି ସଭ୍ୟ ପ୍ରଦୀପ ଘଡାଇ, ମହେଶ୍ୱରପୁର ପଂଚାୟତର ସମିତି ସଭ୍ୟ ନିରଞ୍ଜନ ବାରିକ, ମଙ୍ଗରାଜପୁର ପଂଚାୟତର ଯୁବ ନେତା ହିମାଂଶୁ ନାୟକ ଓ ଯୁବ ନେତା ସେକ୍ ଇନ୍ତୋ ପ୍ରମୁଖଙ୍କ ସମେତ ସ୍ଥାନୀୟ ବରିଷ୍ଠ ନେତା, ମହିଳା ଗୋଷ୍ଠୀ ସଭ୍ୟା ଓ ଯୁବ ନେତା ପ୍ରମୁଖ ଉପସ୍ଥିତ ରହିଥିଲେ।

## ନିଶାନିବାରଣ କେନ୍ଦ୍ରରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ପୁରୀ,୨/୧୧ (ନି.ପ୍ର): ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ବାଲିଘାଟ ନିକଟରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ତାଙ୍କ ସ୍ତ୍ରୀ ସୁମିତ୍ରା ରାଉତ ତାଳବଣିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ତାଙ୍କ ସ୍ୱାମୀଙ୍କ ନିଶା ସେବନ ଛଡ଼ାଇବା ପାଇଁ ନିଶାନିବାରଣ କେନ୍ଦ୍ରରେ ଛାଡ଼ିଥିଲେ। ନିଶା ଛଡ଼ାଇବା ପାଇଁ ଘର ଲୋକ କିଛି ଅର୍ଥ ଦେଉଥିଲେ। ନିଶା ନିବାରଣ କେନ୍ଦ୍ର ଜଣେ ବ୍ୟକ୍ତି ତାଙ୍କ ସ୍ୱାମୀ ଗାମୁଛାରେ ଭିଡ଼ି ହୋଇ ମରି ଯାଇଥିବା ଜଣାଇଥିଲେ।

## ଆଇସିଡିଏସ ସୁପରଭାଇଜରଙ୍କ ଚାକିରୀ ନିୟମିତ କରିବାକୁ ଦାବି

କେନ୍ଦ୍ରାପଡ଼ା,୨/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଚୁକ୍ତି ଭିତିକ ଗ୍ରାଜୁଏଟ୍ ଅଙ୍ଗନୱାଡି ସୁପର ଭାଇଜରମାନେ ସେମାନଙ୍କ ଚାକିରୀ ନିୟମିତ କରିବା ପାଇଁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମୁତାବକ ଜିଲ୍ଲାରେ ୧୪ ଜଣ ଶିକ୍ଷିତ ଗ୍ରାଜୁଏଟ୍ ଅଙ୍ଗନୱାଡି ୱାର୍କର ୫ବର୍ଷ କାମ କରିବା ପରେ ସିଲେକ୍‌ସନ କମିଟି ଦ୍ୱାରା ଅନୁମୋଦିତ ହୋଇ ମାସିକ ୪୭୫୦ ଟଙ୍କା ପାରିଶ୍ରମିକ ରେ ଚୁକ୍ତି ଭିତିରେ କାର୍ଯ୍ୟରତ ଅଛନ୍ତି। ଏହି ପାରିଶ୍ରମିକକୁ ମାସିକ ୧୬୮୦୦ ଟଙ୍କାକୁ ପରିବର୍ଦ୍ଧିତ କରାଯାଇଛି। ଜିଲ୍ଲାରେ ଦୁଇ ଦୁଇ ଥର ଚୁକ୍ତି ଭିତିକ ନିଯୁକ୍ତି କରାଯାଇ ଥିଲେ ମଧ ଦୀର୍ଘ ୧୧ ବର୍ଷ ହେଲା ନିୟମିତ କାର୍ଯ୍ୟକରି ଆସୁଥିବା ଏହି ଚୁକ୍ତି ଭିତିକ ଗ୍ରାଜୁଏଟ୍ ସୁପର ଭାଇଜରଙ୍କୁ ନିୟମିତ କରାଯିବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କୋରାଇ,୨/୧୧ (ନି.ପ୍ର): କୋରାଇ ବ୍ଲକ କନିଷ୍ଠ ଶିକ୍ଷକ ସଙ୍ଘ ପକ୍ଷରୁ ବିଭିନ୍ନ ସମସ୍ୟାକୁ ଆଲୋକପାତ କରିବା ନିମନ୍ତେ ଆଜି ବ୍ଲକ ଶିକ୍ଷାଧିକାରୀଙ୍କ ନକଟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦ୍ୟେଶରେ ଏକ ଦାବି ପତ୍ର ପ୍ରଦାନ କରାଯାଇଅଛି। କୋରାଇ ବ୍ଲକ କନିଷ୍ଠ ଶିକ୍ଷକ ସଙ୍ଗର ସଭାପତି ଅମିତ କୁମାର ବରାଳଙ୍କ ନେତୃତ୍ୱରେ ଆଜି କନିଷ୍ଠ ଶିକ୍ଷକ ମାନେ ଦରମା ବୃଦ୍ଧି, ଚୁକ୍ତିଭିତିକ କର୍ମଚାରୀ ମାନଙ୍କ ପାଇଁ ପ୍ରଣୀତ ହୋଇତବବା ନୂତନ ସୁବିଧା, ସୁଯୋଗ, ସର୍ବନିମ୍ନ ମଜୁରୀ ପ୍ରଦାନ ଆଦି ଦାବିରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦ୍ୟେଶରେ ଦାବି ପତ୍ର ପ୍ରଦାନ କରାଯାଇଛି। କୋରାଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରସାଇ ମୁଣ୍ଡୁରୀଙ୍କୁ ଏହି ଦାବି ପତ୍ର ପ୍ରଦାନ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ସବ୍ୟସାଚୀ ରଥ, ଶରତ ରାଉତ, ଅମରେଶ ଜେନା, ରାଜୀଆ ବେଗମ, ଉପାସନା ଧିର, ସସ୍ମିତା ପାଢୀ, ସରିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମିଳିଥିବା ସୂଚନା ଅନୁଯାୟୀ ସରକାରଙ୍କ ପକ୍ଷରୁ ରାଜ୍ୟର ସମସ୍ତ ଠିକା କର୍ମଚାରଙ୍କ ବୃଦ୍ଧି ସହିତ ଅନ୍ୟାନ ସବୁିଧା ସୁଯୋଗ ପ୍ରଦାନ କରାଯାଇଥିବା ସ୍ଥଳେ ଚୁକ୍ତିଭିତିକ କନିଷ୍ଠ ଶିକ୍ଷକ/ ଶିକ୍ଷୟତ୍ରୀ ମାନଙ୍କୁ ଏହି ସୁବିଧାରୁ ବଂଚିତ କରାଯାଇଅଛି। ମାତ୍ର ମାସିକ ୬ହଜାର ୫ଶହ ୧୨ ଟଙ୍କା ବେତନରେ ସେମାନେ କାର୍ଯ୍ୟକରି ଆସୁଛନ୍ତି।

# କଳାକାର ପ୍ରଶିକ୍ଷଣ କେନ୍ଦ୍ର 'ଦେବ୍ସ ଆକ୍ଟର ଫ୍ୟାକ୍ଟ୍ରି' ଉଦ୍‌ଘାଟିତ




ବାଲେଶ୍ୱର,୨/୧୧ (ନି.ପ୍ର): ବାଲେଶ୍ୱରରେ ଆଶାୟୀ କଳାକାରଙ୍କ ପ୍ରଶିକ୍ଷଣ ନିମନ୍ତେ ଓଡିଆ ଚଳଚ୍ଚିତ୍ର ଅଭିନେତା ଦେବେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ କଳାକାର ପ୍ରଶିକ୍ଷଣ କେନ୍ଦ୍ର 'ଦେବ୍ସ ଆକ୍ଟର ଫ୍ୟାକ୍ଟ୍ରି' ବିବେକାନନ୍ଦ ମାର୍ଗରେ ଉଦଘାଟିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି 'ଦେବ୍ସ ଆକ୍ଟର ଫ୍ୟାକ୍ଟ୍ରି'କୁ ଉଦଘାଟନ କରିଥିଲେ। ବାଲେଶ୍ୱର ଜିଲା କଳା ଓ ସଂସ୍କୃତିରେ ଭରପୂର ହୋଇଥିବା ବେଳେ ଲୋକଲୋଚନରେ ଉହାଡ଼ରେ ରହିଯାଉଥିବା କଳାକାରମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ପ୍ରଦାନରେ ଏହି ଅନୁଷ୍ଠାନ ସଫଳ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରଥିଲେ। ବାଲେଶ୍ୱର ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, କଳା ସଂଗଠକ ରାଜେନ୍ଦ୍ର ରାଉତ, ଶିକ୍ଷାବିତ ସଞ୍ଜୟ ସାହୁ, ଜ୍ୟୋତିର୍ବିଦ୍ ପଣ୍ଡିତ ମନ୍ମଥ ମିଶ୍ର, ଚଳଚ୍ଚିତ୍ର ନିର୍ମାତା ସୁମନ୍ତ ଦେ ଏଥିରେ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଉତ୍ତର ଓଡ଼ିଶାର କଳାକାରମାନେ ନିଜର ଭବିଷ୍ୟତ ନିର୍ମାଣରେ ନାନାଦି ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ 'ଦେବ୍‌ସ ଆକ୍ଟର ଫ୍ୟାକ୍ଟ୍ରି' ହିଁ ସେମାନଙ୍କ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଦେବବ୍ରତ ପ୍ରଧାନ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ନୂତନ ଭାବେ ଜନ୍ମ ନେଇଥିବା ଅନୁଷ୍ଠାନର ସଫଳତା କାମନା ସହ ଅତିଥି ଓ କର୍ମକର୍ତ୍ତାମାନେ କେକ କାଟିଥିଲେ।

# ପୌରାଞ୍ଚଳ ସ୍ୱଚ୍ଛସାଥୀଙ୍କ ପକ୍ଷରୁ ସଚେତନତା ଶୋଭାଯାତ୍ରା

ବାଲେଶ୍ୱର,୨/୧୧ (ନି.ପ୍ର): ବାଲେଶ୍ୱର ପୌରାଞ୍ଚଳ ସ୍ୱଛତା ଅଭିଯାନରେ ସାମିଲ ସ୍ୱଚ୍ଛ ସାଥୀମାନଙ୍କ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଝାଡେଶ୍ୱର ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ସାମିଲ ମହିଳାମାନେ ସଚ୍ଛତା ସମ୍ପର୍କିତ ପ୍ଲା'କାର୍ଡ଼ ପ୍ରଦର୍ଶନ ଓ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ବିଶେଷ କରି ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ କରୁଥିବା ସ୍ୱଚ୍ଛସାଥୀଙ୍କୁ ସହଯୋଗ କରିବା, ଘରର ଆବର୍ଜନାକୁ ବର୍ଗୀକରଣ ସହ ସ୍ୱଚ୍ଛ ସବାରୀକୁ ଦେବା ପାଇଁ ସେମାନେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସୁବାସିନୀ ପଟ୍ଟନାୟକ, ସସ୍ମିତା ବେହେରା ଓ ମୀନାକ୍ଷୀ ପଣ୍ଡା ପ୍ରମୁଖ ସୁପରଭାଇଜରଙ୍କ ନେତୃତ୍ୱରେ ଆୟୋଜିତ ଏହି ସଚେତନତା ଶୋଭାଯାତ୍ରାରେ ସାନ୍ତ୍ୱନା ବାରିକ, ବାସନ୍ତି ବର୍ଦ୍ଧନ, ଝରଣା ମହାନ୍ତି, ରୀନାରାଣୀ ଖଟୁଆ, ପ୍ରତିଭା ଦାସ, ଲାଲି ବିବି, ସଙ୍ଗୀତା ପାଲିତ, ସୁଜାତା ସାହୁ, ଦମୟନ୍ତୀ ପଣ୍ଡିତ, ଦମୟନ୍ତୀ ମହାପାତ୍ରଙ୍କ ସମେତ ବହୁ ସ୍ୱଚ୍ଛ ସାଥୀ ସାମିଲ ହୋଇଥିଲେ। ଏହି ସଚେତନତା ଶୋଭାଯାତ୍ରା ପୌରଞ୍ଚଳର ୧୭, ୧୮, ୨୨, ୨୩, ୨୭, ୨୮ ଓ ୩୦ନଂ ୱାର୍ଡ଼ ପରିକ୍ରମା କରିଥିଲା।

# ଦ୍ୱିତୀୟ ଓଡ଼ିଶା ରାଜ୍ୟ ରୋଲର ସ୍ପୋର୍ଟସ୍ ଚମ୍ପିଆନସିପରେ ବ୍ରହ୍ମପୁର ସ୍କେଟରଙ୍କ ସଫଳତା

ଗଞ୍ଜାମ,୨/୧୧ (ନି.ପ୍ର): ସ୍କେଟିଂ ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ଅକ୍ଟୋବର ମାସ ୨୯ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ମୁସ୍କାନ ଇଣ୍ଟରନ୍ୟାସନାଲ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଥିବା ଦ୍ୱିତୀୟ ଓଡ଼ିଶା ରାଜ୍ୟ ରୋଲର ସ୍ପୋର୍ଟସ୍ ଚମ୍ପିଆନସିପ୍ ତଥା ଅଷ୍ଟମ ଚୟନ ଶିବିର-୨୦୨୧-୨୨ରେ ବ୍ରହ୍ମପୁର ସ୍କେଟର ମାନେ ସଫଳତା ହାସଲ କରିଛନ୍ତି। ଏହି ଚମ୍ପିଆନସିପ୍ ରେ ବିଭିନ୍ନ ବର୍ଗର ବାଳିକା ଓ ବାଳକ ବିଭାଗରେ ୮ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ହାସଲ କରିଛନ୍ତି। ବାଳିକା ବିଭାଗରେ ୯-୧୧ ବର୍ଷ ବର୍ଗରେ ସ୍କେଟର ଅନ୍ୱେଷା ବିଷୋୟୀ ତିନୋଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୧୧-୧୪ ବର୍ଷ ବର୍ଗରେ ସମୀକ୍ଷା ନାୟକ ତିନୋଟି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ବାଳକ ବିଭାଗର ୭-୯ ବର୍ଷ ବର୍ଗରେ ଶୁଭ୍ରଜିତ୍ ସାହୁ ୩ଟି ସ୍ୱର୍ଣ୍ଣ ଓ ଆର୍ଯ୍ୟଶେ୍ ମହାପାତ୍ର ୧ସ୍ୱର୍ଣ୍ଣ, ସହ ଗୋଟିଏ କାଂସ୍ୟ ପଦକ, ୧୧-୧୪ ବର୍ଷ ବର୍ଗରେ ଆଶୁତୋଷ ପାଢୀ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଦେବାଙ୍ଗ ରାଉତ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ଅନୁରୂପ ଭାବେ ୧୭ ବର୍ଷରୁ ଅଧିକା ବାଳକ ବିଭାଗରେ ଗୌତମ ଗୌଡ଼ ଦୁଇଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ଡେରବୀ ସ୍କେଟିଂର ବାଳିକା ବିଭାଗରେ ଶ୍ରଦ୍ଧା ପ୍ରିୟଦର୍ଶିନୀ ଭାଗ ନେଇ ଜାତୀୟ କ୍ରୀଡ଼ା ପ୍ରତିଯୋଗୀତା ପାଇଁ ଚୟନ ହୋଇଛନ୍ତି। ଏହା ସହ ସ୍ପିଡ୍ ରୋଲର ସ୍କେଟିଂ ପ୍ରତିଯୋଗୀତାରେ ଉତ୍ତମ ପ୍ରଦର୍ଶନ କରିଥିବା ସ୍କେଟରମାନେ ଚଳିତ ବର୍ଷ ଡିସେମ୍ବର ମାସ ୧୦ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ରୋଲର ସ୍କେଟିଂ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ନୂଆଦିଲ୍ଲୀ ଠାରେ ଆୟୋଜିତ ହେବାକୁ ଥିବା ୫୯ତମ ଜାତୀୟ ରୋଲର ସ୍କେଟିଂ ଚମ୍ପିଆନସିପ୍ ୨୦୨୧-୨୨ରେ ଅଂଶ ଗ୍ରହଣ କରିବାକୁ ସୁଯୋଗ ପାଇଛନ୍ତି। ବ୍ରହ୍ମପୁର କମାପଲ୍ଲୀ ଆର.ସି. ଦାସ ଲେନ୍ ଠାରେ ଥିବା ସିଲକି ରୋଲର ସ୍କେଟିଂ ଏକାଡେମୀର ରୋଲର ସ୍କେଟିଂ କୋଚ୍ ଶ୍ରୀମନ୍ତ ପାଢୀ ଓ ଗୌତମ ଗୌଡ଼ଙ୍କ ଦ୍ୱାରା ସ୍କେଟରମାନେ ପ୍ରଶିକ୍ଷଣ ନେଇଥିଲେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବ୍ରହ୍ମପୁର ସ୍କେଟର ମାନଙ୍କ ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ ପରେ ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ସ୍କେଟର ମାନେ ଜୋରଦାର ଅଭ୍ୟାସ କରି ଉତମ ପ୍ରଦର୍ଶନ କରିବେ ବୋଲି ଆଶା ରଖିଛନ୍ତି।

# ସହରବାସୀଙ୍କ ପାଇଁ ପଶ୍ଚିମଦ୍ୱାର ପ୍ରବେଶ ଆରମ୍ଭ

ପୁରୀ ,୨/୧୧ (ନି.ପ୍ର): ବିଭିନ୍ନ ସଂଗଠନ ଓ ସହରବାସୀଙ୍କ ପକ୍ଷରୁ ଶ୍ରୀମନ୍ଦିର ଚାରଦ୍ୱାର ଖୋଲିବା ପାଇଁ ଦାବି ହେବା ପରେ ଶ୍ରୀମନ୍ଦିର ପ୍ରଶାସନ କେବଳ ପଶ୍ଚିମଦ୍ୱାରଟି ସହରବାସୀଙ୍କ ପ୍ରବେଶ ପାଇଁ ଅନୁମତି ପ୍ରଦାନ କରିଥିଲେ। ଆଜି ବିଧିବଦ୍ଧ ଭାବେ ପଶ୍ଚିମଦ୍ୱାରରେ ସହରବାସୀମାନେ ଆଧାରକାର୍ଡ଼ ଓ ଦୁଇଟି ଟିକା ପ୍ରମାଣପତ୍ର ଦେଖାଇ ପ୍ରବେଶ କରୁଥିବା ଦେଖିବାକୁ ମିଳିଛି। ଯେଉଁମାନେ ଦୁଇଟି ଟିକା ନେଇନଥିବେ ସେମାନେ ଆରଟିପିସିଆର ନେଗେଟିଭ ରିପୋର୍ଟ ଦେଖାଇ ପ୍ରବେଶ କରୁଛନ୍ତି ଏବଂ ଉତରଦ୍ୱାରରେ ପ୍ରସ୍ଥାନ କରୁଛନ୍ତି। ପୁରୀବାସୀଙ୍କ ତ୍ୟାଗ ଯୋଗୁଁ ଦୁଇବର୍ଷ ହେଲାଣି ରଥଯାତ୍ରା ସୁରୁଖୁରୁରେ ସମାପନ ହେଉଛି। ଶ୍ରୀମନ୍ଦିର ସହ ସହରବାସୀଙ୍କ ଦୈନନ୍ଦିନ ଦର୍ଶନ କରିବା, ଲଡୁମହାପ୍ରସାଦ ଆଣିବା ଓ ଅନ୍ୟାନ୍ୟ ଧାର୍ମିକ କାମ ପାଇଁ ବାରମ୍ବାର ଶ୍ରୀମନ୍ଦିରକୁ ପ୍ରବେଶ କରିବା ଆବଶ୍ୟକ ହେଉଥିଲା। ସିଂହଦ୍ୱାର ପଟେ ଲମ୍ବା ଲାଇନରେ ରହି ବିଳମ୍ବରେ କାର୍ଯ୍ୟ ସିଦ୍ଧି ପାଇଁ ସହରବାସୀ ଚାହୁଁନଥିଲେ। ଚରିଦ୍ୱାରରେ ସହରବାସୀମାନେ ପ୍ରବେଶ ପ୍ରସ୍ଥାନ କରିବା ପାଇଁ ଦାବି ହେଉଛି।

# ବିଜେଡିର ନବ ନିଯୁକ୍ତ କର୍ମୀଙ୍କୁ ବ୍ରହ୍ମପୁର ସାଂସଦଙ୍କ ସ୍ୱାଗତ

ଗଞ୍ଜାମ,୨/୧୧ (ନି.ପ୍ର): ବ୍ରହ୍ମପୁର ବିଜେଡି ନବ ନିଯୁକ୍ତି କର୍ମୀଙ୍କୁ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ସ୍ୱାଗତ କରିଥିବା ବେଳେ ଗଜପତି ନଗର ବିଧାୟକଙ୍କ ବାସଭବନ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନବନିଯୁକ୍ତ କର୍ମକର୍ତାଙ୍କୁ ସ୍ୱାଗତ କରି ଦଳର ଆଭିମୁଖ୍ୟ ଜଣାଇଛନ୍ତି। ସଂଗଠନକୁ ଅଧିକ ମଜବୁତ କରିବାକୁ ଆହ୍ୱାନ ଦେଇଛନ୍ତି ବିଧାୟକ ବିକ୍ରମ କୁମାର ପଣ୍ଡା। ଯୁବ ସଂଗଠକମାନେ ଲୋକଙ୍କ ନିକଟରେ ପହଞ୍ଚି ସରକାରଙ୍କ ସମସ୍ତ ଯୋଜନା ପହଂଚାନ୍ତୁ ଏବଂ ସରକାରକୁ ଅଧିକ ଲୋକପ୍ରିୟ କରାଇବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲା ବିଜେଡ଼ି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଅଧକ୍ଷତାରେ ଗଜପତି ନଗର ଠାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ଜୀବନବିନ୍ଧୁ ସଂଯୋଜକ ସୁବାଷ ମହାରଣା ନବନିଯୁକ୍ତ କର୍ମକର୍ତା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଠାରେ ଉଜବେକିସ୍ତାନର ତାସକେଣ୍ଟ ଠାରେ ୧୨ତମ ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ସାହାଣୀ, ଭଗବାନ ଗନ୍ତାୟତ, ଜାମୁଲା ଶଙ୍କର ନାରାୟଣ, ମୁକୁନ୍ଦ ଗୌଡ଼, ଦୁର୍ଗା ଲାୟକ, ବରିଷ୍ଠ ନେତା ମଜିଲ୍ଲା, କୋଷାଧକ୍ଷ ରବୀନ୍ଦ୍ର ସାହୁ, ଯୁବ ସମ୍ପାଦକ ଧିରେସ ସାବତ, ମଧୁସୂଦନ ରାଓ, ଅସିତ ସାବତ, ତାପସ ସାହୁ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ନେତାଜୀ ପାତ୍ର, ତେଜ ସ୍ୱାମୀ, ସୁଧାକର ସ୍ୱାମୀ, ରବୀନ୍ଦ୍ର ମିଶ୍ର, ନିଖିଲ ଚୌଧୁରୀ, ରାଜେଶ ପଟ୍ଟନାୟକ, ଚିଣ୍ଟୁ ପଟ୍ଟନାୟକ, କାହ୍ନା ସେଠୀ, ରୁନା ଗୌଡ଼, ଆର୍.କାଶୀ, ଆଦିତ୍ୟ ନାରାୟଣ ସାହୁ, ପ୍ରଜ୍ଞା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପାଣିରେ ବୁଡି ଶିଶୁ ମୃତ

କେନ୍ଦ୍ରାପଡ଼ା,୨/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟମୁଣ୍ଡାଇ ଥାନା ଅନ୍ତର୍ଗତ ନରସିଂହପୁର ପଂଚାୟତ ଅଠରବାଟିଆ ଗ୍ରାମର ଜଣେ ୨ ବର୍ଷର ଶିଶୁ କନ୍ୟା ପୋଖରୀରେ ବୁଡି ପ୍ରାଣ ହରାଇଛି। ଅଠରବାଟିଆ ଗ୍ରାମର ବିକାଶ ସେଠୀଙ୍କର ଏହି ଝିଅ ସୋମବାର ଦିନ ୨ଟା ସମୟରେ ତାଙ୍କ ସଂପର୍କୀୟ ସାଙ୍ଗରେ ପୋଖରୀ ଆଡକୁ ଯାଇଥିଲେ। ଅନ୍ୟମନସ୍କ ହେତୁ ଶିଶୁଟି ପୋଖରୀରେ ପଡି ଯାଇଥିଲା। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଛନ୍ତି।

# ଇଣ୍ଡିଆନ ଅଏଲ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା




ବାଲେଶ୍ୱର,୨/୧୧ (ନି.ପ୍ର): ଇଣ୍ଡିଆନ ଅଏଲ କର୍ପୋରେସନର ଦକ୍ଷିଣ-ପୂର୍ବକ୍ଷେତ୍ର ପାଇପଲାଇନ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ସଦର ବ୍ଲକ ଅନ୍ତର୍ଗତ ଆକିନିଆଁ ଆନନ୍ଦମାର୍ଗ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଇପ ଲାଇନର ମୁଖ୍ୟ ପ୍ରବନ୍ଧକ ମହେନ୍ଦ୍ର କୁମାର ସାହୁଙ୍କ ସମେତ ପ୍ରବନ୍ଧକ ଆଦିତ୍ୟ କୁମାର ସାହୁ ଓ ରାଜେଶ କୁମାର ପ୍ରଧାନ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଏଥିରେ ଯୋଗଦେଇ ଦୁର୍ନୀତି ନିବାରଣ ସପ୍ତାହ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ଦୁର୍ନୀତି ବ୍ୟାଧିରୁ ମୁକ୍ତ ହେବା ପାଇଁ ତୃଣମୂଳ ସ୍ତରରୁ ଉଦ୍ୟମ କରିବାକୁ ଅତିଥିମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଆନନ୍ଦମାର୍ଗ ବିଦ୍ୟାଳୟର ସଭାପତି ସମାଜସେବୀ ଡ.ଭାସ୍କର ଚନ୍ଦ୍ର ଜେନା ଏଥିରେ ସଭାପତିତ୍ୱ କରିବା ସହ ଦୁର୍ନୀତିର ମୂଳପ୍ରୋଟନ ପାଇଁ ପାରିବାରିକ ସ୍ତରରୁ ପିଲାମାନଙ୍କୁ ସଂସ୍କାର ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ ପରିକ୍ଷିତ ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୁର୍ନୀତି ବିରୋଧରେ ଏକ ସାମୂହିକ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଞ୍ଚାସୀନ ଅତିଥିଙ୍କ ସମେତ ଉପସ୍ଥିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନେ ଏହି ଶପଥପାଠରେ ଅଂଶଗ୍ରହଣ କରିଥିଲେ। ଦେଶର ପ୍ରଗତି ପାଇଁ ଦୁର୍ନୀତିକୁ ଦୂରେଇ ଦେବାକୁ ସମସ୍ତେ ଶପଥ ପାଠ କରିଥିଲେ।

# ଆଇନ ମହାବିଦ୍ୟାଳୟର ୫ ବର୍ଷିଆ ବିଏ.ଏଲଏଲବି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉତ୍ସବ

ଖୋର୍ଦ୍ଧା,୨/୧୧ (ନି.ପ୍ର): ମୁକୁନ୍ଦପ୍ରସାଦ ସ୍ଥିତ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ୫ ବର୍ଷିଆ ବିଏ.ଏଲଏଲବି ଅନର୍ସ ଡିଗ୍ରୀ କୋର୍ସର ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କର ନାମଲେଖା ଉତ୍ସବ ସଭାପତି ପ୍ରତାପ ଚନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଡ. ଜିତେନ୍ଦ୍ର ନାରାୟଣ ଦାଶ(ଦାଶ ବେନହୁର) କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଥିଲେ ଯେ, ସାଂପ୍ରତିକ ସମୟରେ ଆଇନ ଶିକ୍ଷାର ବିଶେଷ ଗୁରୁତ୍ୱ ତଥା ଭବିଷ୍ୟତ ରହିଛି। ଗାଁଗହଳିରେ ପ୍ରତିଦିନ ଭାଗବତ ପଢିବା ଭଳି ଆଇନ ଛାତ୍ରଛାତ୍ରୀମାନେ ଆମ ସମ୍ବିଧାନକୁ ପଢି ଦେଶର ନାଗରିକଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଆଙ୍କ ପାଇଁ ନିଜର ସର୍ବସ୍ୱ ସମର୍ପି ଦେଇଥିଲେ, ହେଲେ ଏବେ ଓଡ଼ିଆ ନିଜ ସ୍ୱାଭିମାନ ଭୁଲି କୃତଘ୍ନ ପାଲଟିଛି ବୋଲି କହି ସେ କ୍ଷୋଭପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ଐତିହାସିକ ସତ୍ୟବାଦୀ ବଳିଆରସିଂହ କହିଥିଲେ ଯେ, ବିଳମ୍ବିତ ନ୍ୟାୟ ବ୍ୟବସ୍ଥା ଆମ ଦେଶର ଏକ ଦୁଷ୍ଟ ବ୍ରଣ। ସାକ୍ଷ୍ୟ, ପ୍ରମାଣ, ଆଇନର ଗଳାବାଟ ଯୋଗୁଁ ଦୋଷୀ ଖସିଯାଉଛନ୍ତି। ତାରିଖ ପରେ ତାରିଖ ଗଡ଼ିଚାଲୁଛି। ନିର୍ଦୋଷ ବ୍ୟକ୍ତି ହଇରାଣ ହେଉଛନ୍ତି। ଆଇନଛାତ୍ର ଛାତ୍ରୀମାନେ ନିଜ ପେଶାର ସାଧୁତା ବଜାୟ ରଖିଲେ ସେମାନେ ବିରାଟ ସାମାଜିକ ପରିବର୍ତ୍ତନର ସୂତ୍ରଧର ହୋଇପାରିବେ ବୋଲି ସେ ମତ ଦେଇଥିଲେ। ସମ୍ମାନିତ ଅତିଥି ଡାକ୍ତର ରାଜେନ୍ଦ୍ର କୁମାର ସାମନ୍ତରାୟ, ଖୋର୍ଦ୍ଧା ଓକିଲ ସଂଘର ସଭାପତି ଅଜିତ୍ କୁମାର ପଟ୍ଟନାୟକ, ଡ. ବିଷ୍ଣୁଚରଣ ସାହୁ, ଅଧ୍ୟାପକ ଡ. ଗିରିଶ ଚନ୍ଦ୍ର ସାହୁ ପ୍ରମୁଖ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ମାର୍ଗଦର୍ଶନ ଦେଇଥିଲେ।

## ସଂପର୍କରେ ବାଧକ ସାଜେ ବାସ୍ତୁଦୋଷ

**ପରିବାର ଲୋକଙ୍କ ସହିତ ସମସ୍ତେ ସୁଖଶାନ୍ତିରେ ରହିବାକୁ ଚାହାନ୍ତି । ତା'ସହିତ ପାଖପଡ଼ୋଶୀଙ୍କ ସହିତ ବି ସମସ୍ତେ ଭଲ ସଂପର୍କ ରଖିବାକୁ ପ୍ରୟାସ କରନ୍ତି । ତେବେ ବେଳେ ବେଳେ କିଛି କିଛି ବାସ୍ତୁଦୋଷ ସଂପର୍କରେ ବାଧା ଉପୁଜାଇ ଥାଏ । ଫଳରେ ଘରେ ଅଶାନ୍ତି ସୃଷ୍ଟି ହୁଏ ଓ କଳିଝଗଡ଼ା ଲାଗି ରହେ । ପଡ଼ୋଶୀ ବି ଶତ୍ରୁ ଭଳି ଆଚରଣ କରନ୍ତି । କୌଣସି ବଡ଼ କାରଣ ନଥାଇ ଆପଣଙ୍କ ଘରେ ବି ଯଦି ଏଭଳି ସ୍ଥିତି ସୃଷ୍ଟି ହେଉଛି, ତା'ହେଲେ ଏହା ବାସ୍ତୁଦୋଷ ଯୋଗୁ ବି ହୋଇପାରୁଥାଏ । ତା'ହେଲେ ଜାଣନ୍ତୁ କେଉଁ କେଉଁ କାରଣ ଯୋଗୁ ସମ୍ପର୍କରେ ବାଧା ଉପୁଜେ ଓ ଏହାର ସମାଧାନର ବାଟ କ'ଣ ।**



୧- ବାସ୍ତୁଶାସ୍ତ୍ର ଅନୁଯାୟୀ, କେବେ କି ଘରର ମୁଖ୍ୟ ଦ୍ୱାର ପାଖରେ ଡଷ୍ଟବିନ୍ ରଖନ୍ତୁ ନାହିଁ। ଏପରି କଲେ ପଡ଼ୋଶୀଙ୍କ ସହ ସମ୍ପର୍କ ଖରାପ ହୋଇଥାଏ ଓ ସେମାନେ ଶତ୍ରୁ ପରି ବ୍ୟବହାର କରିଥା'ନ୍ତି।

୨- ସୂର୍ଯ୍ୟାସ୍ତ ସମୟରେ ପଡ଼ୋଶୀମାନେ କ୍ଷୀର, ଦହି କିମ୍ବା ପିଆଜ ମାଗିଲେ ଦିଅନ୍ତୁ ନାହିଁ। ଏହା ସମ୍ପର୍କ ବିଗାଡ଼ିବା ସହିତ ଘରର ସମୃଦ୍ଧିରେ ବି ବାଧା ଉପୁଜାଇଥାଏ।

୩-ଘରର ଛାତ ଉପରେ କେବେ ବି କିଛି ଶସ୍ୟ ଜାତୀୟ ଦ୍ରବ୍ୟ କିମ୍ବା ବିଛଣା ଧୋଇ କି ଶୁଖାନ୍ତୁ ନାହିଁ। ଏହାଦ୍ୱାରା ଘର ସଦସ୍ୟଙ୍କ ମଧ୍ୟରେ ସମ୍ପର୍କ ବିଗିଡ଼ିବାର ଆଶଙ୍କା ଥାଏ।

୪- ଫଳ ଖାଇବା ସ୍ୱାସ୍ଥ୍ୟ ଲାଗି ଖୁବ୍ ଲାଭଦାୟକ। କିନ୍ତୁ ଏହାର ଚୋପାକୁ କେବେ ବି ଡଷ୍ଟବିନ୍ ?ରେ ପକାନ୍ତୁ ନାହିଁ। ତୁରନ୍ତ ଏହାକୁ ଘର ବାହାରେ ଫୋପାଡ଼ି ଦିଅନ୍ତୁ। ଏପରି କରିବା ଦ୍ୱାରା ବନ୍ଧୁଙ୍କ ସହ ଆପଣଙ୍କ ସମ୍ପର୍କ ବିଗିଡ଼ିବ ନାହିଁ। ଏହାବ୍ୟତୀତ ବେପାର ଓ ଚାକିରି କ୍ଷେତ୍ରରେ ମଧ ଶୁଭ ସମାଚାର ପାଇପାରିବେ।

୫-ମାସରେ ଥରେ ଘରେ ମିଶ୍ରିଯୁକ୍ତ ଖିରି ପ୍ରସ୍ତୁତ କରନ୍ତୁ। ଏହାକୁ ଘରର ସମସ୍ତ ସଦସ୍ୟ ଏକତ୍ର ବସି ଖାଆନ୍ତୁ। ପ୍ରଥମେ ଘରର ମୁଖ୍ୟ ମହିଳାଙ୍କୁ ଏହାକୁ ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା ଘରର ସମସ୍ତ ସଦସ୍ୟଙ୍କ ମଧ୍ୟରେ ସଂପର୍କ ଭଲ ରହିବ। ତା'ଛଡ଼ା ମା' ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ବି ପଡ଼ିବ।

୬-ରାତିରେ ଶୋଇବା ପୂର୍ବରୁ ରୋଷେଇ ଘରେ ଏକ ବାଲ୍ଟିରେ ପାଣି ଭର୍ତ୍ତି କରି ରଖନ୍ତୁ। ଏହାଦ୍ୱାରା ଧାର କରଜରୁ ଶୀଘ୍ର ମୁକ୍ତି ମିଳିଥାଏ। ତା'ସହିତ ଜୀବନରେ ବାଧାବିଘ୍ନ ଆସି ନ ଥାଏ ଓ ସମସ୍ତଙ୍କ ସହିତ ଭଲ ସଂପର୍କ ବଜାୟ ରହେ।






## ମେଡିଟେସନ ପାଇଁ 'ମେଡି ଟ୍ରେନ୍'

ମେଡିଟେସନ ପାଇଁ ଆମ ଶରୀର ଏବଂ ମନକୁ ନିୟନ୍ତ୍ରଣ କରିଥାଏ। ବ୍ୟସ୍ତବହୁଳ ଜୀବନରେ ମେଡିଟେସନ ନିହାତି ଜରୁରୀ। ଏହାକୁ ଦୃଷ୍ଟିରେ ରଖି ବୈଜ୍ଞାନିକମାନେ ଆରମ୍ଭ କରିଛନ୍ତି ଫମେଡି ଟ୍ରେନ୍'। କଣ ଏହି ମେଡିଟ୍ରେନ୍? ଫମେଡି ଟ୍ରେନ' ହେଉଛି ମେଡିଟେସନ ବା ଧ୍ୟାନର ଡିଜିଟାଲ ପ୍ରୋଗ୍ରାମ୍। ବୈଜ୍ଞାନିକମାନେ ବ୍ୟକ୍ତିଗତ ଉପଯୋଗ ପାଇଁ ମେଡିଟେସନ ବା ଧ୍ୟାନ ପ୍ରଶିକ୍ଷର ଦେଉଥିବା ଲୋକଙ୍କ ପାଇଁ ଡିଜିଟାଲ ପ୍ରୋଗାମ ଆରମ୍ଭ କରିଛନ୍ତି। ଯାହାର ନାମ ହେଉଛି ମେଡିଟ୍ରେନ। ଏହା ଛଅ ସପ୍ତାହରେ ଯୁବିପିଢ଼ିଙ୍କ ଭିତରେ ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସକ୍ଷମ ହୋଇପାରିବ। ମେଡି ଟ୍ରେନ୍ ନାମକ ଏକି ପ୍ରୋଗ୍ରାମୟ ଏମିତି କିଛି ଆଲଗୋରିଦମ୍ ବ୍ୟବହାର କରିଥାଏ, ଯାହା ପ୍ରତିଯୋଗୀଙ୍କ କ୍ଷମତା ଅନୁସାରେ କହିବ ଯେ ମେଡିଟେସନ ସେସନ୍ ପାଇଁ କେତେ ସମୟ ଦେବା ଆବଶ୍ୟକ। ଏହାଦ୍ୱାରା ସେମାନେ ଶ୍ୱାସ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବାରେ ଅଭ୍ୟାସ କରିପାରିବେ। ଆମେରିକାର ସାନ୍ ଫ୍ରାନସ୍କିକୋ ସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆ ଏହା ଉପରେ ଗବେଷଣା ପାଇଁ ୧୮ରୁ ୩୫ ବୟସର ୫୯ ପ୍ରତିଯୋଗୀଙ୍କୁ ସାମିଲ କରିଥିଲା।। ଯେଉଁଥିରେ ସେମାନେ ମସ୍ତିଷ୍କ ଉପରେ ନଜର ରଖାଯାଇଥିଲା। ରିସର୍ଚ୍ଚ ଅନୁସାର ଏକାଗ୍ରତା ଏବଂ ସ୍ମରଣଶକ୍ତି ଉପରେ ପଡୁଥିବା ପ୍ରଭାବ ସେତିକି ଥିଲା ଯେତିକି ପୂର୍ବ ଅଧ୍ୟୟନରେ ମଧ୍ୟମ ଆୟୁ ବର୍ଗର ଲୋକଙ୍କୁ ମାସ ମାସ ଧରି ଧ୍ୟାନ ପ୍ରଶିକ୍ଷଣରେ ଦର୍ଶାଯାଇଥିଲା। କିନ୍ତୁ ଫମେଡି ଟ୍ରେନ୍' ଜରିଆରେ ସେମାନେ କମ୍ ସମୟ ଭିତରେ ନିଜର ଧ୍ୟାନ ଏବଂ ସ୍ମରଣ ଶକ୍ତିକୁ ବୃଦ୍ଧି କରିପାରିଥିଲେ ବୋଲି ଅଧ୍ୟୟନରେ ସ୍ପଷ୍ଟ ହୋଇଥିଲା। ମେଡି ଟ୍ରେନ୍ ଦ୍ୱାରା ସୁସ୍ଥ ରହିବାପାଇଁ କିପରି ମେଡିଟେସନର ପ୍ରଭାବ ରହିଥାଏ ତାହାକୁ ବିଭିନ୍ନ ଉପାୟରେ ଲୋକଙ୍କୁ ଶିଖାଯାଏ। ମେଡିଟେସନର ପ୍ରେରିତ ଫମେଡି ଟ୍ରେନ୍'କୁ ସଫ୍ଟୱେର ପ୍ରୋଗାମ୍ ରୂପରେ ଡିଜାଇନ୍, ବିକଶିତ ଏବଂ ପରୀକ୍ଷଣ କରାଯାଇଥିଲା। ଏହାକୁ ମୋବାଇଲ କିମ୍ବା ଟ୍ୟାବ୍ ଜରିଆରେ ମଧ୍ୟ ଲୋକ ଶିଖିପାରିବେ। ବର୍ତ୍ତମାନର ଡିଜିଟାଲ ଯୁଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି। କୌଣସି ବ୍ୟକ୍ତିର ଧ୍ୟାନ ଅବଧିକୁ ବଢ଼ାଇବା ଏବଂ ସ୍ମରଣଶକ୍ତି ବୃଦ୍ଧି କରିବାରେ ଏହା ସକ୍ଷମ ହୋଇପାରିବ।




## ସ୍ୱାସ୍ଥ୍ୟ ମନ୍ତ୍ର

ଅନେକଙ୍କ ଧାରଣା ଯେ ଫଳରେ ଥିବା ଫ୍ରୁକ୍ଟସ୍ ଶର୍କରା ଓଜନ ବଢାଇବାରେ ସହାୟକ ହୋଇଥାଏ । ଏଥିପାଇଁ ସେମାନେ ନିତିଦିନିଆ ଖାଦ୍ୟ ତାଲିକାରେ ଫଳର ପରିମାଣକୁ କମାଇଥାନ୍ତି । କେତେକ ଖାଦ୍ୟ ବିଶେଷଜ୍ଞ ମଧ୍ୟ ସମାନ ମତ ଦିଅନ୍ତି । ତେବେ, ଏହା ଭ୍ରମାତ୍ମକ ବୋଲି ଏକ ନୂଆ




ଅଧ୍ୟୟନରୁ ଜଣାପଡିଛି । ଅଧ୍ୟୟନକାରୀ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ସୁସ୍ଥ ଓ ସୁନ୍ଦର ଶରୀର ପାଇଁ ଫଳ ଏକ ଉ ମ ବିକଳ୍ପ । ଏହା ଓଜନ ବଢାଏ ନାହିଁ, ବରଂ ଓଜନକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ । ଏ ସଂପର୍କରେ ଏକ ରିପୋର୍ଟ ମଧ୍ୟ 'ଜର୍ନାଲ୍ ମେଟାବଲିଜିମ୍' ପତ୍ରିକାରେ ପ୍ରକାଶ ପାଇଛି । ରିପୋର୍ଟରେ ଦର୍ଶାଯାଇଛି ଯେ କ୍ଷୀର, ମହୁ ଓ ପରିବା ଭଳି ଫଳରେ ମଧ୍ୟ ପ୍ରାକୃତିକ ଶର୍କରା ଥାଏ, ଫ୍ରୁକ୍ଟସ୍ ଭାବେ ନାମିତ ।ସ୍ୱାସ୍ଥ୍ୟ ପାଇଁ ଏହା ଜରୁରୀ । ଏଥିରେ ଥିବା ତନ୍ତୁ ଓ ମାଗ୍ନେସିଅମ୍ ଚର୍ବିକୁ କମାଇଦିଏ ଏବଂ ଓଜନ ବଢେ ନାହିଁ ।

## କଥା କହୁଥିବା ଟାଟୁ

ଆଜିକାଲି ପିଲାମାନଙ୍କ ଭିତରେ ଟାଟୁ ସଉକ ଦେଖାଯାଉଛି । ଆମେ ସିନା ଟାଟୁ ଦେଖିଛେ, କିନ୍ତୁ କେବେ ଟାଟୁ କଥା କହୁଥିବାର ଶୁଣି ନାହେଁ । ଏବେ ମାର୍କେଟରେ କଥା କହୁଥିବା ଟାଟୁ ବିଷୟରେ ଚର୍ଚ୍ଚା ହେଉଛି । ଆମେରିକାରେ ରହୁଥିବା ନେଟ୍ ସିଗାର୍ଡକର ନିଜ ପତ୍ନୀଙ୍କୁ ସରପ୍ରାଇଜ୍ ଦେବାପାଇଁ ଏକ ନୂଆ ପ୍ରକାର ଉପାୟ ବାହାର କରିଛନ୍ତି । ନେଟ୍ ଏପରି ଏକ ଟାଟୁର ଉଦ୍ଭାବନ କରିଛନ୍ତି, ଯାହା କେବଳ ଦେଖିବାରେ ଆକର୍ଷଣକାରୀ ନୁହେଁ, ତାହା ମଧ୍ୟ ଶବ୍ଦ ସୃଷ୍ଟି କରିପାରୁଛି । ଏହାକୁ 'ସାଉଣ୍ଡ ୱେଭ୍ ଟାଟୁ' କୁହାଯାଉଛି । ଏହି 'ସାଉଣ୍ଡ୍ ୱେଭ୍ ଟାଟୁ'ରୁ ଏକ ଆପ୍ ଜରିଆରେ ଆପଣ ଶବ୍ଦ ଶୁଣିପାରିବେ । ଏହି ଟାଟୁ ସମ୍ପୂର୍ଣ୍ଣ ଅଲଗା ପ୍ରକାରର ଅଟେ । ଟାଟୁ କରିବା ସମୟରେ ଏହାର ସାଉଣ୍ଡ୍ ଟ୍ରାକ୍ ଖୁବ୍ ସାବଧାନତା ସହକାରେ କରାଯାଇଥାଏ । ଏହାପରେ ଦେହ ଚମଡ଼ାରେ ହୋଇଥିବା ଟାଟୁକୁ ସ୍କାନ୍ କଲେ ଏଥିରୁ ସ୍ୱର ବାହାରିଥାଏ । ଏହି ଶବ୍ଦ କୌଣସି ମେସେଜ୍, ଗୀତ କିମ୍ବା କୋଡ୍‌ୱାର୍ଡ ହୋଇପାରେ ।



## ଶୀତ ସତର୍କତା

**ଅନ୍ୟ ଋତୁ ତୁଳନାରେ ତ୍ୱଚାର ସର୍ବାଧିକ କ୍ଷତି ହୋଇଥାଏ ଶୀତ ଋତୁରେ । ଦେହ ଓ ଓଠ ଫାଟିବା, ତ୍ୱଚା ଶୁଷ୍କତା, ରୁପି ପ୍ରଭୃତି ସମସ୍ୟା ଦେଖାଦିଏ । କେଶ କ୍ଷତିଗ୍ରସ୍ତ ହେବା ସହ ମୁହଁର ଉଜ୍ଜ୍ୱଳତା ହ୍ରାସ ପାଏ । ତେବେ ସାମାନ୍ୟ ସତର୍କତା ଅବଲମ୍ବନ କଲେ ସେଥିରୁ ମୁକ୍ତି ମିଳି ପାରିବ ।**

**ମୁହଁ:**

ଦୁଇ ଚାମୁଚ ମିଲ୍କ ପାଉଡର, ଗୋଟିଏ ଚାମୁଚ ମହୁ ସହିତ ଦୁଇଟି ଅଣ୍ଡାର କେଶର ମିଶାଇ ମୁହଁରେ ଲଗାନ୍ତୁ । ଶୁଖିଯିବା ପରେ ସାମାନ୍ୟ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଦିନକୁ ଅନ୍ତତଃ ଦୁଇଥର ଏପରି କରନ୍ତୁ । ଏହି ଉପାୟ ନିୟମିତ କଲେ ମୁହଁ ପୁଣିଥରେ ଉଜ୍ଜ୍ୱଳ ଦେଖାଯିବ । ଏଥି ସହିତ ସନସ୍କ୍ରିନ ବ୍ୟବହାର କରିବାକୁ ଭୁଲନ୍ତି ନାହିଁ । ବହୁ ଲୋକଙ୍କ ଧାରଣା ଯେ ସନ୍‌ସ୍କ୍ରିନ କେବଳ ଗ୍ରୀଷ୍ମଋତୁରେ ବ୍ୟବହାର କରାଯାଏ, ମାତ୍ର ଏହା ଭୁଲ । ଶୀତଋତୁରେ ମଧ ସନ୍‌ସ୍କ୍ରିନ ବ୍ୟବହାର କରିବା ଉଚିତ । ଗ୍ରୀଷ୍ମ ହେଉ କି ଶୀତ ଘରୁ ଗୋଡ କାଢ଼ିବା ପୂର୍ବରୁ ଏହା ବ୍ୟବହାର କରନ୍ତୁ ।



**ପାଦ:**

ଶୀତ ଦିନରେ ପାଦ ଓ ଗୋଇଠି ଫାଟିବା ଏକ ସାଧାରଣ ସମସ୍ୟା । ଏଥିରୁ ମୁକ୍ତି ପାଇବା ପାଇଁ ରାତିରେ ଶୋଇବା ପୂର୍ବରୁ ପେଟ୍ରୋଲିୟମ ଜେଲିରେ ପାଦ ମାଲିସ୍ କରନ୍ତୁ ଏବଂ ମୋଜା ବ୍ୟବହାର କରନ୍ତୁ ।

**କେଶ:**

ଶୀତଋତୁରେ କେଶ ନିୟମିତ କଣ୍ଡିସନିଂ ଆବଶ୍ୟକ କରେ । ଏଥି ପାଇଁ ସିଲିକାନ ରିଚ୍ କଣ୍ଡିସନିଂ ବ୍ୟବହାର କରନ୍ତୁ ।

**ଶରୀର:** ପ୍ରତିଦିନ ଗରମ ପାଣିରେ ସ୍ନାନ କଲେ ତ୍ୱଚାର ପ୍ରାକୃତିକ ତୈଳ ଶୁଖିଯାଏ ଏବଂ ତା'ର ସ୍ୱାଭାବିକ ସ୍ନିଗ୍ଧତା ହରାଏ । ତେଣୁ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଗରମ ପାଣିରେ ସ୍ନାନ କରନ୍ତୁ ନାହିଁ । ନଖଉଷୁମ ପାଣିରେ ସ୍ନାନ କରନ୍ତୁ ।





## ଗୋଟିଏ ବି ଗାଡ଼ି ଚାଲେ ନାହିଁ ଏହି ଗାଁରେ

ନେଦରଲ୍ୟାଣ୍ଡସ୍‌ର ଗୋଟିଏ ଛୋଟ ଗାଁ ଗିୟେଥୁର୍ନ । ଆୟତନରେ ଛୋଟ ହୋଇପାରେ । ଅଥଚ ଏହା ଦେଖିବାକୁ ଏତେ ସୁନ୍ଦର ଓ ସବୁଜିମାରା ଯେ ଥରେ ଏଠାକୁ ଗଲେ ଫେରି ଆସିବାକୁ ମନ ହେବ ନାହିଁ । ପର୍ଯ୍ୟଟକମାନଙ୍କ ପାଇଁ ଲୋକପ୍ରିୟ ଏହି ଗାଁ । କିନ୍ତୁ ଏଠାକୁ ଅତି ସୀମିତ ସଂଖ୍ୟକ ପର୍ଯ୍ୟଟକ ଆସିଥାଆନ୍ତି । ଯଦିଓ କୋଭିଡ-୧୯ ମହାମାରୀ ପରଠାରୁ ଏହି ଗାଁରେର ପର୍ଯ୍ୟଟକଙ୍କ ପାଦ ପଡ଼ିନାହିଁ । ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ, ଆଉ ଗୋଟିଏ ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧ୍ୟରେ ଯାତାୟତ କରିବା ପାଇଁ ଗୋଟିଏ ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧ୍ୟରେ ଯାତାୟତ କରିବା ପାଇଁ ଗୋଟିଏ ବୋଲି ସଡ଼କ ପଥ ନାହିଁ । ସଡ଼କ ନଥିବାରୁ ଗାଡ଼ି ମଧ ନାହିଁ । ଆଉ ଗାଡ଼ି ନଥିବାରୁ ଏହି ଗାଁରେ କୌଣସି କୋଳାହଳ ନାହିଁ ।

ସାରାଦିନ ଶାନ୍ତ ଥାଏ ଏଠାକାର ପ୍ରକୃତି । ଯାତାୟତ ପାଇଁ ଯଦି ରାସ୍ତା ନଥାଏ, ତେବେ ଗାଁର ଲୋକମାନେ ଯାତାୟତ କିଭଳି ଭାବେ କରନ୍ତି ? ସବୁକିଛି ଜଳପଥରେ । ଅର୍ଥାତ୍ ଗାଁର ପ୍ରତି ପ୍ରାନ୍ତରେ ଜଳପଥର ବ୍ୟବସ୍ଥା କରାଯାଇଛି । ଏହି ଜଳପଥ ସାହାଯ୍ୟରେ ହିଁ ଏହି ଗାଁର ଲୋକମାନେ ଗୋଟିଏ ପ୍ରାନ୍ତରୁ ଆଉ ଗୋଟିଏ ପ୍ରାନ୍ତରେ ପହଞ୍ଚି ଯାଆନ୍ତି । ଏହା ମଧ୍ୟରେ ଯେଉଁ ନୌକା ବ୍ୟବହାର କରାଯାଏ, ଗ୍ରାମର ଶାନ୍ତ ପରିବେଶ ବଜାୟ ରଖିବାରେ ସେଗୁଡ଼ିକରେ ଶବ୍ଦହୀନ ଇଞ୍ଜିନ ଖଞ୍ଜାଯାଇଥାଏ । ଏହି ବିଶେଷତ୍ୱ ହିଁ ଗ୍ରାମଟିକୁ ଅନନ୍ୟ କରିଛି । ଏହି ଗ୍ରାମରେ ସବୁଠାରୁ ଜୋରରେ ଯଦି କିଛି ଶୁଣାଯାଏ ତେବେ ତାହା ହୁଏତ କୌଣସି ପକ୍ଷୀର କାକଳି ହୋଇଥିବ । କାହିଁକି ଏହି ଗ୍ରାମରେ କୌଣସି ରାସ୍ତା ନାହିଁ ? ଏହି ଗ୍ରାମକୁ ନେଦରଲ୍ୟାଣ୍ଡସ୍‌ର ଭେନିସ ବୋଲି ମଧ କୁହାଯାଏ । ତେବେ ଭେନିସ ଭଳି ପ୍ରାକୃତିକ ଭାବେ ଏହି ଗାଁ ଗଢ଼ି ଉଠିନଥିଲା ।

ଏହି ଗାଁରେ ଯେତେବେଳେ ପ୍ରଥମେ ଲୋକମାନେ ବସବାସ କରିବା ଆରମ୍ଭ କରିଥିଲେ ସେହି ସମୟରେ ଗାଁ ମଧ୍ୟରେରର ଅନେକ ସ୍ଥାନରେର ମାଟି ତଳେ ଫମ୍ପା ଅଂଶ ଥିଲା । ଗାଁରେ ବସବାସ ଆରମ୍ଭ କଲାବେଳେ ଲୋକମାନେ ସେହି ସବୁ ସ୍ଥାନକୁ ଖୋଳିବା ଆରମ୍ଭ କରିଥିଲେ । ବର୍ଷ ବର୍ଷ ଧରି ସେହି ଫମ୍ପା ସ୍ଥାନଗୁଡ଼ିକ ଖୋଳିଲା ପରେ ଗାଁ ମଧ୍ୟରେର ସ୍ଥାନରେ ଛୋଟ ଛୋଟ ହ୍ରଦ ସୃଷ୍ଟି ହୋଇଗଲା । ଧୀରେ ଧୀରେ ସେହି ହ୍ରଦଗୁଡ଼ିକୁ ଯୋଡ଼ି କେନାଲ୍ ଭଳି ତିଆରି କରାଗଲା । ଗାଁ ଭିତରେ ଭିନ୍ନ ଭିନ୍ନ ଦିଗରେ ଏହି କେନାଲ ଗୁଡ଼ିକ ଯାଇଥିବାରୁ ଆଉ ପାଦ ଚଲା ରାସ୍ତା ରହିଲା ନାହିଁ । ଏମିତିକି ଲୋକମାନେ ସାମ୍ନା ଘରେ ରହୁଥିବା ପଡ଼ୋଶୀଙ୍କ ଘରରକୁ ଯିବାକୁ ଚାହିଁଲେ କାଠ ଓ ଲୁହାରେ ତିଆରି ଛୋଟ କଲଭର୍ଟ ଉପରେ ଯାତାୟତ କରିଥାଆନ୍ତି । ଗାଁଟି ଏକ ଛୋଟ ଦ୍ୱୀପ ଭଳି ମନେହୁଏ । ପୂରା ଗାଁରେର ଛୋଟ ଛୋଟ ୧୫୦ଟି ସେତୁ ତିଆରି ହୋଇଛି । ତେବେ ଏହି ଗାଁ ବିଷୟରେ ୧୯୮୫ ମସିହାରେର ପ୍ରଥମ ଥର ପାଇଁ ବାହାର ଦୁନିଆର ଲୋକମାନେ ଜାଣିବାକୁ ପାଇଲେ । ଡଚ୍ ଫିଲ୍ମ ନିର୍ମାତା ବାର୍ଟ ହାନଷ୍ଟ୍ରା ତାଙ୍କ କମେଡି ଫିଲ୍ମ 'ଫ୍ୟାନଫେୟାର'ର ସୁଟିଂ ଏହି ଗ୍ରାମରେ କରିଥିଲେ । ଏହି ଗାଁର ଲୋକସଂଖ୍ୟା ଅଢ଼େଇ ହଜାର ପାଖାପାଖି ହେବ । ଅତି ଆବଶ୍ୟକ ନ ହେଲେ ଏହି ଗାଁର ଲୋକମାନେ ସହରକୁ ଯାଆନ୍ତି ନାହିଁ । ବରଂ ସରକାରଙ୍କ ତରଫରୁ ଏହି ଗାଁର ଲୋକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯାଏ । ଗାଁର ଲୋକମାନେ ଅତ୍ୟନ୍ତ ସରଳ ଓ ନିରାଡମ୍ବର ଜୀବନ ଅତିବାହିତ କରିଥାଆନ୍ତି । ଏହି ଲୋକମାନଙ୍କ ଅନୁସାରେ ସେମାନଙ୍କ ଚାହିଦା ଆଦି ସ୍ୱଳ୍ପ ହୋଇଥିବାରୁ ସେମାନେ କେବେ ବି ମନଦୁଃଖରେ ରହନ୍ତି ନାହିଁ । ସ୍ୱଳ୍ପରେ ସନ୍ତୁଷ୍ଟ ରହୁଥିବାରୁ ଏହି ଗାଁର ଲୋକମାନେ ସବୁବେଳେ ହସଖୁସିରେ ଜୀବନ ବିତାଇ ଥାଆନ୍ତି । ପର୍ଯ୍ୟଟକମାନଙ୍କ ସହିତ ଏହି ଗାଁର ଲୋକମାନଙ୍କ ବ୍ୟବହାର ଅତ୍ୟନ୍ତ ନମ୍ର ହୋଇଥାଏ ।






## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପରିବେଶର ସନ୍ତୁଳନତା...

ସ୍କଟ୍‌ଲାଣ୍ଡର ଗ୍ଲାସଗୋ'ଠାରେ ଆରମ୍ଭ ହୋଇଥିବା ଜାତିସଂଘ ପ୍ରାୟୋଜିତ କୋପ୍-୨୬ ଜଳବାୟୁ ସମ୍ମିଳନୀ ପାଇଁ ଏବେ ସେଠାରେ ଶତାଧିକ ରାଷ୍ଟ୍ରର ନେତୃବର୍ଗ ଏକତ୍ରିତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏବଂ ବିଶ୍ୱର ସବୁ ମହାଦେଶର ରାଷ୍ଟ୍ର ଓ ଶାସନମୁଖ୍ୟମାନଙ୍କ ଯୋଗଦାନ ଏହି ସମ୍ମିଳନୀରୁ କିଛି ନିର୍ଯ୍ୟାସ ବାହାର କରିବାର ସମ୍ଭାବନା ସୃଷ୍ଟି କରିଛି । ଗତ ଦଶନ୍ଧିର ବିଶ୍ୱ ଉତ୍ତାପନ ଓ ତାହାର କୁପ୍ରଭାବକୁ ଏବେ ବିଶ୍ୱ ଅଙ୍ଗେ ଅଙ୍ଗେ ଅନୁଭବ କରିସାରିଛି । ତିରିଶ ବର୍ଷ ପୂର୍ବେ ରିଓ ଡି ଜେନିରୋ'ଠାରେ ଆରମ୍ଭ ହୋଇଥିବା ଏହି ଜଳବାୟୁ ସମ୍ମିଳନୀ (କୋପ୍) ଇତିମଧ୍ୟରେ ତିରିଶ ବର୍ଷ ପୂରଣ କରିସାରିଥିଲେ ସୁଦ୍ଧା କେବଳ ଭବିଷ୍ୟତର ଲକ୍ଷ୍ୟ ଧାର୍ଯ୍ୟ ଓ ସଂକଳ୍ପ ଛଡ଼ା ଏ ଦିଗରେ ଆଶାଜନକ ସଫଳତା ଯେ ହାସଲ କରାଯାଇପାରିନାହିଁ ତାହା କାହାକୁ ଅଛପା ନାହିଁ । ବିଶ୍ୱର ଭବିଷ୍ୟତ ଓ ମାନବ ସମାଜ ସମେତ ଜୀବଜଗତର ସୁରକ୍ଷା ନିମନ୍ତେ ତୁରନ୍ତ ଜଳବାୟୁ ପରିବର୍ତ୍ତନକୁ ରୋକିବା ନିମନ୍ତେ ସମୂହ କାର୍ଯ୍ୟପନ୍ଥାର ଆବଶ୍ୟକତାକୁ ସମସ୍ତେ ଅନୁଭବ କରୁଛନ୍ତି । ଏହା କୌଣସି ଗୋଟିଏ ରାଷ୍ଟ୍ରର ଦାୟିତ୍ୱ ନୁହେଁ, ବରଂ ବିଶ୍ୱ ସମୁଦାୟଙ୍କ ସମୂହ କର୍ତ୍ତବ୍ୟ । ଏଥିପାଇଁ ଶହ ଶହ ବିଲିୟନ ଡଲାର ଆବଶ୍ୟକ ଥିବାବେଳେ ପ୍ରତ୍ୟେକ ରାଷ୍ଟ୍ର ଏବଂ ପ୍ରତ୍ୟେକ ନାଗରିକଙ୍କର କଠୋର ସଂଯମତା ଅବଲମ୍ବନ ଏକାନ୍ତ କାମ୍ୟ । କାରଣ ଗତ ଶତାବ୍ଦୀର ଶେଷ ଦୁଇ ଦଶନ୍ଧି ବେଳେ ଜଳବାୟୁ ପରିବର୍ତ୍ତନକୁ ନେଇ ପରିବେଶ ବିଜ୍ଞାନୀମାନେ ଯେଉଁ ଆଶଙ୍କା ପ୍ରକଟ କରୁଥିଲେ ବାସ୍ତବତା ତାହାଠାରୁ ଅଧିକ ଜଟିଳ ଏବଂ ଏଥିପାଇଁ ବିକଶିତ ରାଷ୍ଟ୍ରମାନେ ଅଧିକତର ଦାୟୀ । ତେଣୁ ଏବେ ଉଭୟ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କୁ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ । ଶିଳ୍ପୋନ୍ନତ ରାଷ୍ଟ୍ରମାନେ ଏବେସୁଦ୍ଧା ବିଶ୍ୱ ପରିବେଶକୁ ଯେଉଁ ମାତ୍ରାରେ ପ୍ରଦୂଷିତ କରିଛନ୍ତି ସେଥିପାଇଁ ସେମାନଙ୍କୁ ଦାୟିତ୍ୱ ମୁଣ୍ଡାଇବା ଛଡ଼ା ଅନ୍ୟ ଉପାୟ ନାହିଁ । କାରଣ ବିକାଶଶୀଳ ଦେଶମାନେ ଯଦ୍ୟପି ନିଜର କାର୍ଯ୍ୟଧାରାରେ ଏବେ ସଂଯମତା ଆଚରଣ କରିପାରିବେ, ତଥାପି ଆର୍ଥିକ ବୋଝ ମୁଣ୍ଡାଇବାକୁ ସେମାନେ ସଂପୂର୍ଣ୍ଣ ଅକ୍ଷମ । ଏହା ସ୍ୱତଃସିଦ୍ଧ । ଏହାକୁ ନେଇ ଗତ ତିରିଶ ବର୍ଷ ମଧ୍ୟରେ ଅନେକ ଆଲୋଚନା ଓ ବିତର୍କ ହୋଇସାରିଛି ଏବଂ ମୂଲ୍ୟବାନ ସମୟ ଅପଚୟ ହୋଇସାରିଛି । ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ସେଥିରୁ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ । ଯଦି ସେହି ବୈଷମ୍ୟ ଭବିଷ୍ୟତକୁ ଅବ୍ୟାହତ ରହେ, ତେବେ ବିଶ୍ୱର ସାମୂହିକ କ୍ଷତି ଘଟିଚାଲିବ ସିନା ସେଥିରୁ କୌଣସି ସୁଫଳ ମିଳିବ ନାହିଁ । ତେଣୁ ୨୦୩୦ ମସିହା ସୁଦ୍ଧା ବିଶ୍ୱର ଉତ୍ତାପନକୁ ୧.୫ ସେଲସିୟସ୍ କମାଇବା ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ସେ ଦିଗରେ ଗ୍ଲାସଗୋ କୋପ୍-୨୬ ସମ୍ମିଳନୀରେ ଚୂଡ଼ାନ୍ତ କାର୍ଯ୍ୟପନ୍ଥା ଗ୍ରହଣ ନିଷ୍ପତ୍ତି ଗ୍ରହଣ ଜରୁରି ହୋଇପଡ଼ିଛି । ଯେହେତୁ ଜଳବାୟୁ ପ୍ରଳୟ, ଅତିବୃଷ୍ଟି, ଅସହ୍ୟ ଗ୍ରୀଷ୍ମ, ସମୁଦ୍ରର ଜଳସ୍ତର ବୃଦ୍ଧି, ଜଙ୍ଗଲ ନିଆଁ, ପ୍ରଳୟଙ୍କରୀ ବନ୍ୟା ତଥା ଋତୁଚକ୍ରରେ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ଏବଂ ତାହା ଆଗାମୀ ଦିନରେ ଆହୁରି ଉତ୍କଟ ସମସ୍ୟା ସୃଷ୍ଟି କରିବାକୁ ଯାଉଛି ଏ ଦିଗରେ ଆଉ ବିଳମ୍ବ ଘଟାଇବାର ଅବସର ନାହିଁ । ବିଳମ୍ବର ଅର୍ଥ ଶେଷ ସୁଯୋଗକୁ ହାତଛଡ଼ା କରିବା ସଙ୍ଗେ ସମାନ । ତେଣୁ ଧନୀ-ଗରିବ, ୟୁରୋପୀୟ କିମ୍ବା ଆଫ୍ରିକୀୟ, ଏସୀୟ ବା ଲାଟିନ ଆମେରିକୀୟ, ଆମେରିକାପନ୍ଥୀ ଅବା ରୁଷିଆପନ୍ଥୀ ଗୋଷ୍ଠୀ ଭଳି ବିଭେଦକୁ ଛାଡ଼ି ସମସ୍ତେ ଏକ ମନରେ ଜଳବାୟୁ ପରିବର୍ତ୍ତନକୁ ରୋକିବା ସକାଶେ ପଦକ୍ଷେପ ଗ୍ରହଣ ନିମନ୍ତେ ଆଗେଇ ଆସିବାର ଏହା ଶେଷ ଅବସର । ଶିଳ୍ପୋନ୍ନତ ରାଷ୍ଟ୍ରମାନେ ଏ ଦିଗରେ ସେମାନଙ୍କର ଆର୍ଥିକ ବଦାନ୍ୟତା ପ୍ରଦର୍ଶନ କରିବାର ଯେତିକି ଆବଶ୍ୟକତା ରହିଛି ବିକାଶଶୀଳ ରାଷ୍ଟ୍ରମାନେ ଜଙ୍ଗଲ ସୁରକ୍ଷା ଏବଂ କାର୍ବନ ଉତ୍ସର୍ଜନ ଦିଗରେ ସଂଯମ ଆଚରଣ କରିବା ବାଞ୍ଛନୀୟ । ତାହା ହେଲେ ବିଶ୍ୱରେ ବର୍ତ୍ତମାନ ଦେଖା ଦେଇଥିବା ପ୍ରାକୃତିକ ବିପ୍ରାତକୁ ରୋକାଯିବା ସହିତ ଭବିଷ୍ୟତ ବଂଶଧରମାନଙ୍କ ଲାଗି ଏକ ନିରାପଦ ବିଶ୍ୱ ସୁରକ୍ଷିତ ରଖାଯାଇପାରିବ । ଯଦି ତାହା ଏବେ ନୁହେଁ, ତେବେ କେବେ ନୁହେଁ, ଏକଥା ସଭିଏଁ ସ୍ମରଣ ରଖିବା ଉଚିତ୍ ।



## ସ୍ମୃତି ଓ ବିସ୍ମୃତିର ଅନ୍ତରାଳେ ନୌବାଣିଜ୍ୟ

ଡକ୍ଟର ମନୋରଞ୍ଜନ ବିଷୋୟୀ

ମହାଭାରତୀୟ ପରମ୍ପରାରେ ଓଡ଼ିଆମାନେ ଥିଲେ ଏକ ପ୍ରାଚୀନ ସଭ୍ୟଜାତି। ଏହି ଜାତିର ବୌଦ୍ଧିକ ଓ ବୈଷୟିକ ଐଶ୍ୱର୍ଯ୍ୟ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଏକଦା ଏହି ଓଡ଼ିଆଭାଷୀ ରାଜ୍ୟର ଭୌଗୋଳିକ ସୀମା ସାଧାରଣ ଭାବରେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ ଥିଲା। ଦିଗ୍‌ବିଜୟୀ ସମ୍ରାଟମାନଙ୍କ ଶାସନ କାଳରେ ପ୍ରାଚୀନ କଳିଙ୍ଗ, ଉତ୍କଳ କିମ୍ବା କୋଶଳର ସୀମା ସାମୟିକ ପରିବର୍ତ୍ତିତ ହୋଇଥିଲା। ତଥାପି ଏହି ତିନିଗୋଟି ରାଜନୈତିକ ବିଭାଗ ବା ତ୍ରିକଳିଙ୍ଗର ଜନସାଧାରଣ ଯେ ଯଶସ୍ୱୀ ଓଡ଼ିଆ ଜାତିଥିଲେ, ଏହା ନିଃସନ୍ଦେହରେ କୁହାଯାଇପାରେ। ଏହି ଜାତି ପାଇଁ ସମୁଦ୍ର ଥିଲା ଏକ ଆହ୍ୱାନ। ସମୁଦ୍ରଯାତ୍ରା ଓ ନୌ-ବାଣିଜ୍ୟ କ୍ଷେତ୍ରରେ ପ୍ରାଚୀନ ଓଡ଼ିଶା ବା କଳିଙ୍ଗର ଭୂମିକା ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ଅତୀତରେ ଏହି କଳିଙ୍ଗ ରାଜ୍ୟର ସୁଦୀର୍ଘ ସମୁଦ୍ର ଉପକୂଳରେ ବହୁ ବନ୍ଦର ଥିଲା। ଏସବୁ ବନ୍ଦରମାନଙ୍କରୁ ସାଧବ ପୁଅମାନେ ସୁଦୂରରୁ ଅନେକ ଦୂର ଦରିଆପାରି ଦେଶମାନଙ୍କରେ ନୌ-ବାଣିଜ୍ୟ କରି ଏ ଦେଶକୁ ଧନଶାଳୀ କରିବା ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ଶିଳ୍ପ ଭାସ୍କର୍ଯ୍ୟର ପ୍ରଚାର କରିଥିଲେ।

ତେଣୁ ଆଜି ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ ନୌକା ଭସାଇ "ଆ କା ମା ବୈ, ପାନ ଗୁଆ ଥୋଇ / ପାନ ଗୁଆ ତୋର, ମାସକ ଧର୍ମ ମୋର" ଉଚ୍ଚାରଣ ପୂର୍ବକ ନିଜର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ସ୍ମରଣ କରିଥାଏ। ଏହା କେଉଁ କାଳରୁ ଆମ ସାମାଜିକ ଜୀବନର ଚଳଣି ହୋଇ ରହିଆସିଛି, ତାହା ଅବଧାରଣା କରିବା ଅତ୍ୟନ୍ତ କଷ୍ଟକର। ତଥାପି ଏହାକୁ ଅତୀତ ଓଡ଼ିଆ ସାଧବପୁଅର ନୌ-ଯାତ୍ରାର ବାର୍ତ୍ତାବହ କହିଲେ ଅତ୍ୟୁକ୍ତି ହେବ ନାହିଁ। କୁହାଯାଏ କଳିଙ୍ଗ ବଣିକ କାର୍ତ୍ତିକପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ସ୍ନାନ କରି କଳିଙ୍ଗଜାତ ପାନର ବିନିମୟରେ ଜାଭା ପ୍ରଭୃତି ଅଞ୍ଚଳରୁ ଯେଉଁ ଗୁଆ ଆମଦାନି କରେ, ସେହି ପାନ ଓ ଗୁଆ ଶୁଦ୍ଧ ମନରେ ଗଙ୍ଗାମାତାଙ୍କୁ ସମର୍ପଣ କରି ଧର୍ମର ଦୋହି ଦେଇ ବାଣିଜ୍ୟ ନୌକା ମେଲି ଦେଉଥିଲା ଏବଂ ନୌକାପୃଷ୍ଠରେ ଭାସି ଭାସି ତୀର ଦେଶରୁ କ୍ରମେ ଅନ୍ତର ହେବାବେଳେ ସମବେତ ଆତ୍ମୀୟସ୍ୱଜନଙ୍କୁ ବିଦାୟକାଳୀନ ଇଙ୍ଗିତବାଣୀ ଶୁଣାଉଥିଲା -ଆ କା ମା ବୈ ଅର୍ଥାତ୍ ଆଷାଢ଼ ଠାରୁ କାର୍ତ୍ତିକ ମଧ୍ୟରୁ ଫେରିବି, ଭୟ କରନା । ଏହାର ସ୍ମାରକୀ ସଦୃଶ୍ୟ କାର୍ତ୍ତିକପୂର୍ଣ୍ଣିମା ଦିନ ଓଡ଼ିଶାର ଲୋକାୟତରେ ବୋଇତ ବା ନୌକା ଭସା ଅନୁଷ୍ଠିତ ହୋଇଆସୁଛି । ସମ୍ଭବତଃ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି ଆବାଳବୃଦ୍ଧବନିତା ଧର୍ମ ପାଳନ କଲାଭଳି ନଦୀ ଓ ସମୁଦ୍ରଗୁଡ଼ିକୁ ବର୍ତ୍ତିକା ସମନ୍ୱିତ ବୋଇତ ଭସେଇ ଆଲୋକିତ କରିଥାନ୍ତି । କଦଳୀ ପାଟୁଆରେ ବୋଇତ, ପାନ ଗୁଆ, ବତୀ ଓ ଦୁର୍ବାକ୍ଷତ ଏହାର ଉପକରଣ । ବସ୍ତୁତଃ ଏହି ବୋଇତ ଭସା ନିଶ୍ଚିତଭାବେ ବନ୍ଦାପନାର ଏକ ପ୍ରତୀକ । ଘରକୁ ଧନରତ୍ନ ଧରି ଫେରୁଥିବା ସାଧବମାନଙ୍କ ସମ୍ମାନରେ ଏହା ଅନୁଷ୍ଠିତ ହୋଇଆସୁଛି। ଯାହାଫଳରେ ଆଜିବି ସାଗରପାରି ବାଣିଜ୍ୟର ମହତ୍ତ୍ୱକୁ ଓଡ଼ିଶାବାସୀ ଉପଲବ୍ଧି କରି ଆସୁଛନ୍ତି ଏବଂ ବୋଇତ ଭସାଇ ସେ ସ୍ମୃତିକୁ ଆଲୋକିତ କରି ରଖିଛନ୍ତି । ପ୍ରକୃତ ପକ୍ଷେ କହିବାକୁ ଗଲେ କଳିଙ୍ଗ ଅଧିବାସୀ ମାନଙ୍କର ନୌ-ଚାଳନା ଓ ନୌ-ବାଣିଜ୍ୟ ପରମ୍ପରା ଭାରତର ଗୌରବାବହ ଇତିହାସର ଏକ ସମୃଦ୍ଧ ଅଧ୍ୟାୟ। ଭାରତୀୟ ସଂସ୍କୃତିର ପରିପ୍ରସାର ସଙ୍ଗେ ସଙ୍ଗେ ଭାରତ ଓ ଦକ୍ଷିଣ ପୂର୍ବ ଏସିଆ ମଧ୍ୟରେ ବାଣିଜ୍ୟିକ ସୁସମ୍ପର୍କ ବୃଦ୍ଧି କରିବା ଥିଲା କଳିଙ୍ଗ ନାବିକ ଓ ସାଧବମାନଙ୍କର ବିଶିଷ୍ଟ ଅବଦାନ।

ବସ୍ତୁତଃ କହିବାକୁ ଗଲେ ଓଡ଼ିଶାରେ ନୌ-ବାଣିଜ୍ୟର ପ୍ରସାର ପ୍ରାଗୈତିହାସିକ ଯୁଗରୁ ଆରମ୍ଭ କରି ଶୈଳୋଦ୍ଭବ ରାଜତ୍ୱ ପର୍ଯ୍ୟନ୍ତ ବିଶେଷ ଭାବରେ ରହିଆସିଥିଲା। ଏପରିକି ଭୌମକର ବଂଶର ରାଜାମାନେ ମଧ୍ୟ ଏଥିରେ ପୃଷ୍ଠପୋଷକତା କରିଥିଲେ। ଏହା ସହ ସୋମବଂଶୀ ରାଜାମାନେ ଏ ଦିଗରେ ବିଶେଷ ଯତ୍ନବାନ ହୋଇନଥିଲେ ହେଁ ଏହି ପରମ୍ପରା ଅକ୍ଷୁଣ୍ଣ ରହିଥିଲା। ପରନ୍ତୁ ଗଙ୍ଗରାଜାମାନେ ଭୂଭାଗରେ ନିଜ ସାମ୍ରାଜ୍ୟର ସୀମାବିସ୍ତାର କରିବାକୁ ଯତ୍ନବାନ ହୋଇଥିବାରୁ ଓଡ଼ିଶାର ନୌ-ବାଣିଜ୍ୟ ପ୍ରତି ଆଦୌ ଦୃଷ୍ଟି ଦେଇନଥିଲେ। ତେଣୁ ଆମର ନୌ-ବାଣିଜ୍ୟ ଚୋଳ ରାଜାମାନଙ୍କର ଅଧିକାରକୁ ଆସି ଯାଇଥିଲା। କିନ୍ତୁ ଏ ପରିପ୍ରେକ୍ଷୀରେ କହିରଖେ, ଖ୍ରୀଷ୍ଟପୂର୍ବ ୨୬୧ରେ ଇତିହାସ ପ୍ରସିଦ୍ଧ ମଗଧ ସମ୍ରାଟ ଅଶୋକଙ୍କର କଳିଙ୍ଗଯୁଦ୍ଧ ହୋଇଥିଲା। ତଥାପି ଏହି ଘଟଣାର ବହୁପୂର୍ବରୁ ବହିର୍ବାଣିଜ୍ୟ ତଥା ଅନ୍ତର୍ବାଣିଜ୍ୟରେ କଳିଙ୍ଗବାସୀ ଭାରତବର୍ଷରେ ବେଶ୍ ପ୍ରତିଷ୍ଠିତ ହୋଇ ସାରିଥିଲେ। କଳିଙ୍ଗର ସୁଦୀର୍ଘ ସମୁଦ୍ର ଉପକୂଳ ଓ ସୁଗଭୀର ନଦୀଗୁଡ଼ିକ ଏ କ୍ଷେତ୍ରରେ ବିଶେଷ ସହାୟକ ହୋଇଥିବା ବୋଲି ସ୍ୱୀକାର୍ଯ୍ୟ। ତେଣୁ ବୋଧହୁଏ ନୌ-ବାଣିଜ୍ୟର ସୁବିଧା ହାସଲ ପାଇଁ ମଗଧସମ୍ରାଟ କଳିଙ୍ଗ ଆକ୍ରମଣ କରିଥାଇପାରନ୍ତି। ଏପରିକି ଅଶୋକଙ୍କ ବହୁପୂର୍ବରୁ କଳିଙ୍ଗର ଅଧିବାସୀ ବ୍ରହ୍ମଦେଶର ପେରୁ ଅଞ୍ଚଳରେ ଉପନିବେଶ ସ୍ଥାପନ କରିସାରିଥିଲେ। ଏହା ସହ ଚୀନ ପରିବ୍ରାଜକ ମେଘାସ୍ଥିନିସ୍ କହନ୍ତି- ଚୀନ ଦେଶ ସହିତ ବହୁ ପ୍ରାଚୀନ କାଳରୁ କଳିଙ୍ଗର ବାଣିଜ୍ୟ ବ୍ୟବସାୟ ଚାଲି ଆସିଥିଲା। ଚୀନ ଲୋକମାନେ ବାଣିଜ୍ୟ କରୁଥିବା ଭାରତୀୟମାନଙ୍କୁ କୁନ୍-ଲୋକ ବୋଲି କହୁଥିଲେ। ଯାହା କଳିଙ୍ଗ ଶବ୍ଦର ନାମାନ୍ତର ମାତ୍ର। ସେ କହିବା ପ୍ରକାରେ ସିଂହଳ ଓ କଳିଙ୍ଗ ମଧ୍ୟରେ ହାତୀର ବାଣିଜ୍ୟ ପ୍ରଚଳନ ଥିଲା। ଗ୍ରୀକ୍ ଐତିହାସିକମାନଙ୍କ ମତରେ - ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଭାରତର ପୂର୍ବଉପକୂଳରେ ବହୁ ଉନ୍ନତ ଧରଣର ବନ୍ଦର ବିକାଶ ଲାଭ କରିଥିଲା। ସେଗୁଡ଼ିକ ହେଲା- କାଲିଚି (କୋରକେଇ), କାମରା (କାବେରୀ ପର୍ତ୍ତନମ୍), ପୋଡୁଚୁ (ପଣ୍ଡିଚେରୀ), ସପତମା (ମସୁଲିପଟ୍ଟମ୍), କଣ୍ଟକ ଶିଲାଇ (ଘଣ୍ଟଶିଳା), ପିଟୁଣ୍ଡ(ପିଥୁଣ୍ଡ), ପଲୌର (ପାଲୁର-ଦନ୍ତପୁର), ଗଙ୍ଗେ (ଗୋପାଳପୁର) ଓ ତାମଲିପି (ତାମ୍ରଲିପ୍ତି)। ପ୍ରଥମ ତିନୋଟିକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବନ୍ଦର କଳିଙ୍ଗ ଉପକୂଳରେ ଅବସ୍ଥିତ ଥିଲା ଓ ସେଗୁଡ଼ିକ ମଧ୍ୟରେ ପାଲୁର ଥିଲା ସର୍ବବୃହତ୍। ଏପରିକି ଭୌଗୋଳିକ ଟୋଲେମୀ ପାଲୁର ବନ୍ଦରକୁ ସେକାଳର ସମୁଦ୍ରଗାମୀ ନୌକାଗୁଡ଼ିକର ଏକ ବିଶିଷ୍ଟ କେନ୍ଦ୍ର ରୂପେ ବର୍ଣ୍ଣନା କରିଛନ୍ତି। ଏହି ବିବରଣୀରୁ ସ୍ପଷ୍ଟ ଅନୁମେୟ ଯେ, ସେ କାଳରେ ପାଲୁର ଠାରୁ ସମୁଦ୍ର ଭିତରକୁ ପ୍ରବେଶ କରିବା ସମ୍ଭବପର ହେଉଥିଲା ଓ ସମୁଦ୍ର ମଧ୍ୟ ଦେଇ ବ୍ରହ୍ମଦେଶ, ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣୀ (ସିଂହଳ), ସୁବର୍ଣ୍ଣଦ୍ୱୀପ (ଜାଭା), କମ୍ବୋଜ, ଚମ୍ପା (ଆଧୁନିକ ଭିଏତ୍‌ନାମର ଅଞ୍ଚଳ) ଦେଶମାନଙ୍କ ସହ ସମ୍ପର୍କ ପ୍ରତିଷ୍ଠା କରିବାରେ କଳିଙ୍ଗର ନାବିକ ଓ ବଣିକମାନେ କୃତିତ୍ୱ ଅର୍ଜନ କରିଥିଲେ। ଯାହା ଫଳରେ କଳିଙ୍ଗର ଅର୍ଥନୈତିକ ବିକାଶ ସଙ୍ଗେ ସଙ୍ଗେ ଧର୍ମ ଓ ସଂସ୍କୃତିର ପ୍ରସାର ମଧ୍ୟ ହୋଇପାରିଥିଲା।

ଏପରିକି ବୌଦ୍ଧଧର୍ମର ଅଭ୍ୟୁଦୟ କାଳରେ ତାମ୍ରଲିପ୍ତି, ଚେଲିତାଲୋ ପ୍ରଭୃତି ପ୍ରସିଦ୍ଧ ବନ୍ଦର ଥିବାର ଜଣାଯାଏ। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ କଳିଙ୍ଗ ରାଜ ଗୁହଶିବଙ୍କ ଦୁହିତା ହେମମାଳା ଓ ଜାମାତା ଦନ୍ତକୁମାର କଳିଙ୍ଗରେ ପୂଜିତ ବୁଦ୍ଧଦେବଙ୍କ ଦନ୍ତକୁ ନେଇ ସିଂହଳରେ ପହଞ୍ଚିଥିଲେ। ଚୀନ ଦେଶ ସହ କଳିଙ୍ଗର ନୌ-ସମ୍ପର୍କ ଅତିଶୟ ପ୍ରାଚୀନ। ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଚୀନ ପରିବ୍ରାଜକ ଫାହିୟାନ କଳିଙ୍ଗର ତାମ୍ରଲିପ୍ତି ବନ୍ଦରରୁ ସିଂହଳ ଯାଇ ସେଠାରୁ କଳିଙ୍ଗ ଜାହାଜରେ ଜାଭା ବାଟ ଦେଇ ସ୍ୱଦେଶକୁ ଫେରିଥିଲେ। ସେହିପରି ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ ଓଡ଼ିଶା ଭ୍ରମଣରେ ଆସିଥିବା ସମୟରେ ପ୍ରତ୍ୟକ୍ଷଦର୍ଶୀ ଭାବରେ ଚେଲିତାଲୋ ବିଷୟ ବର୍ଣ୍ଣନା କରିଅଛନ୍ତି। ଏହା ସହ ନବମ ଓ ଦଶମ ଶତାବ୍ଦୀ ବେଳକୁ ବଙ୍ଗୋପସାଗରରେ ଆରବ ନାବିକ ଓ ବଣିକମାନଙ୍କର ଆବିର୍ଭାବ ହେଲା। ସେମାନେ ଓଡ଼ିଶାକୁ ଉରସିନ ବା ରସଫିନ୍ ନାମରେ ଉଲ୍ଲେଖ କରିବା ସହିତ ସମୁଦ୍ର ସଙ୍ଗେ ସମ୍ପୃକ୍ତ କରିଅଛନ୍ତି।

ପ୍ରକୃତପକ୍ଷେ କହିବାକୁ ଗଲେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ। ଏହା ସହ ଏଠାରେ ଅବସ୍ଥିତ ବହୁତ ଗୁଡ଼ିଏ ବନ୍ଦର ଆନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ସମୁଦ୍ର ପଥରେ ଦୂରଦେଶକୁ ଯାଇ ବଣିକମାନେ ବହୁତ ଧନ ସମ୍ପତ୍ତିରେ ଏ ଦେଶକୁ ଧନୀ ଓ ସମୃଦ୍ଧିଶାଳୀ କରିଥିଲେ। ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ବନ୍ଦର ମାନଙ୍କରୁ ମାଲକ୍କାକୁ ବସ୍ତ୍ରାଦି ଦ୍ରବ୍ୟମାନ ରପ୍ତାନୀ ହେଉଥିଲା। ଷୋଡ଼ଶ ଶତାବ୍ଦୀ ବେଳକୁ ବାଣିଜ୍ୟ କାରବାର ମଧ୍ୟ ପ୍ରାଚ୍ୟ ଦେଶର ଲୋହିତସାଗର ଉପକୂଳସ୍ଥ ଆଡେନ ଓ ଜେଡ଼ାବନ୍ଦର ବ୍ୟତୀତ ବନ୍ତାମ୍, ପେଗୁ, ଟେନାସରିମ ଓ ଆଚିନ ଆଦି ବନ୍ଦର ସହିତ ସମ୍ପର୍କ ସ୍ଥାପନ କରିପାରିଥିଲା। ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଇଉରୋପୀୟ ବଣିକମାନେ ଓଡ଼ିଶା ଉପକୂଳ ସହିତ ପରିଚିତ ହେଲେ ଏବଂ ପରେ ପରେ ବାଣିଜ୍ୟ କାରବାରରେ ଲିପ୍ତ ରହିଲେ। ପର୍ତ୍ତୁଗୀଜ, ଓଲନ୍ଦାଜ, ଦୀନାମାର ଓ ଫରାସୀ ବଣିକ କମ୍ପାନୀଙ୍କର ବାଣିଜ୍ୟିକ ସଂସ୍ଥାମାନ ଓଡ଼ିଶା ଉପକୂଳରେ ଗଢ଼ି ଉଠିଥିଲା। କିନ୍ତୁ ସପ୍ତଦଶ ଶତାବ୍ଦୀରେ ଭାରତୀୟ ବଣିକମାନେ ଇଂରେଜ କମ୍ପାନୀର ସୁରକ୍ଷା ବଳୟ ମଧ୍ୟରେ ରହିଥିଲେ।

ମୋଟ ଉପରେ କହିବାକୁ ଗଲେ ବାଣିଜ୍ୟ ସୂତ୍ରରେ କଳିଙ୍ଗ ଭୂମି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭୂଖଣ୍ଡ ସହିତ ବହୁକାଳ ପର୍ଯ୍ୟନ୍ତ ନିବିଡ଼ ଭାବରେ ସମ୍ପୃକ୍ତ ରହିଥିଲା। କିନ୍ତୁ ଏହି ନୌବାଣିଜ୍ୟର ଐତିହ୍ୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ପ୍ରକାରେ ତିଷ୍ଠି ରହିଥିଲା। ଇଂରେଜମାନେ ଓଡ଼ିଶା ଅଧିକାର କଲା ପରେ ବହୁବନ୍ଦର ଲୁପ୍ତପ୍ରାୟ ହୋଇଯାଇଥିଲା। ଯେଉଁ କେତେକ ନାମକୁ ମାତ୍ର ଥିଲା, ସେଗୁଡ଼ିକ ଇଂରେଜ ସରକାରଙ୍କର ସମ୍ପୂର୍ଣ୍ଣ ଅକ୍ତିଆରରେ ରହି କେବଳ ସରକାରୀ କାର୍ଯ୍ୟରେ ନିୟୋଜିତ ହେଉଥିଲା। ଫଳତଃ ପ୍ରାଚୀନ ପ୍ରଧାନ ବନ୍ଦର ଗୁଡ଼ିକ ବିସ୍ମୃତି ଗର୍ଭରେ ଲୀନ ହୋଇଗଲା।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ କାରବାର ଅତି ପୁରାତନ। ଏହାର ଉପକୂଳ ସୁଦୀର୍ଘ ଅଟେ ଏବଂ ଏଠାରେ ଅବସ୍ଥିତ ବହୁତ ବନ୍ଦର ଆନ୍ତର୍ବାଣିଜ୍ୟ ତଥା ବହିର୍ବାଣିଜ୍ୟ ପାଇଁ ସୁପ୍ରସିଦ୍ଧ। ଏସବୁ ସତ୍ତ୍ୱେ ନୌ-ବାଣିଜ୍ୟର ସେ ପୁରାତନ ପରମ୍ପରା ଆଉ ନାହିଁ। ତଥାପି ଓଡ଼ିଶାର ଜନସାଧାରଣ 'ଆ-କା-ମା-ବୈ' ଉଚ୍ଚାରଣ ସହ କାର୍ତ୍ତିକପୂର୍ଣ୍ଣିମା ଉତ୍ସବଟିକୁ ସେହି ପରମ୍ପରାର ଏକ ଚିରନ୍ତନ ସ୍ମୃତି ରୂପେ ଅଦ୍ୟାପି ବହନ କରି ଆସୁଛନ୍ତି।


♥ ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
(ମୋ)୮୮୯୫୧୪୧୭୨୭


## ସୋସିଆଲ ମିଡ଼ିଆରେ ଅଶ୍ଳୀଳତା

ପ୍ରଫୁଲ୍ଲ ବାରିକ

ଗଣମାଧ୍ୟମରେ ପ୍ରମୁଖ ଭୂମିକା ନିଭେଇ ଆସୁଥିବା ରେଡ଼ିଓ, ଟିଭି, ସିନେମା ଓ ଅପେରା ସହ ଆଞ୍ଚଳିକ ସ୍ତରରେ ନାନାଦି ମନୋରଞ୍ଜନର ଅନୁଷ୍ଠାନମାନଙ୍କୁ ପଛରେ ପକେଇ ଏବେ ସର୍ବାଗ୍ରେ ତ୍ୱରିତ ଗତିରେ ଧାବମାନ ସ୍ମାର୍ଟ ମୋବାଇଲ, ଅର୍ଥାତ ନେଟଯୁକ୍ତ ମୋବାଇଲ କ୍ଷ କହିବା ବାହୁଲ୍ୟ, ଏବେ ଆଙ୍ଗୁଳି ଟିପରେ ବିଶ୍ୱ କ୍ଷଖବର ଠାରୁ ମନୋରଞ୍ଜନ, ଦୃଶ୍ୟ ଠାରୁ ଦୃଶ୍ୟାନ୍ତର, ପରଦା ଉପରେ ଯେବେ ଚାହିଁଲେ ଯାହାକୁ ଯେତେ ।

ଭାରତ ଏବେ ବିଶ୍ୱର ଦ୍ୱିତୀୟ ରାଷ୍ଟ୍ର ମୋବାଇଲ ବ୍ୟବହାରରେ । ଶହେ ତିରିଶ କୋଟି ଜନ ସଂଖ୍ୟାରୁ ତିରିଶ କୋଟି ଲୋକ ଭାରତରେ ସ୍ମାର୍ଟ ମୋବାଇଲର ଉପଭୋକ୍ତା । ସୋସିଆଲ ମିଡ଼ିଆର ଗୁରୁତ୍ୱ ଏବେ ଢେର ବଢ଼ି ଯାଇଛି । ଲୋକ ମୋବାଇଲରେ ଏତେ ଆଡିକଟେଡ଼ ଯେ ଦର୍କାର ପଡିଲେ ଭାତ ଛାଡି ଦେବେ, କିନ୍ତୁ ମୋବାଇଲ ନୁହେଁ । କାମ୍ପାନୀ ଗୁଡିକ ମଉକାର ଫାଇଦା ଉଠେଇ ଲାଲେଲାଲ ।

ପ୍ରତି ଜିନିଷର ଉଭୟେ ଭଲ ମନ୍ଦ ଅଛି । ମୋବାଇଲ ଏବେ ଜୀବନକୁ ସରଳ ଏବଂ ସହଜ କରିବା ସହ ପ୍ରଗତିର ଗତିକୁ ତୀବ୍ର କରି ଦେଇଛି । ଏଥିରେ ବ୍ୟବସ୍ଥିତ ଆପଗୁଡିକ ମଧ୍ୟରେ ଫେସବୁକ, ହ୍ୱାଟ୍ସ ଆପ, ଇନଷ୍ଟାଗ୍ରାମ, ୟୁଟ୍ୟୁବ ପରି ବଳିଷ୍ଠ ମାଧ୍ୟମ ଦୈନନ୍ଦିନ ଖବର ସଂଚାର ସହ, ବେଙ୍କିଙ୍ଗ ଓ ବ୍ୟବସାୟିକ କାରବାରକୁ ସହଜ ସରଳ କରି କ୍ଲିଷ୍ଟତାରୁ ମୁକୁଳେଇ ମଣିଷକୁ ସହଜ କରିଛି । ସମୟ ସଂଚିଛି । ମନୋରଞ୍ଜନରେ ଏହାର ଭୂମିକାକୁ ଟକ୍କର ଦେଲାଭଳି ଅନ୍ୟ ମାଧ୍ୟମ ଆଜିର ଦିନରେ ଦ୍ୱିତୀୟ ନାହିଁ । ସାହିତ୍ୟ, କଳାକୁ ଏହାର ଅବଦାନ ଅବର୍ଣ୍ଣନୀୟ ।

ଏପରି ଏକ ବହୁଆଦୃତ ଗଣ ମାଧ୍ୟମରେ କ୍ଷିରରେ ବିଷ ସଦୃଶ ଏବେ ଏଥିରେ ପରିବେଶିତ ହେଉଥିବା ନକାରାତ୍ମକ କାର୍ଯ୍ୟକ୍ରମ ଖାଲି ଏହାକୁ ଅରୁଚିକର କରୁ ନାହିଁ, ୧ସଂସ୍କୃତିରେ ଅପସଂସ୍କୃତିର ବିଷ ବୋଳିବା ଓ ଆଗାମୀ ପିଢ଼ିର କଅଁଳ ମସ୍ତିଷ୍କକୁ ବିସାକ୍ତ କରିବା ସହ ଜୀବନ ଯୌବନ ଓ ଜିଇଁବା ପ୍ରତି ବିକାରଗ୍ରସ୍ତ ହେବାରେ ସାହାୟକ ହେଇ ଚାଲିଛି । ଏପରି କାର୍ଯ୍ୟକ୍ରମ ଯଦି ଅବ୍ୟାହତ ରହେ, ବା ବୃଦ୍ଧି ପାଏ, ପରିଣତିଯେ କଉଠି ପହଂଚିବ, ଏବେ ଚିନ୍ତା ବାହାରେ ।

ନଗ୍ନତା ନୂଆ ନୁହେଁ । ଟିଭି, ସିନେମା, ଯାତ୍ରାରେ ଅଙ୍ଗ ପ୍ରଦର୍ଶନ ଓ ଉତ୍ତେଜକ ଅଶ୍ଳୀଳ ଡାଏଲଗ ମୂଳରୁ ଅଛି । ଆଶ୍ଳୀଳ ସିନେମା କ୍ଷେତ୍ରରେ ସେଥିପାଇଁ ପ୍ରାପ୍ତ ବୟସ୍କଙ୍କ ପାଇଁ ଲେଖା ଯାଏ ।

ଏବେ ସବୁକୁ ଟପି ଫେସବୁକରେ ପ୍ରଦର୍ଶିତ ଭିଡିଓରେ ନାରୀ ପୁରୁଷ ଶୃଙ୍ଗାରର ଜୀବନ୍ତ ଚିତ୍ର ଖୋଲାଖୋଲି ପ୍ରଦର୍ଶିତ କରା ଯାଉଛି କ୍ଷ ଆହୁରି ଅନେକ ଆଶ୍ଳୀଳ ଚିତ୍ର, ଯାହା ଏଠାରେ ଉଲ୍ଲେଖ କରିବା ଲଜ୍ଜା ସହ ନୀତି ବହିର୍ଭୂତ । ଫେସବୁକ ମାଲିକବି ଛାଡୁଛନ୍ତି ଏସବୁକୁ ନିର୍ବିଚାରରେ ।

ଚିନ୍ତା କରିବାର, ସାମାଜିକ ଜୀବନରେ ରହିବ ସମ୍ପର୍କରେ ପବିତ୍ରତା, ପରିବାର ଶୃଙ୍ଖଳା ଓ ଜୀବନ ଜିଇଁବାରେ ମାଦକତା ? କୁଆଡେ ଗତି ଆମର ? ଉର୍ଦ୍ଧ୍ୱକୁ, ନା ନିମ୍ନକୁ ସ୍ମାର୍ଟ ଫୋନଧାରୀ ଦେଖୁଛନ୍ତି ସମସ୍ତେ ଖୋଲା ଖୋଲି ବୟସ ଲିଙ୍ଗ ନିର୍ବିଚାରରେ । ସେଥିପାଇଁ ବୋଧେ ହାତରେ ମୋବାଇଲ ଦିନ ରାତି ଚବିଶ ଘଣ୍ଟାରୁ ଅଠର ଘଣ୍ଟା ।

କେଇ ବର୍ଷ ତଳେ ବିଦେଶୀ ଭିଡିଓରେ ଏସବୁ ପ୍ରଦର୍ଶିତ ହେଉଥିଲା । ବିରୋଧ ହେବା ଦ୍ୱାରା ବନ୍ଦ ହେଲା । ଏଣିକି ଏସବୁ ସମ୍ପୂର୍ଣ୍ଣ ସ୍ୱଦେଶୀ । ଆମ ନିଜ ତିଆରି, ଆମ ପାଇଁ ।

କଣ ଉଦ୍ଦେଶ୍ୟ ଏସବୁ କରିବାର ? ଯଦି ଅର୍ଥ ରୋଜଗାର କେବଳ ଉଦ୍ଦେଶ୍ୟ ଥାଏ, ଏହାର ଢେର ମୂଲ୍ୟ ଚୁକେଇବାକୁ ପଡିବ ସମାଜକୁ । ଯଦି ଉଦ୍ଦେଶ୍ୟ ଅନ୍ୟ କିଛି ଥାଏ, ତାର ପ୍ରତିରୋଧ ମୁଲୁ ଆବଶ୍ୟକ ସୁସ୍ଥ ସମାଜ ପାଇଁ । ସମସ୍ତେ ଦେଖୁଥିଲେବି ବିଲେଇ ବେକରେ ଘଣ୍ଟି ବାନ୍ଧିବାକୁ କେହି ନାଇଁ । ଇଏ ଚୁପ ରହିବାର ବେଳ ନୁହେଁ । ଜୀବନ ସହ ସଂସ୍କୃତି ସଂରକ୍ଷଣର ବେଳ ଇଏ । ହେଯିବା ହୁଅନ୍ତୁ ଶୁଦ୍ଧି ଜନେ ।


♥ ଚନ୍ଦନବିନ୍ଧା, ଚନ୍ଦବାଲି, ଭଦ୍ରକ
(ମୋ) ୯୨୩୮୯୨୦୪୦୫







### ଦାଦାଗିରି

କୁନା ସେଠୀ

ଦେଖ ଦେଖ ଆଜି ମଣିଷ ମଧ୍ୟରେ
ଚାଲିଅଛି ଦାଦାଗିରି
କିଏ ନାହିଁ ଏଠି କାହାର ସାଥୀରେ
ଲୁଟିଖିଆ ଡାକେ ହରି ।
ଠକି ଖିଆ ଡାକେ ହରି।
ହରି ମଧ ତାଙ୍କ ଡାକକୁ ଶୁଣନ୍ତି
କରନ୍ତି ତାହାଙ୍କୁ ପାରି
ଚାଲେ ଏଠି ଦାଦାଗିରି ।
ନିରୀହ କନ୍ୟାର ଜୀବନ ସାଥୀରେ
ଖେଳ ହୁଏ ଚୋରି ଚୋରି
ଧରାପଡ଼ିଗଲେ ଜୀବନ ତାହାରି
ହୋଇଯାଏ ପରା ଚୁରି
ପେଟରେ ଚାଲଇ ଛୁରୀ
ଯାଏ ସେ କନିଆ ମରି
ଶୁଭେ ନାହିଁ ତାର ଚିତ୍କାର କାହାକୁ
ହୁଏ ନାହିଁ କିଏ ଝୁରି
ଚାଲେ ଏଠି ଦାଦାଗିରି ।
ଅସଲ ନେତାଏ ଘରେ ଶୋଇଛନ୍ତି
କୁଜି କରେ ଟାଉ ଟରି
ବାର୍ଦ୍ଧକ୍ୟ ଭତାକୁ ଲୁଟି ଖାଉଛନ୍ତି
ଅଫିସରୁ ଚୋରି କରି
ବିଧବା କରଇ ହୁରି
ଜୀବନ ଯାଏ ତା ସରି
ବୁଢ଼ୀମା ଟି ସେଠି ଅନାଇ ବସିଛି
ଭତା ଟିକୁ ଚାହିଁ କରି ।
ଚାଲେ ଏଠି ଦାଦାଗିରି
ପାଠ ପଢ଼ା ପିଲା ପରିଶ୍ରମ କରି
ପଢ଼ା କୁ ଦେଇଛି ସାରି
ପଢ଼ି ପଢ଼ି ସିଏ ବାପାଙ୍କ ସମ୍ପତି
ଦେଇଅଛି ଶେଷ କରି
ଚାକିରି ଟା ଆଶା କରି
ବହୁଧରା ଧରି କରି
ଦଲାଲ ହାତକୁ ଟେକିଦେଇ ଅଛି
ଲକ୍ଷ ଲକ୍ଷ ଟଙ୍କା ତାରି
ଚାଲେ ଏଠି ଦାଦାଗିରି ।
ଗରିବ ବାପୁଡ଼ା ବହୁ କଷ୍ଟ କରି
ଜମିଟିକୁ କ୍ରୟ କରି
ନିଜର ନାମରେ କରିଅଛି ତାକୁ
ଭବିଷ୍ୟତ ମନେ ଭରି
ଆଶା କି ହୋଇଛି ପୁରି
ଜମିଟା କି ହେଲା ତାରି
ଜମି ଦଲାଲଟା ଦଲାଲି କରିକି
କରିଅଛି ତାକୁ ଚୋରି
ଚାଲେ ଏଠି ଦାଦାଗିରି ।
ସାଧୁ ବେଶ ଧାରୀ ସନ୍ୟାସୀ ରୂପରେ
ବୁଲେ ପୁଣି ଦୁରାଚାରୀ
ଧର୍ମ କଥା କହି ଇଜ୍ଜତ ଲୁଟଇ
ଛଦ୍ମ ବେଶ ଧରିକରି
ଦୁର୍ନୀତିକୁ ସାଥ୍ କରି
ହତ୍ୟା ଯାଉଥାଏ କରି
କେହି ନ ଜାଣନ୍ତି ତାହାରି କଥାକୁ
ମାନନ୍ତି ଈଶ୍ୱର ପରି
ଚାଲେ ଏଠି ଦାଦାଗିରି ।
ଉନ୍ନତି ନାଆଁ ରେ ଅବନତି ଚାଲେ
ଗାଆଁ ଠୁ ସହର ଧରି
ଆସୁଥିବା ଟଙ୍କା ବାଟେ ସରିଯାଏ
ବଳେ ଖାଲି ଦୁଇ ଚାରି
ସେତକ ଟଙ୍କାକୁ ଧରି
ଉଦ୍ଘାଟନ ଟିଏ କରି
ନେତାମନ୍ତି ଯେତେ ଧାଡ଼ି ଲଗାଅନ୍ତି
କଇଁଚି ଗୋଟିଏ ଧରି
ଚାଲେ ଏଠି ଦାଦାଗିରି ।
ଶିକ୍ଷା ଠାରୁ ସ୍ୱାସ୍ଥ୍ୟ ସବୁଠି ଦଲାଲ
ସାଜିଛନ୍ତି ନିଜେ ହରି
ଅସହାୟ ଠାରୁ ଲକ୍ଷ ଲକ୍ଷ ଟଙ୍କା
ମିଛରେ କରନ୍ତି ଚୋରି
କରନ୍ତିନି ତାଙ୍କୁ ପାରି
ଠକରେ ଦିଅନ୍ତି ମାରି
ଭଗବାନ ସାଜି ସଇତାନ ପରା
କରଇ ରାଜୁତି ତାରି
ଚାଲେ ଏଠି ଦାଦାଗିରି ।

♥ ଭୂତସରସିଙ୍ଗି, ଗଞ୍ଜାମ

### ସମୟର ଚକ୍ରବ୍ୟୂହରେ

କାହ୍ନୁ ଚରଣ ସାହୁ



ବଞ୍ଚିବାକୁ କେବେ
ସାହାର ଖୋଜିବୁଲେ ବୋଲି
ସାହାରା ବି ବଦେଇଦିଏ
ବେସାହାରା ହେଇ
ବଞ୍ଚିବାର ସହଜ ଉପାୟ ।

ଭଗ୍ନ ମନକୁ ସ୍ୱର୍ଣ୍ଣିମ କରିବାର ଚେଷ୍ଟା
ବିଫଳ ହିଁ ହେବ
ଯେଉଁଯାଏ ସମୟ ଉପେକ୍ଷା କରୁଥିବ।

ସମୟ ତ ବଳବାନ
ହାରିନେବାକୁ ହୁଏ ତା'ସାମ୍ନାରେ,
କେତେ ଯେ ମୁଣ୍ଡ ଟେକିଥିବା ଇତିହାସ
ଲିପିବଦ୍ଧ ହେଇ ସଢୁଛନ୍ତି ତା' ଇସାରାରେ ।

ସେମାନଙ୍କ ପରି ମୁଁ ବି ଚେଷ୍ଟାକରିଛି
କ୍ଷୁଦ୍ର ସାମ୍ରାଜ୍ୟ ଟିଏ ଗଢ଼ିବାକୁ
ଦୁଃଖୀ ମୁହଁରେ ହସର ଫଗୁଣ ବୁଣିବାକୁ
ଅଥଚ ସବୁଥର ପରି ଏଥର ମଧ୍ୟ ବିଫଳ
ବିକଳାଙ୍ଗ ଆଶା ମୋର ସମାଧିସ୍ଥ
ସମୟର ଚକ୍ରବ୍ୟୂହରେ ।


♥ ଇ.ଟି.ଇ.ଆଇ, ଧର୍ମଗଡ଼
ପଣ୍ଡକାମାଳ, ମ.ରାମପୁର,
କଳାହାଣ୍ଡି
ମୋ : ୮୨୪୯୫୨୦୮୮୦


### ପରିଣତ

ଅକ୍ଷୟ କୁମାର ମହାପାତ୍ର

ହେ କୃଷ୍ଣ ବାସୁଦେବ,
ଅଧର୍ମର ବିନାଶ ଆଉ ଧର୍ମର ପ୍ରତିଷ୍ଠା
ଭଗବତ୍ ଗୀତାରେ ହୋଇଛି ଉଦ୍‌ଘୋଷିତ
କିନ୍ତୁ ସବୁ କିଛି ହୋଇଅଛି ଓଲଟ ପାଲଟ
ଧର୍ମାତ୍ମା କାହିଁକି ହୁଏ ପୀଡିତ ଓ ଆତଙ୍କିତ ।

ହେ କୃଷ୍ଣ ବାସୁଦେବ,
ତବ ପ୍ରିୟ ସଖା ଅର୍ଜୁନ କି ହୋଇଛନ୍ତି ଅସ୍ତ୍ରଶୂନ୍ୟ
ନାଶ କରି ଦୁଷ୍କର୍ମକାରୀ
ଶୁଦ୍ଧ-ସାଧୁ ସମାଜରେ ହେବ ପରିଣତ ।

ହେ କୃଷ୍ଣ ବାସୁଦେବ,
ତବ ମୋହନ ବଂଶୀର ସ୍ୱରେ
ଭଂଗା ମାଠିଆ ଯୋଡ଼ିଯାଏ ନିଖୁଣ ଭାବରେ
ବ୍ୟାଘ୍ର ମୃଗାଦି ଖାଦ୍ୟ-ଖାଦକ ହୁଏ ମିତ୍ରେ ପରିଣତ ।

ହେ କୃଷ୍ଣ ବାସୁଦେବ,
ଶତ କଦମ୍ବ ଝୁଙ୍କି ଯାଏ ମୋହନ ବଂଶୀ ସ୍ୱରେ
ଦୁରାଚାରୀ, ଅହଂକାରୀ, ଅମଣିଷ
ଦୁଷ୍ଟ ହୁଏ ଶିଷ୍ଟରେ ପରିଣତ ।

ହେ କୃଷ୍ଣ ବାସୁଦେବ,
କରୋନାର ବିଭୀଷିକାରେ ପୂର୍ଣ୍ଣ ଶ୍ମଶାନ
ବନ୍ୟାର ତାଣ୍ଡବରେ ଶୂନ୍ୟ ଶସ୍ୟକ୍ଷେତ
ତବ ଇଚ୍ଛାରେ ହେଉ ସୁଖଶାନ୍ତି ପରିଣତ
ହେ ମାଧବ ! ଘେନ ମୋର ଶତ କୋଟି ପ୍ରଣିପାତ ।

♥ ରୂପ୍‌ସା, ମୋ: ୮୮୯୫୧୯୭୨୯୫

# ଭକ୍ତି ସଙ୍ଗୀତରେ ଭାବର ବ୍ୟକ୍ତିତ୍ୱ ଭଜନ ସମ୍ରାଟ ଭିକାରୀ ବଳ



ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୯୯୩୮୯୦୬୦୭୦

ଭକ୍ତି ସଙ୍ଗୀତର ଭଜନ ସମ୍ରାଟ ଭିକାରୀ ବଳ ଥିଲେ ଜଣେ ଅନନ୍ୟ ପୁରୋଧା । ଭାବର ଠାକୁରଙ୍କ ପାଇଁ ସେ ଥିଲେ ଭାବର ଗାୟକ । ଗୀତର ଗଣିତରେ ସିଏ ଖୋଜିଥିଲେ ଶୂନ ଆଉ ଶୂନ୍ୟ । ଭାବର ଭୂଗୋଳରେ ସିଏ ରଚିଥିଲେ ଭକ୍ତିର ଭାବ। ସରଳ ସ୍ୱଭାବରେ ସିଏ ସୃଜିଥିଲେ ସହସ୍ର ହୃଦୟର ଆବେଗ ଆନନ୍ଦ । ସ୍ୱକୀୟ ସ୍ୱର ଶୈଳୀରେ ସିଏ ପାଲଟି ଥିଲେ କୋଟିଏ ହୃଦୟ କୁହୁକ । ସେ ଥିଲେ ପ୍ରତିଟି ଓଡ଼ିଆର ମରମ ତଳର ମନପକ୍ଷୀ । ଦରଜ ଭିତର ଦିବ୍ୟଧାରା । ଜଗତର ନାଥଙ୍କୁ କେବେ ବି କିଛିହେଲେ ମାଗୁନଥିଲେ । କେବେ ପୁଣି କିଛି ନପାଇ ଅଭିମାନ ବି କରୁଥିଲେ । ସତରେ ସେ ଥିଲେ ଶହେ ମନର ମୃଦୁ ମୌସୁମୀ, ହଜାରେ ହୃଦୟର ହୀରାମୋତି । ପତିତ ପ୍ରାଣର ପୁଲକ, ଅତିଷ୍ଠ ଆତ୍ମାର ଆନନ୍ଦ । ଶୈଶବରୁ ସଂଗୀତ ଥିଲା ଯେପରି ଭିକାରୀ ବଳଙ୍କ ଜୀବନ ଓ ପ୍ରାଣ। ତାଙ୍କର କଣ୍ଠ ଓ ସ୍ୱର ଥିଲା ଈଶ୍ୱର ଦତ୍ତ। ତାଙ୍କ ସ୍ୱରରେ ଏପରି ମାଧୁର୍ଯ୍ୟ ଭରି ରହିଥିଲା ଯେ ଭଜନ ଓ ଜଣାଣ ଗାନ ମାଧମରେ ନିଜ ଜନ୍ମମାଟିରୁ ଆରମ୍ଭ କରି ଦେଶବିଦେଶର କୋଟି କୋଟି ଓଡ଼ିଆଙ୍କୁ କେତେ ସ୍ୱପ୍ନ ଓ ଛନ୍ଦରେ ମନ୍ତ୍ରମୁଗ୍ଧ କରିପାରିଥିଲେ। କେତେବେଳେ କୋଠ ଭୋଗଖିଆ ତ ଆଉ କେତେବେଳେ ବଡ ଦେଉଳର ପାରା । ପୁଣି କେତେବେଳେ ହାତରେ ମୁଠାମୁଠା ଶରଧାବାଲି, ଷାଠିଏ ପଉଟି ଭୋଗରୁ ଡୁମର, ଜଗନ୍ନାଥ କଲେ ଯାହା... ଆଦି ଅସଂଖ୍ୟ ଭଜନ ଜଣାଣ ମାଧମରେ ଭିକାରୀ ବଳ ଓଡ଼ିଆଙ୍କ ହୃଦୟରେ ଭକ୍ତିରସର ଧାରାକୁ ପ୍ଲାବିତ କରାଇ ଗଣ ହୃଦୟକୁ ଜୟ କରିଥିଲେ। ସଂଗୀତ ଜଗତରେ ତାଙ୍କର ଏକାଗ୍ରତା, ଗଭୀର ନିଷ୍ଠା ଓ ଜୀବନବ୍ୟାପୀ ନିରବଚ୍ଛିନ୍ନ ସାଧନା ତାଙ୍କୁ ଜୀବନରେ ଅପାର ସିଦ୍ଧି ଆଣି



ଦେଇଥିଲା। ସେ ଥିଲେ ଖୁବ୍ ବନ୍ଧୁବତ୍ସଳ, ସ୍ନେହୀ, ସ୍ୱାଭିମାନୀ ଓ ନିରାଡ଼ମ୍ବର ବ୍ୟକ୍ତିତ୍ୱ। ତାଙ୍କ କଣ୍ଠର ପ୍ରତିଟି ସଙ୍ଗୀତ ଭକ୍ତିରସର ଭାବଧାରା ପ୍ଲାବିତ କରେ ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ହୃଦୟକୁ । ତାଙ୍କ ସଙ୍ଗୀତରେ ଥିଲା ଭାବ ଆଉ ଭକ୍ତି । ଥିଲା ପୁଣି କାଳିଆ ଠାକୁରଙ୍କ ପାଇଁ ସମର୍ପଣର ଭାବ । ବାସ ଭିକାରୀ ବଳରୁ ବନିଗଲେ କୋଟି ଓଡିଆଙ୍କ ହୃଦୟର ଭଜନ ସମ୍ରାଟ । ସେ ପାରମ୍ପରିକ ଓଡ଼ିଶୀ ସଙ୍ଗୀତର ବିଭିନ୍ନ ବିଭାଗ, ଯଥା ଚଉପଦୀ, ଛାନ୍ଦ, ଚମ୍ପୂ, ଚଉତିଶା, ଭଜନ, ଜଣାଣ, ଇତ୍ୟାଦି ସଙ୍ଗେ ସଙ୍ଗେ ପଲ୍ଲୀଗୀତ, ଆଧୁନିକ ଗୀତରେ ମଧ କଣ୍ଠଦାନ କରିଛନ୍ତି । ସେ ଗୁଡ଼ାଏ ଓଡ଼ିଆ ଚଳଚ୍ଚିତ୍ରରେ କଣ୍ଠଦାନ କରିଛନ୍ତି। ତନ୍ମଧ୍ୟରୁ - ଅଭିଳାଷ , ଭକ୍ତ ସାଲବେଗ , ଅଗ୍ନି ପରୀକ୍ଷା , ଅପରିଚିତା, ମଥୁରା ବିଜୟ , ଅନୁତାପ , ଅମର ପ୍ରେମ , କନକଲତା ଆଦି ଅନ୍ୟତମ।

ଭଜନ ସମ୍ରାଟ ଭିକାରୀ ବଳ ୧୯୨୯ ମେ ୨୫ ତାରିଖରେ କେନ୍ଦ୍ରପଡା ସ୍ଥିତ ସୋବଳାରେ ଜନ୍ମଗ୍ରହଣ କରିଥିଲେ । ସ୍ୱର ସଙ୍ଗୀତର ସାରସ୍ୱତ ସାଧକ ଶ୍ରୀଯୁକ୍ତ ବଳଙ୍କ ପ୍ରତି ପିଲାଟି ଦିନରୁ ଭାଗ୍ୟଲକ୍ଷ୍ମୀ ବିମୁଖ ଥିଲେ । ଦାରିଦ୍ର୍ୟର କାଷାଘାତରେ ଜର୍ଜରିତ ତାଙ୍କର ଜୀବନ ରଥ କିନ୍ତୁ ଅଟକି ଯାଇନଥିଲା। ଛୋଟ ବେଳୁ ସେ ତାଙ୍କ ପିତା ଓ ମାତାଙ୍କୁ ହରାଇଥିଲେ। ତାଙ୍କର ସମସ୍ତ ଦାୟିତ୍ୱ ବହନ କରିଥିଲେ ବଡ଼ ଭାଇ ଧନେଶର। କୃଷ୍ଣଚନ୍ଦ୍ର ସାହୁ ଥିଲେ ଭିକରୀ ବଳଙ୍କ ପ୍ରଥମ ଗୁରୁ। ସେ ପରିସ୍ଥିତିରେ ପଡ଼ି ଗ୍ରାମ ଛାଡ଼ିଥିଲେ ଏବଂ କଟକକୁ କର୍ମ-ସ୍ଥଳୀ ଭାବେ ବାଛିଥିଲେ ଆଉ ସେ ଥିଲେ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ। ଶୈଶବରୁ ସଙ୍ଗୀତ ଥିଲା ଭିକାରୀ ବଳଙ୍କ ଜୀବନ ଓ ପ୍ରାଣ । ଓଡିଶୀ ସଙ୍ଗୀତର ଅହେତୁକ ଆକର୍ଷଣରେ ସେ ଟାଣି ହୋଇ ଯାଇଥିଲେ । କଟକ କଳାବିକାଶ କେନ୍ଦ୍ରରୁ ଓଡ଼ିଶୀ ସଙ୍ଗୀତ ଶିକ୍ଷାଲାଭ କରି 'ପ୍ରାଣ ମିତଣି ବାରେ ଚାହାଁରେ' ଗୀତ ଗାଇ ସାଉଁଟି ଥିଲେ ପ୍ରଚୁର ଲୋକପ୍ରିୟତା । ଜୀବନରେ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି ସେ । ଗୋଟିଏ ପରେ ଗୋଟିଏ ଅସଂଖ୍ୟ ଲୋକପ୍ରିୟ ଭକ୍ତି ସଙ୍ଗୀତ ଗାନ କରି ଓଡିଶାବାସୀଙ୍କ ହୃଦୟରେ ଛାଡିଯାଇଛନ୍ତି ଏକ ଅଲିଭା ଛାପ। ସେ ଅନେକ ମଠ, ମନ୍ଦିର, ଆଧ୍ୟାତ୍ମିକ ଅନୁଷ୍ଠାନ ସହ ସେ ସଂପୃକ୍ତ ଥିଲେ। ଜୀବନର ଅର୍ଦ୍ଧାଧିକ ସମୟ କଟିଥିଲା ବିଭିନ୍ନ ଧର୍ମାନୁଷ୍ଠାନରେ। କାର୍ତ୍ତିକ ମାସ, ତାଙ୍କର ପ୍ରିୟ ଥିଲା। ଏ ମାସ ସଂପର୍କରେ ଗୀତଟିଏ ଲେଖିଥିଲେ- 'ମହା କାର୍ତ୍ତିକର ଏଇ ରାତି, ଉଜାଗରେ ରହି ଯାଉ ବିତି; ମନେ ମୋର ଆଉ ନାହିଁ ଭୀତି, ତୁଣ୍ଡେ ମୁଁ ଗାଉଛି ତା'ର ଗୀତି। ଆ କା ମା' ବୈ- ପାନ ଗୁଆ ଥୋଇ, ମୋ ଜୀବନ ନାଆ ଯାଉ ଭାସି।'

ଭଜନ ସମ୍ରାଟ ଭିକାରୀ ବଳଙ୍କ ସଂଗୀତମୟ ଜୀବନକୁ ସେ ସମ୍ପୂର୍ଣ୍ଣ ଭାବେ ଜଗନ୍ନାଥଙ୍କ ନିକଟରେ ସମର୍ପଣ କରିଦେଇଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ ଯେଉଁ ଦୁଇଟି ଶବ୍ଦ ଉଚ୍ଚାରଣ କରୁଥିଲେ ତାହା ଥିଲା - 'ଜୟ ଜଗନ୍ନାଥ'। ସଂଗୀତ ମହାବିଦ୍ୟାଳୟରେ ଅଧ୍ୟାପନା ମଧରେ ସେ ଓଡ଼ିଶାର ସଂଗୀତ ଜଗତରେ ବହୁ ପ୍ରିୟ ଓ ଗୁଣୀ ଛାତ୍ର ସୃଷ୍ଟି କରିଥିଲେ। ଏଚ୍.ଏମ୍.ଭି., ଟି.ସିରିଜ୍ ? ଆଦିରେ କଣ୍ଠଦାନ କରି ସେ ସର୍ବଭାରତୀୟ ସ୍ୱୀକୃତି ଲାଭ କରିଥିଲେ। ଓଡ଼ିଶା ଓ ଓଡ଼ିଶା ବାହାରୁ ବହୁ ସମ୍ମାନ, ସ୍ୱୀକୃତି ଓ ପୁରସ୍କାର ଲାଭ କରିଥିଲେ। ପୁରୀର ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କୁ 'ଭଜନ ସମ୍ରାଟ' ଉପାଧିରେ ଭୂଷିତ କରିଥିଲେ। ପୁରାତନ ରଚନାରୁ ଭିକାରୀ ବଳ ବହୁ ସଙ୍ଗୀତ ଗାନ କରିଛନ୍ତି। ଗୋପାଳକୃଷ୍ଣ, ଦୀନକୃଷ୍ଣ, ବଳଦେବ, ବନମାଳି ଓ ସାଲବେଗ ଆଦି ପୁରାତନ କବିଙ୍କ ବହୁ ଭଜନରେ ସେ କଣ୍ଠଦାନ କରିଛନ୍ତି। ଏହାସହ ଡ ପ୍ରସନ୍ନ ସାମଲ, ଖିରୋଦ ଚନ୍ଦ୍ର ପୋଥାଳ, ଅରବିନ୍ଦ ମୁଦୁଲି, ଶୀର୍ଷାନନ୍ଦ ଦାସ କାନୁନଗୋ, ଅଲେଖ ବିଶ୍ୱାଳ, ଗୌରହରି ଦଳାଇ ଓ ଶ୍ରୀକାନ୍ତ ଗୌତମଙ୍କ ଅନେକ ଗୀତରେ ମଧ କଣ୍ଠଦାନ କରିଛନ୍ତି। ତାଙ୍କର ଜଗନ୍ନାଥ ଭଜନ ଓ ଗୀତ ଗୋବିନ୍ଦର ପଦ ଆବୃତି ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। ସେ ଅନେକ ଚମ୍ପୁ, ଛାନ୍ଦ ଓ ଲୋକଗୀତ ମଧ ଗାଇଥିଲେ। ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ମଧ କଣ୍ଠଦାନ କରିଥିଲେ। ଏହାସହ ଜଗନ୍ନାଥ ମନ୍ଦିରରେ ସେବା ପାଇଁ ଅନୁମତି ଓ ଅନେକ ସୁବିଧା ସୁଯୋଗ ଖଞ୍ଜି ଦେଇଥିଲେ। ସେ ଜଗନ୍ନାଥଙ୍କର ଚାମର ସେବା ନିମନ୍ତେ ମଧ ସୁଯୋଗ ପାଇଥିଲେ। ୨୦୧୦ ମସିହା ନଭେମ୍ବର ୩ ତାରିଖରେ ୮୧ ବର୍ଷ ବୟସରେ ଭଜନ ସମ୍ରାଟ ଭିକାରୀ ବଳ ପରଲୋକ ଗମନ କରିଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କଥା ସମ୍ରାଟ ଫକିରମୋହନଙ୍କ ପରି ଭଜନ ସମ୍ରାଟ ଭିକାରୀ ବଳ ଓଡ଼ିଆ ଜାତିର ଚିର ନମସ୍ୟ।

# କଦଳୀ ମଞ୍ଜା କଟ୍‌ଲେଟ୍

***ଆବଶ୍ୟକ ସାମଗ୍ରୀ:*** କଦଳୀ ମଞ୍ଜା,ଆଳୁ, ପିଆଜ, ରସୁଣ,କଟା କଞ୍ଚା ଲଙ୍କା, ଧନିଆ ପତ୍ର, ଅଦା, ରିଫାଇନ୍ ତେଲ, ଗରମ ମସଲା ଓ ଲୁଣ ।



***ପ୍ରସ୍ତୁତି ପ୍ରଣାଳୀ:*** ପ୍ରଥମେ କଦଳୀ ମଞ୍ଜାକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ତାକୁ ଧୋଇ ଏକ ପାତ୍ରରେ ରଖନ୍ତୁ। ପରେ ଏହାକୁ ପ୍ରେସର କୁକରରେ ଲୁଣ ଓ ହଳଦୀ ପକାଇ ସିଝାଇ ଦିଅନ୍ତୁ। ସିଝା ଆଳୁକୁ ଚୋପା ଛଡ଼ାଇ ଏକ ପାତ୍ରରେ ରଖନ୍ତୁ। ତା'ପରେ ଗ୍ୟାସରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ପରେ କଟା ପିଆଜ, କଟା କଞ୍ଚା ଲଙ୍କା,କଟା ରସୁଣ,କଟା ଅଦା ପକାଇ ଅଳ୍ପ ସମୟ ପାଇଁ ଭାଜନ୍ତୁ। ଏହା ଭାଜି ହୋଇଯିବା ପରେ ସେଥିରେ ପୂର୍ବରୁ ସିଝା ହୋଇଥିବା ମଞ୍ଜାକୁ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। କରେଇରେ ମଞ୍ଜାକୁ କିଛି ସମୟ ପର୍ଯ୍ୟନ୍ତ ଭାଜନ୍ତୁ। ମଞ୍ଜା ଭଲ ଭାବେ ଭାଜି ହୋଇଗଲା ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ତା'ପରେ ମଞ୍ଜାର ମିଶ୍ରଣରେ ସିଝା ଆଳୁକୁ ଚକଟି ଦିଅନ୍ତୁ । ଏହାପରେ ସେଥିରେ କଟା ଧନିଆ ପତ୍ର,ଗରମ ମସଲା ଓ ସ୍ୱାଦନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ତା'ପରେ ଚକଟା ମଞ୍ଜା ମସଲାର ମିଶ୍ରଣକୁ କଟଲେଟ୍ ବା ବରା ଆକାରରେ ଗୋଲ ଗୋଲ ଆକାର ତିଆରି କରି ଏକ ପାତ୍ରରେ ରଖନ୍ତୁ। ଏହାପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ କଟ୍‌ଲେଟ୍ ଆକାରରେ କରିଥିବା ମଞ୍ଜାକୁ ଛାଣନ୍ତୁ। ଏହା ଟିକେ ନାଲି ହୋଇଯିବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଦଳୀ ମଞ୍ଜା କଟ୍‌ଲେଟ୍।



# ଲିପ୍‌ଷ୍ଟିକ୍ ଲଗାଉଥିଲେ...



- ଓଠର ତ୍ୱଚା ଖୁବ୍ ପତଳା ହୋଇଥିବାବେଳେ ଏଥିରେ ତୈଳଗ୍ରନ୍ଥି ନଥାଏ । ଏହି କାରଣରୁ ଓଠ ନରମ ରହିନଥାଏ ଓ ଶୁଷ୍କତା ହେତୁ ଓଠ ଫଟା ଆରମ୍ଭ ହୋଇଥାଏ ।
- ଓଠର କୋମଳତା ନିମନ୍ତେ ଭଲ କମ୍ପାନୀର ଲିପ୍‌ଷ୍ଟିକ୍ ଓ ସ୍କ୍ରବ୍ ବ୍ୟବହାର କରିବା ଉଚିତ । ସପ୍ତାହକୁ ଅନ୍ତତଃ ଥରୁଟିଏ ଓଠ ସ୍କ୍ରବ୍ କରିବା ଉଚିତ । ନରମ ଦାନ୍ତଘଷା ବ୍ରଶ୍‌ରେ ଓଠକୁ ହାଲକା ଭାବେ ଘଷିଲେ ମୃତ କୋଷିକାମାନ ବାହାରିଯାଏ ।
- ରାତିରେ ଶୋଇବା ପୂର୍ବରୁ କ୍ଲିନଜିଙ୍ଗ୍ ମିଲ୍କରେ ଓଠକୁ ଭଲଭାବେ ସଫା କରି ଶୋଇବା ଉଚିତ । ଏହା ପରେ ଲିପ୍ ବାମ୍, ବାଦାମ ତେଲ,ବାଦାମର କ୍ରିମ୍ ଲଗାଇ ଶୁଅନ୍ତୁ ।
- ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା, ଭଲ କମ୍ପାନୀର ଲିପ୍‌ଷ୍ଟିକ୍ ଲଗାଇବା ଜରୁରୀ । ଶସ୍ତା ଜିନିଷ ବ୍ୟବହାର କଲେ ତାହାର କୁପ୍ରଭାବ ତ୍ୱଚା ଉପରେ ପଡିଥାଏ । ଏଣୁ ଗୋଟିଏ ଲିପ୍‌ଷ୍ଟିକ୍ କିଣନ୍ତୁ, କିନ୍ତୁ ତାହା ନାମୀ ବ୍ରାଣ୍ଡର ହୋଇଥିବା ଆବଶ୍ୟକ ।
- ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ଓଠରେ ଲିପ୍‌ବାମ ଲଗାଇ ଦିଅନ୍ତୁ । ଏହା ଓଠର ତ୍ୱଚାକୁ ବିଭିନ୍ନ ରାସାୟନିକ ତତ୍ତ୍ୱରୁ ରକ୍ଷା କରିଥାଏ ।

**ଯୁବତୀ ଓ ମହିଳାଙ୍କର ଅନ୍ୟତମ ପ୍ରିୟ ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ ଭାବେ ଲିପ୍‌ଷ୍ଟିକ୍ ଜଣାଯାଏ । ନାମୀ ସୌନ୍ଦର୍ଯ୍ୟ ବିଶେଷଜ୍ଞ ଶେହନାଜ୍ ହୁସୈନ୍‌ଙ୍କ ମତରେ ନିୟମିତ ଲିପ୍‌ଷ୍ଟିକ୍ ଲଗାଉଥିଲେ, କେତୋଟି ଦିଗ ପ୍ରତି ସତର୍କ ରହିବା ଉଚିତ ।**

# ଘନ କେଶ ପାଇଁ ପରିବା ରସ

**ଉଭୟ ମହିଳା ଓ ପୁରୁଷଙ୍କ ନିମନ୍ତେ କେଶ ସୌନ୍ଦର୍ଯ୍ୟ ନିତାନ୍ତ ଆବଶ୍ୟକ। ଏବର ପରିବେଶରେ କେଶ ଝଡ଼ିବା, ଅକାଳରେ ପାଚିବା ଏକ ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି। ଘରୋଇ ଉପଚାରରେ ଏସବୁର ସମାଧାନ ହୋଇପାରିବ। ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ, ପୁରାତନ ଯୁଗରେ ପ୍ରାକୃତିକ ଉପଚାରରେ ହିଁ କେଶ ଚର୍ଚ୍ଚା କରାଯାଉଥିଲା।**



- କେଶ ଅତ୍ୟଧିକ ଝଡୁଥିଲେ କିମ୍ବା କେଶର ଘନତ୍ୱ ବଢ଼ାଇବାକୁ ଚାହୁଁଥିଲେ, ପିଆଜ ରସ ତୁଳାରେ ନେଇ କେଶମୂଳରେ ଲଗାନ୍ତୁ। ସପ୍ତାହକୁ ୨ରୁ ୩ ଥର ଏପରି କରିବା ଉଚିତ୍।
- ଦୈନିକ ଖାଲିପେଟରେ ସକାଳୁ ୧୦୦ ଗ୍ରାମ୍ ଗାଜର ରସ ପିଇବା କେଶ ପାଇଁ ଏକ ଉତ୍ତମ ପାନୀୟ। ଏପରି କଲେ କେଶ ଲମ୍ବା ହେବା ସହ ଅକାଳରେ ପାଚିନଥାଏ।
- କିୱି ଫଳକୁ ଗ୍ରାଇଣ୍ଡିଂ କରି କେଶରେ ଲଗାଇଲେ କେଶ ଘନ କଳା ହେବା ସହ ଝଡ଼େନାହିଁ।
- ନିୟମିତ ଭାବରେ ପାଳଙ୍ଗ ଶାଗ ଖାଇବା ସହ ଏହାର ରସକୁ କେଶ ଶାମ୍ପୁ କରିବା ପୂର୍ବରୁ ଲଗାନ୍ତୁ।
- କେଶକୁ ପ୍ରଦୂଷଣରୁ ରକ୍ଷା କରିବା ନିମନ୍ତେ ରସୁଣ ରସ ଲଗାଇ ୨୦ ମିନିଟ୍ ରଖନ୍ତୁ। ପରେ ଭଲଭାବରେ ଶାମ୍ପୁ କରି କେଶରେ ଦହି ଲଗାଇବା ଉଚିତ୍।
- ଘିକୁଆଁରୀ ରସ ମଧ୍ୟ କେଶ ଓ ତ୍ୱଚା ପାଇଁ ଭଲଭାବେ କାମ କରେ। ମେହେନ୍ଦି ପ୍ୟାକରେ ଏହି ରସ ବ୍ୟବହାର କରି କେଶରେ ୩୦ମିନିଟ୍ ପାଇଁ ଲଗାନ୍ତୁ। ସପ୍ତାହକୁ ଥରେ ଏହିପରି କଲେ କେଶର ଘନତ୍ୱ ବୃଦ୍ଧି ହୁଏ।
- ସହଜରେ ଉପଲବ୍ଧ ହେଉଥିବା ଧନିଆ ପତ୍ରକୁ ଛେଚି କେଶ ମୂଳରେ ଲଗାଇଲେ କେଶ ଝଡ଼ିବା କମ୍ ହୁଏ।












# ମଧୁର ଜଳ ମାଛ ଚାଷ

ପୋଖରୀର ଏକ ହେକ୍ଟର ପ୍ରତି ୪୦୦୦ ଅଙ୍ଗୁଳିକା ଯାଆଁଳ କିମ୍ବା ବର୍ଷକିଆ ଯାଆଁଳ ଛାଡ଼ନ୍ତୁ। ରୋହି, ଭାକୁର ଓ ମିରକାଳିର ଅନୁପାତ ୪୦:୩୦:୩୦ ରଖନ୍ତୁ। ଖାଦ୍ୟ ଦେବା ପାଇଁ ମୁଣା ବ୍ୟବହାର କରନ୍ତୁ। ଏହା ଦ୍ୱାରା ଖାଦ୍ୟ ଖାଇବାର ପ୍ରକ୍ରିୟା, ହାର ଓ ଅନୁପାତ ଜଣାପଡ଼େ। ନିୟମିତ ଜାଆଁଳ ସଂଗ୍ରହ କରି ବୃଦ୍ଧି ଓ ବଞ୍ଚିବା ହାର ଦେଖନ୍ତୁ। ଏହି ସମୟରେ ପୋଖରୀରେ ଜଳ ପରିଚାଳନା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପାଣିରେ ଅମ୍ଳଜାନ ୭ ରୁ ୮.୫ ମଧ୍ୟରେ ରହିବା ଦରକାର। ଏଥିପାଇଁ ପିଏଚପେପର ବ୍ୟବହାର କରନ୍ତୁ। ଜଳର ଗୁଣ ପାଇଁ ତଳ ମାଟିରେ ଯତ୍ନ ନିଅନ୍ତୁ। ମଝିରେ ମଝିରେ କଳା ମାଟି ଓ ପଚାଶଢ଼ା ପଦାର୍ଥ କାଢ଼ିଦିଅନ୍ତୁ। ଚୂନ ପକାନ୍ତୁ। ରୋଗ ନିରାକରଣ ପାଇଁ ଏକର ପ୍ରତି ୪୦୦ ମିଲି ସଫାକସ ଛଅମାସ ଅନ୍ତରରେ ପ୍ରୟୋଗ କରନ୍ତୁ।



# ଧନୁରାକର୍ଷଣ ଆସନ



ଏହି ଆସନଟି ଧନୁପରି ପ୍ରତୀୟମାନ ହେଉଥିବାର ଏହାର ନାମ ଧନୁରାକର୍ଷଣ ଆସନ ଦିଆଯାଇଛି। ଏଡି ଆସନକୁ କରିବା ବେଳେ ପ୍ରଥମେ କମ୍ବଳ ବିଛାଇ ପାଦକୁ ଲମ୍ବାଇ ବସନ୍ତୁ। ଡାହାଣ ପାଦର ଆଙ୍ଗୁଠିକୁ ବାମ ହାତରେ ଧଣି ବାମ ପାଦକୁ ଡାହାଣ କାନ୍ଧ ପର୍ଯ୍ୟନ୍ତ ସଂଯୋଗ କରନ୍ତୁ। ସିଧା ହୋଇ ବସନ୍ତୁ। ଏମିତି କିଛି ସମୟ ବସିବା ପରେ ପୁଣି ବିପରୀତ ଦିଗରେ ଏହି ଅଭ୍ୟାସ କରନ୍ତୁ। ଆରମ୍ଭରେ ଥରେ ଏବଂ ପରେ ୩/ ୪ଥର ଏ ଆସନ କରିପାରିବ। ଏହି ଆସନ କରିବା ସମୟରେ ପାଦକୁ କାନ୍ଧ ଯାଏ ଧୀରେ ଧୀରେ ଆଣନ୍ତୁ, ବଳ ପ୍ରୟୋଗ କରି କିଛି କରିବା ଉଚିତ ନୁହେଁ। ଏହି ଆସନକୁ ସକାଳେ ପୂର୍ବକୁ ମହଁ କରି ଏବଂ ସନ୍ଧ୍ୟାରେ ପଶ୍ଚିମକୁ ମୁହଁକରିବା ଲାଭଦାୟକ। ଏହି ଆସନ କରିବା ଦ୍ୱାରା ଯକୃତ ବିକୃତି ନାଶ, ଗଣ୍ଠି ଯନ୍ତ୍ରଣା ଦୂରୀଭୂତ, ବହୁମୁତ୍ର ରୋଗ ଉପଶମ, କ୍ଷୁଧା ବୃଦ୍ଧି, ପେଟର ଚବି କମାଏ, ଆଳସ୍ୟ ଦୂରକରେ, ମେରୁଦଣ୍ଡକୁ ନମନୀୟ କରେ, ବାତଦୋଷ ଦୂର, କାନ୍ଧ ଓ ଅଣ୍ଟାର ମାଂସପେଶୀ ଶକ୍ତ ହେବା ସହ ଏଥିରେ ହାତ ଓ ପାଦର ସମ୍ପୂର୍ଣ୍ଣ ବ୍ୟାୟାମ ହୋଇଥାଏ।

# ସୈନିକ ସ୍କୁଲରେ ସ୍ୱର୍ଣ୍ଣିମ ବିଜୟବର୍ଷର ବିଜୟ ମଶାଲକୁ ସ୍ୱାଗତ

ଭୁବନେଶ୍ୱର,୨/୧୧ (ନି.ପ୍ର): ଭୁବନେଶ୍ୱର ସୈନିକସ୍କୁଲରେ ୧୯୭୧ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ଯୁଦ୍ଧର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତର ବିଜୟ ଗୌରବ ପାଳନର ସ୍ମାରକୀ 'ସ୍ୱର୍ଣ୍ଣିମ ବିଜୟ ବର୍ଷର ବିଜୟ ମଶାଲ 'କୁ ସ୍ୱାଗତ କରାଯାଇଛି । ଏହାସହ ପ୍ରଥମକରି ଚଳିତବର୍ଷ ନାମ ଲେଖାଇଥିବା ଗାର୍ଲ କ୍ୟାଡେଟ୍ ମାନଙ୍କୁ ସ୍ୱାଗତ କରାଯାଇଛି । ଏହି ସ୍ୱର୍ଣ୍ଣିମ ବିଜୟ ମଶାଲକୁ ସୈନିକସ୍କୁଲର ଅଧ୍ୟକ୍ଷ ଗ୍ରୁପ୍ କ୍ୟାପ୍ଟେନ୍ ଏସ୍.ଡୋମିନିକ୍ ରାୟନ୍ ସହିଦ ସ୍ମୃତିସ୍ତମ୍ଭ ପରିସରରେ ସ୍ୱାଗତ କରିଥିଲେ । ବିଜୟ ମଶାଲକୁ ଏକ ଖୋଲା ଜିପ୍ସି ଗାଡିରେ ବିଦ୍ୟାଳୟର ଶିକ୍ଷାର୍ଥୀ ଏବଂ କର୍ମଚାରୀଙ୍କ ଦ୍ୱାରା ନିର୍ମିତ ମାନବ ଶୃଙ୍ଖଳ ତୋରଣ ଭିତରେ 'ଭାରତ ମାତା କି ଜୟ , ବନ୍ଦେ ମାତରଂ ' ଧ୍ୱନିରେ ସ୍ୱାଗତ ସହିତ ସ୍କୁଲ ପରିସରକୁ ନିଆଯାଇଥିଲା । ବିଜୟ ମଶାଲକୁ ସ୍କୁଲ ଅଡିଟୋରିଅମ୍ ବିବେକାନନ୍ଦ ହଲକୁ ମଧ୍ୟ ନିଆଯାଇଥିଲା । ସେଠାରେ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କ୍ୟାଡେଟ୍ ଏବଂ ନୂଆକରି ନାମ ଲେଖାଇଥିବା ଗାର୍ଲ କ୍ୟାଡେଟ୍ ମାନଙ୍କ ଉପସ୍ଥିତିରେ ଦେଶାତ୍ମବୋଧକ ବୋଧକ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା ।ଏହି ଉତ୍ସବରେ ଓଡିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ।ତାଙ୍କ ଅଭିଭାଷଣରେ ସେ ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କର 'ଜୟଯବାନ, ଜୟକିଷାନ' ସ୍ଲୋଗାନର ଉଦାହରଣ ଦେଇ ଜାତୀୟ ପ୍ରତିରକ୍ଷା ବାହିନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ କହିଥିଲେ । ଏହି ଉତ୍ସବରେ ଏୟାର୍ ମାର୍ଶାଲ ଜେ.ଏନ୍. ବର୍ମା ,ଏୟାର କମୋଡର ଟି.କେ.ରଥ , ବ୍ରିଗେଡିଅର ଏଲ.ସି.ପଟ୍ଟନାୟକ , ଏୟାର କମୋଡର ଅରବିନ୍ଦ ମହାନ୍ତି ,ଅମିତାଭ ସ୍ୱାଇଁ , ଏନ୍.ସି.ସି. ଡି.ଡି.ଜି. କମୋଡର ସୋମେନ ବାନାର୍ଜୀ ,କ୍ୟାପ୍ଟେନ୍ ସୁଭାଷଚନ୍ଦ୍ରଦାସ ,ଗ୍ରୁପ୍ କ୍ୟାପ୍ଟେନ୍ ସଚିନ ଗୁପ୍ତା , କର୍ଣ୍ଣେଲ ରଜନିଶ୍ କାପୁର ,ଉଇଙ୍ଗ୍ କମାଣ୍ଡର ଶ୍ୟାମସୁନ୍ଦର , ଉଇଙ୍ଗ୍ କମାଣ୍ଡର ବିଷ୍ଣୁଦତ ଏସ୍.କେ.ଜେନାମଣି , ସି.ବି.ଏସ୍.ଇ. ଆଂଚଳିକ ନିର୍ଦ୍ଦେଶକ କେ. ଶ୍ରୀନିବାସନ୍ , ଶ୍ରୀସୌମେନ ଘୋଷ ,ପ୍ରଫେସର ଗୌରମା ଏବଂ ଲେଫ୍ଟନାଂଟ କମାଣ୍ଡର ଚିନ୍ମୟ ବେହୁରା ଉପସ୍ଥିତ ଥିଲେ ।

# ରାଜ୍ୟ କଂଗ୍ରେସର ନୂତନ ସଭ୍ୟସଂଗ୍ରହ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୨/୧୧ (ନି.ପ୍ର): ଆରମ୍ଭ ହୋଇଛି କଂଗ୍ରେସର ସଭ୍ୟ ସଂଗ୍ରହ ଅଭିଯାନ । ଓଡ଼ିଶା ପ୍ରଭାରୀ ତଥା ଅଖିଳଭାରତୀୟ କଂଗ୍ରେସ କମିଟିର ସାଧାରଣ ସଂପାଦକ ଡ. ଏ ଚେଲ୍ଲା କୁମାର, ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯାନର ଶୁଭାରମ୍ଭ କରି କହିଛନ୍ତି ଏହି ସଭ୍ୟସଂଗ୍ରହ ଅଭିଯାନ ସାରା ରାଜ୍ୟର ଜିଲ୍ଲାସ୍ତର ଠାରୁ ଆରମ୍ଭ କରି ପଂଚାୟତ ସ୍ତର ପର୍ଯ୍ୟନ୍ତ ଚାଲିବ । ଶ୍ରୀ ପଟ୍ଟନାୟକ ପ୍ରାରମ୍ଭିକ ସମ୍ଭାଷଣରେ କହିଥିଲେ ଯେ ସଭ୍ୟସଂଗ୍ରହ ହେଉଛି କଂଗ୍ରେସ ଦଳ ପାଇଁ ଏବଂ ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କ ପାଇଁ ସବୁଠାରୁ ମହତ୍ୱପୂର୍ଣ୍ଣ କାର୍ଯ୍ୟ । ଏହି କାର୍ଯ୍ୟକୁ ଅତି ଆଗ୍ରହର ସହିତ ସାରା ରାଜ୍ୟରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ଅଖିଳ ଭାରତ କଂଗ୍ରେସ କମିଟିର ନିତି ନିୟମ ଅନୁସାରେ ସଭ୍ୟ ସଂଗ୍ରହ କରାଯିବ । ନୂତନ ସଭ୍ୟ ସଂଗ୍ରହ ଗୋଟିଏ ରାଜନୈତିକ ଦଳକୁ ଖାଲି ଅଧିକ ଶକ୍ତିଶାଳୀ କରିନଥାଏ ବରଂ ଏହାକୁ ନୂତନ ଚିନ୍ତା ଓ ଚେତନା ସମିଶ୍ରଣର ଏକ ସୁଯୋଗ ଓ ଆହ୍ୱାନ ସୃଷ୍ଟିକରିଥାଏ । ଆସନ୍ତା ଦିନରେ କିଭଳି ଭାବେର ରାଜ୍ୟକୁ ଏବଂ ରାଷ୍ଟ୍ରନିର୍ମାଣରେ କେଉଁ ସବୁ ଦିଗ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବ । ବିଧାୟକ ତାରା ପ୍ରସାଦ ବାହିନପୀତି କହିଲେ ଆମେ କାଗଜରେ ବାଘ ନୁହେଁ ଆମେ କାର୍ଯ୍ୟକ୍ଷେତ୍ରରେ ବାଘ । ଆମେ ଲୋକଙ୍କ ସହିତ ରହିଛୁ ଓ ଲୋକଙ୍କ ପାଇଁ ଲଢ଼ିବୁ ଏଇଟା ହିଁ କଂଗ୍ରେସର ଆଦର୍ଶ । ପୂର୍ବତନ ପିସିସି ସଭାପତି କହିଲେ କଂଗ୍ରେସ ହେଉଛି ମୋର ମା ଆଜି ମୋ ପାଇଁ ସୁଖର କଥା ହେଉଛି କଂଗ୍ରେସ ପାଟି ପାଇଁ ନୂତନ ସଭ୍ୟ ସଂଗ୍ରହ କାର୍ଯ୍ୟରେ ନିଜକୁ ନିୟୋଜିତ କରିବି ଓ କଂଗ୍ରେସକୁ ଶକ୍ତିଶାଳୀ କରିବି ଏବଂ ରାଜ୍ୟରେ କଂଗ୍ରେସକୁ ଫେରାଇବି ଏହାହିଁ ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଶରତ ପଟ୍ଟନାୟକ ସଭ୍ୟ ସଂଗ୍ରହକୁ ଅତ୍ୟନ୍ତ ନିଷ୍ଠାର ସହ କରାଯିବା ସହ ଆସନ୍ତା ଦିନରେ ଅଧିକରୁ ଅଧିକ ଯୁବପିଢ଼ୀଙ୍କୁ କଂଗ୍ରେସ ଆଦର୍ଶରେ ଅନୁପ୍ରାଣୀତ କରାଇବା ମୋର ମୁଖ୍ୟକାମ । ଏହି ଅବସରରେ ରିପବ୍ଲିକ ପାଟି ଅଫ ଇଣ୍ଡିଆର ସଭାପତି ସେକ ଅବଦୁଲ ଅଲ୍ଲୀ ତାଙ୍କର ୧୦ ଜଣ ସାଥୀ କଂଗ୍ରେସରେ ଯୋଗଦେଲେ । ଏହି ଅବସରରେ ଶ୍ରୀମତୀ ମମତା ମହାପାତ୍ର ସଂରଫଂଚ ନୂଆଗାଁ ବାଙ୍କି ନିର୍ବାଚନ ମଣ୍ଡଳୀର, ଭିନ୍ନକ୍ଷମ ଶ୍ରୀ ଜିତେନ୍ଦ୍ର ବିଶ୍ୱାଳ, ବାସୁଦେବ ସାହୁ, ଅନୁସୂଚିତ ଜାତିର ସଂକର ନାୟକ, ନକୁଳ ଚରଣ ମଲ୍ଲିକ, ଅନୁସୂଚିତ ଜନଜାତିରୁ ଜନରଞ୍ଜନ ମାରାଣ୍ଡି, ଶ୍ୟାମଘନ ପ୍ରଧାନ, ସଂଖ୍ୟାଲଘୁ ସଂପ୍ରଦାୟର ଏସ୍‌କେ ତାକ୍ୟୁଇନ ଅହମ୍ମଦ ଇତ୍ୟାଦିଙ୍କୁ ଆଜି କଂଗ୍ରେସ ଦଳର ନୂତନ ସଭ୍ୟ ଭାବରେ ଗ୍ରହଣ କରାଯାଇଥିଲା । ବିଧାୟକ ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ, ରାଜନ ଏକା ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତା ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ ଧନ୍ୟବାଦ ଦେବା ସହ ଆସନ୍ତା ଦିନରେ କଂଗ୍ରେସକୁ ଶକ୍ତିଶାଳୀ କରିବାପାଇଁ କହିଥିଲେ । ଏହି ସଭ୍ୟ ସଂଗ୍ରହ ଅଭିଯାନ ସଭାରେ ସମସ୍ତ ଜିଲ୍ଲା ସଭାପତି ତଥା ଜିଲ୍ଲା ମହିଳା ସଭାନେତ୍ରୀ ତଥା ଅନ୍ୟ ନେତୃବର୍ଗ ଯୋଗ ଦେଇଥିଲେ । ଏଆଇସିସି ସଂପାଦକ ଜି ରୁଦ୍ର ରାଜୁ, କାର୍ଯ୍ୟକାରି ସଭାପତି ଚିରଞ୍ଜିବ ବିଶ୍ୱାଳ, ସାଂସଦ ସପ୍ତଗିରୀ ଉଲ୍ଲାକା, ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଶରତ ପଟ୍ଟନାୟକ, କିଶୋର ପଟେଲ, ଶରତ ରାଉତ, ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ତାରା ପ୍ରସାଦ ବାହିନୀପତି, ମହମ୍ମଦ ମୋକିମ, ରାଜନ ଏକା ଏବଂ ଯଜ୍ଞେଶ୍ୱର ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବଡ ଗାଁରେ ଖୋଲିବ ଟିକାକରଣ କେନ୍ଦ୍ର

ଭୁବନେଶ୍ୱର,୨/୧୧ (ନି.ପ୍ର): ଯେଉଁ ଗାଁରେ ଲୋକ ସଂଖ୍ୟା ଅଧିକ ସେଠାରେ ଅଧିକ ସଂଖ୍ୟାରେ ଟିକାକରଣ କେନ୍ଦ୍ର ଖୋଲାଯିବ । ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ କୋଭିଡ୍ ଟିକା ନନେଇଥିବା ଲୋକଙ୍କୁ ଖୋଜିବା ପାଇଁ ଆସନ୍ତାକାଲିଠାରୁ ଅଭିଯାନ ଆରମ୍ଭ ହେବ । ଆଶା କର୍ମୀ ମାନେ ଗାଁ ଗାଁରେ ଟିକା ନନେଇଥିବା ବ୍ୟକ୍ତିଙ୍କୁ ଖୋଜିବେ ଏବଂ ତାଲିକା ପ୍ରସ୍ତୁତ କରିବେ । ବର୍ତମାନ ସୁଦ୍ଧା ୩୦ ଲକ୍ଷ ବ୍ୟକ୍ତି ଦ୍ୱିତୀୟ ଡୋଜ୍ ଟିକା ନେଇ ନାହାନ୍ତି । ସେହିପରି ଡିସେମ୍ବର ସୁଦ୍ଧା ପ୍ରଥମ ଡୋଜ୍ ଟିକାକରଣ ଶେଷ ହେବ ବୋଲି ସେ କହିଛନ୍ତି ।

## ବିଏସଏଫ୍ ମୁଖ୍ୟାଳୟଠାରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଭବ୍ୟ ସମ୍ମାନ

ଭୁବନେଶ୍ୱର,୨/୧୧ (ନି.ପ୍ର): ଭୁବନେଶ୍ୱର ସ୍ଥିତ ସୀମା ସୁରକ୍ଷା ବଳ ସୀମାନ୍ତ ସାମରିକ ମୁଖ୍ୟାଳୟ (ସ୍ୱତନ୍ତ୍ର ଅପରେସନ) ଠାରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଭବ୍ୟ ସ୍ୱାଗତ କରାଯାଇଛି । ଆଜି ପୂର୍ବାହ୍ଣରେ ବିଜୟ ମଶାଲକୁ ୧୨୦ ବାଟାଲିୟନ ତରଫରୁ କର୍ଣ୍ଣେଲ ଯଶୱନ୍ତ ସିଂ ସାମରିକ ମର୍ଯ୍ୟାଦାର ସହ ପାଇପ୍ ବ୍ୟାଣ୍ଡ ଶୋଭାଯାତ୍ରା ମଧ୍ୟରେ ସେନା ସୁରକ୍ଷାବଳ (ବି.ଏସ୍.ଏଫ) କାର୍ଯ୍ୟାଳୟରେ ପହଁଚାଇଥିଲେ । ସୀମା ସୁରକ୍ଷା ବଳର ଉପ ମହା ନିରୀକ୍ଷକ (ବି.ଏସ୍.ଏଫ୍) ଧୀରେନ୍ଦ୍ର କୁମାର ମଶାଲକୁ ଭବ୍ୟ ସମ୍ମାନର ସହ ଗ୍ରହଣ କରିବା ପରେ ଏହାକୁ କାର୍ଯ୍ୟାଳୟ ଠାରେ ଅବସ୍ଥାପିତ କରାଯାଇଥିଲା । ଏଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉପ ମହାନିରୀକ୍ଷକ ଶ୍ରୀ କୁମାର ବି.ଏସ୍.ଏଫ୍ ର ଯବାନମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ସୀମା ସୁରକ୍ଷା ବଳ, ଭାରତୀୟ ପଦାତିକ ବାହିନୀ ସହ ସମ ତାଳରେ ବାୟୁସେନା ଏବଂ ନୌସେନା ସହିତ ସାମିଲ ହୋଇ ବୀରତ୍ୱର ଉଲ୍ଲେଖନୀୟ ପରାକାଷ୍ଠା ବଳରେ ପାକିସ୍ତାନକୁ ପରାସ୍ତ କରିଥିଲେ । ଏହି ବିଜୟ ଫଳରେ ବାଂଲାଦେଶ କିପରି ଏକ ନୂତନ ରାଷ୍ଟ୍ର ଭାବେ ଜନ୍ମ ନେଇଥିଲା, ସେ ସଂପର୍କରେ ଆଲୋକପାତ କରିଥିଲେ । ଏହି ଯୁଦ୍ଧରେ ଅସାଧାରଣ ବୀରତ୍ୱ ପ୍ରଦର୍ଶନ କରିଥିବା ବାୟୁସେନା, ନୌସେନା ସହ ସୀମା ସୁରକ୍ଷା ବଳର ବୀର ଯବାନମାନଙ୍କୁ ବୀର ଚକ୍ର, ପରମବୀରଚକ୍ର ଆଦି ସମ୍ମାନରେ ଭୂଷିତ କରାଯାଇଥିବା ସଂପର୍କରେ ସେ ବିଶେଷ ଭାବେ ବର୍ଣ୍ଣନା କରିଥିଲେ । ଯୁଦ୍ଧରେ ପ୍ରାଣବଳି ଦେଇଥିବା ଭାରତୀୟ ବୀର ଯବାନମାନଙ୍କର ତ୍ୟାଗ ଓ ଆତ୍ମୋତ୍ସର୍ଗ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ସେନା ବଳ ଦରଫରୁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# ରାଜ୍ୟରେ ୩୨୭ ନୂଆ କରୋନା ପଜିଟିଭ୍ ଚିହ୍ନଟ: ୪୪ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୨/୧୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୩୨୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୯୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୧୩୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୪୪ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୭୭ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଭଦ୍ରକ ଜିଲ୍ଲାରୁ ୮ ଜଣ, ବଲାଙ୍ଗୀରରୁ ୫ ଜଣ, ବୌଦ୍ଧରୁ ୧ ଜଣ, କଟକରୁ ୨୯ ଜଣ, ଢେଙ୍କାନାଳରୁ ୧ ଜଣ, ଗଞ୍ଜାମରୁ ୪ ଜଣ, ଜଗତସିଂହପୁରରୁ ୭ ଜଣ, ଯାଜପୁରରୁ ୯ ଜଣ, ଝାରସୁଗୁଡ଼ାରୁ ୨ ଜଣ, କେନ୍ଦ୍ରାପଡ଼ାରୁ ୧ ଜଣ, ଖୋର୍ଦ୍ଧାରୁ ୧୭୭ ଜଣ, କୋରାପୁଟ ଜିଲ୍ଲାରୁ ୩ ଜଣ, ମୟୂରଭଞ୍ଜରୁ ୧୩ ଜଣ, ନୟାଗଡ଼ରୁ ୩ ଜଣ, ପୁରୀରୁ ୬ ଜଣ, ସମ୍ବଲପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୪ ଜଣ ଓ ଷ୍ଟେଟ ପୁଲରୁ ୪୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୪୨ ହଜାର ୧୦୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି ।

## ୧୦ ଜିଲ୍ଲାପାଳଙ୍କୁ ଚିଠି: ବାହାର ଜିଲ୍ଲାରୁ ଧାନ କିଣିପାରିବେ ମିଲର

ଭୁବନେଶ୍ୱର ,୨/୧୧ (ନି.ପ୍ର): ନଭେମ୍ବର ମାସରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଉଛି । ରାଇସ୍ ମିଲ୍ କମ୍ ଥିବା ଜିଲ୍ଲାରେ ବାହାର ଜିଲ୍ଲାର ମିଲ୍‌କଷ୍ଟମ ମିଲିଂ କରିପାରିବେ ବୋଲି ୧୦ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି କରିଛନ୍ତି ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ ଦାସ । ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ବଲାଙ୍ଗୀର, ଗଞ୍ଜାମ, ଯାଜପୁର, କଳାହାଣ୍ଡି, ଖୋର୍ଧା, ପୁରୀ ଏବଂ ସମ୍ବଲପୁର ଜିଲ୍ଲାପାଳଙ୍କୁ ଏହି ଚିଠି ଦିଆଯାଇଛି । ଏଥିପାଇଁ ମିଲ୍ ମାଲିକଙ୍କୁ ୧୫ ଦିନ ପୂର୍ବରୁ ଜିଲ୍ଲାପାଳମାନଙ୍କୁ ସୂଚନା ଦେବାକୁ ପଡ଼ିବ । ତେବେ ଗୋଟିଏ ମିଲ୍ ଦୁଇରୁ ଅଧିକ ଜିଲ୍ଲାର ଧାନ କ୍ରୟ କରିପାରିବେ ନାହିଁ । ଖାଦ୍ୟ ନୀତି ଅନୁଯାୟୀ, ଉପଯୁକ୍ତ ମଣ୍ଡି ବ୍ୟବସ୍ଥାରେ ଯୋଗାଣ ବିଭାଗ ପକ୍ଷରୁ ରାଜ୍ୟରେ ଚାଷୀଙ୍କ ଧାନ ସଂଗ୍ରହ କରାଯାଏ । ଏଥିରୁ ଚାଉଳ ମିଲିଂ ପାଇଁ ରାଇସ୍ ମିଲଗୁଡ଼ିକୁ ଟ୍ୟାଗ୍ କରାଯାଏ । ରାଇସ୍ ମିଲ୍‌ର ସରକାରଙ୍କ ଠାରୁ ଧାନ କ୍ରୟ କରି ସେଥିରୁ ଉତ୍ପାଦିତ ଚାଉଳ ସରକାରଙ୍କୁ ବିକ୍ରୟ କରନ୍ତି । ମାତ୍ର କୌଣସି ଜିଲ୍ଲାରେ ଧାନ ରଖିବା ପାଇଁ ଗୋଦାମ ନାହିଁ । ଏଥିପାଇଁ ପେକ୍ସ ଧାନ କିଣିବା ସହିତ ହିଁ ଏହା ମିଲ୍ ପାଖକୁ ଚାଲିଯାଏ । ଏଥିପାଇଁ ସରକାର ଏବଂ ଚାଷୀଙ୍କ ମଧ୍ୟରେ ଧାନ କ୍ରୟ-ବିକ୍ରୟ ହେଉଥିବା କୁହାଯାଉଥିଲେ ମଧ୍ୟ ମଣ୍ଡିରେ ମିଲରଙ୍କ କବ୍‌ଜା ରହିଥାଏ । ଯେଉଁ ଜିଲ୍ଲାରେ ଧାନ ଚାଷ ଅନୁସାରେ ମିଲ୍ ନାହିଁ, ସେଠାରେ ଧାନ ସଂଗ୍ରହ ବେଳେ ବ୍ୟାପକ ସମସ୍ୟା ସୃଷ୍ଟି ହୁଏ । ମଣ୍ଡିରେ ଧାନ ପଡ଼ି ରହିଥାଏ । ଏଥିଯୋଗୁଁ ସରକାରଙ୍କ ପକ୍ଷରୁ ସମ୍ବଲପୁର, ବରଗଡ଼ ଭଳି ଅଧିକ ମିଲ୍ ଥିବା ଜିଲ୍ଲାର ରାଇସ୍ ମିଲ୍‌କୁ ଅନ୍ୟ ଜିଲ୍ଲାରେ ମିଲିଂ ପାଇଁ ଅନୁମତି ଦେଇଛନ୍ତି । ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ନିଷ୍ପତ୍ତି ଗ୍ରହଣ ହେଉଥିଲେ ମଧ୍ୟ ରାଇସ୍ ମିଲ୍‌ଗୁଡ଼ିକ ବାହାର ଜିଲ୍ଲାରେ ପ୍ରକୃତ ଧାନ ନକିଣି ବ୍ୟାପକ ମିଛ ଧାନ କ୍ରୟ କରି ଦୁର୍ନୀତି କରିଥାଆନ୍ତି । ତେଣୁ ଏହାକୁ ରୋକିବା ଲାଗି ସରକାରଙ୍କୁ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ।

# ଟ୍ରେନ୍‌ରେ ବାଣ ପରିବହନ ମନା



ଭୁବନେଶ୍ୱର,୨/୧୧ (ନି.ପ୍ର): ଦୀପାବଳିକୁ ନଜରରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଟ୍ରେନ୍‌ରେ ବାଣ ପରିବହନ ଉପରେ କଟକଣା ଲଗାଯାଇଛି । ଟ୍ରେନ୍ ଯାତ୍ରା ସମୟରେ ଦହନଶୀଳ ପଦାର୍ଥ ଯଥା ଫଟକା, ଗ୍ୟାସ୍ ସିଲିଣ୍ଡର, ଏସିଡ୍, ପେଟ୍ରୋଲ୍, କିରାସିନି ଆଦି ଜ୍ୱଳନ୍ତ ତଥା ବିସ୍ଫୋରକ ସାମଗ୍ରୀ ପରିବହନ କରିବାକୁ ବାରଣ କରାଯାଇଛି । ରେଳବାଇ ଅଧିନିୟମ-୧୯୮୯ ଅନୁଯାୟୀ ଏହା ଦଣ୍ଡନୀୟ ଅପରାଧ ଅଟେ । ଅପରାଧୀଙ୍କୁ ୩ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ହୋଇପାରେ । ଟ୍ରେନ୍ ଯାତ୍ରାକୁ ଅଧିକ ନିରାପଦ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଯାତ୍ରୀଙ୍କୁ ସତର୍କ ରହିବାକୁ ଅନୁରୋଧ କରାଯାଇଛି । ନିଜେ ଏଭଳି ସାମଗ୍ରୀ ପରିବହନ ନ କରିବା ସହ ସହଯାତ୍ରୀଙ୍କୁ ମଧ୍ୟ ବାରଣ କରିବାକୁ କୁହାଯାଇଛି । ମେଲ/ଏକ୍ସପ୍ରେସ ଟ୍ରେନରେ ଫଟକା ଅଥବା ବିସ୍ଫୋରକ ପଦାର୍ଥ ପରିବହନକୁ ବାରଣ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏହାର ସମସ୍ତ ୩ଟି ରେଳବାଇ ମଣ୍ଡଳ ଯଥା ଖୋର୍ଦ୍ଧାରୋଡ୍, ସମ୍ବଲପୁର ଓ ୱାଲଟ୍ୟୋରକୁ କଡ଼ା ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଛି । ଯଦି କୌଣସି ଯାତ୍ରୀ ଜ୍ୱଳନ୍ତ ସାମଗ୍ରୀ ନେଉଥିବାର ଦେଖାଯାଏ, ତେବେ ଟ୍ରେନ୍‌ଯାତ୍ରୀଙ୍କୁ ବିପଦରୁ ରକ୍ଷା କରିବା ପାଇଁ ସହଯାତ୍ରୀମାନଙ୍କୁ ରେଳ ସୁରକ୍ଷା ବଳ(ଆରପିଏଫ) ଓ ସରକାରୀ ରେଳ ପୁଲିସ(ଜିଆରପି) କର୍ମକର୍ତ୍ତା, ଟିଟିଇ, କୋଚ ଆଟେଣ୍ଡାଣ୍ଟ, ଷ୍ଟେସନ୍ ପରିଚାଳକ, ଟ୍ରେନର ଗାର୍ଡମାନଙ୍କୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି । ଯାତ୍ରୀମାନେ ଟ୍ରେନ୍ ଚଳାଚଳ ସମ୍ବନ୍ଧୀୟ କୌଣସି ଘଟଣା ବିଷୟରେ ଜଣାଇବାକୁ ହେଲ୍ପଲାଇନ୍ ନମ୍ବର ୧୩୯ ଜାରି ହୋଇଛି । ଏହାବ୍ୟତୀତ ଷ୍ଟେସନ୍‌ରେ ସର୍ବସାଧାରଣ ଘୋଷଣା ବ୍ୟବସ୍ଥା ମାଧ୍ୟମରେ ଯାତ୍ରୀଙ୍କୁ ସଚେତନ କରିବା ପାଇଁ ସଚେତନତା ଅଭିଯାନ ମଧ୍ୟ ଚାଲିଛି । ଏହାବ୍ୟତୀତ ଟ୍ରେନ୍ ଓ ଷ୍ଟେସନ୍‌ରେ ଜ୍ୱଳନ୍ତ ସାମଗ୍ରୀ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଟ୍ରେନ୍ ଏସ୍‌କର୍ଟିଂ ଟିମ୍ ଓ ମେରୀ ସହେଲୀ ଦଳଗୁଡ଼ିକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଷ୍ଟେସନ୍, ଗୁଡ୍ ସେଡ୍, ଗାର୍ଡ ତଥା ଗାର୍ଡର ବ୍ରେକ୍ ଭ୍ୟାନ୍‌ରୁ ଓ ଏସି କୋଚ୍, ପାର୍ଣ୍ଟ୍ରି କାର୍ ଏବଂ ଲୋକୋମୋଟିଭ୍‌ରେ ପୃଥକ ଅଗ୍ନି ନିର୍ବାପକ ଯନ୍ତ୍ର ଓ ଉପକରଣ ଯୋଗାଇ ଦିଆଯାଉଥିବା ନେଇ ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ।

## ନୂଆବର୍ଷ ପରେ ସଂପୂର୍ଣ୍ଣ ନିୟନ୍ତ୍ରଣକୁ ଆସିବ କରୋନା: ଡିଏମ୍ଇଟି

ଭୁବନେଶ୍ୱର ,୨/୧୧ (ନି.ପ୍ର): ପ୍ରଫେସର ଡା.ରମା ରମଣ ମହାନ୍ତି ସୋମବାର ଦିନ ରାଜ୍ୟ ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ(ଡିଏମଇଟି) ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରଫେସର ଡା.ସିବିକେ ମହାନ୍ତି ଗତକାଲି ଅବସର ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ଡା.ମହାନ୍ତି ଗଣମାଧ୍ୟମକୁ କହିଛନ୍ତି ପାର୍ବଣ ପାଇଁ ରାଜ୍ୟରେ କରୋନା ସ୍ଥିତିରେ ସାମାନ୍ୟ ବୃଦ୍ଧି ଦେଖିବାକୁ ମିଳିଛି । କୋଭିଡ ଗାଇଡଲାଇନ୍ କଡ଼ାକଡ଼ି ପାଳନ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ନୂଆବର୍ଷ ପାଇଁ ଲୋକମାନଙ୍କୁ ସଜାଗ ରହିବା ଦରକାର । ନୂଆବର୍ଷ ପରେ ରାଜ୍ୟରେ କରୋନା ସଂକ୍ରମଣ ସଂପୂର୍ଣ୍ଣ ନିୟନ୍ତ୍ରଣକୁ ଆସିବ । ନିୟମ ପାଳନ କରି ସ୍କୁଲ ଖୋଲିବାରେ କୌଣସି ଅସୁବିଧା ନାହିଁ ବୋଲି ସେ କହିଛନ୍ତି । ଗତ ୨୪ଘଣ୍ଟାରେ ରାଜ୍ୟରେ ୩୧୬ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଖୋର୍ଧାରୁ ସର୍ବାଧିକ ୧୫୨, କଟକ ୩୨, ମୟୂରଭଞ୍ଜ ୨୮, ବଲାଙ୍ଗୀର ୧୦ ଓ ଷ୍ଟେଟ୍ ପୁଲରୁ ୩୫ଜଣଙ୍କୁ ଚିହ୍ନଟ କରାଯାଇଛି । ୮ଟି ଜିଲ୍ଲାରୁ ଜଣେ ହେଲେ ବି ଆକ୍ରାନ୍ତ ଚିହ୍ନଟ ହୋଇ ନାହାନ୍ତି । ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦ଲକ୍ଷ ୪୧ହଜାର ୭୭୩କୁ ବୃଦ୍ଧି ପାଇଛି । ଆଉ ୩ଜଣ କରୋନାରେ ପ୍ରାଣ ହରାଇଛନ୍ତି । ଅନୁଗୁଳ, ବାଲେଶ୍ୱର ଓ ଗଞ୍ଜାମରୁ ଜଣେ ଲେଖାଏ ମୃତକ ରହିଛନ୍ତି । ଫଳରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୮୩୩୬ରେ ପହଞ୍ଚିଛି । ରାଜ୍ୟରେ ଆଉ ୪୩୮ କରୋନା ରୋଗୀ ସୁସ୍ଥ ହୋଇଛନ୍ତି । ଯାହାଫଳରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୩୭୯୯କୁ ଖସି ଆସିଛି । ଏହାସହ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୧୦ଲକ୍ଷ ୨୯ହଜାର ୫୮୫କୁ ବୃଦ୍ଧି ପାଇଛି ।

# ଆବେଦନର ୩୦ଦିନରେ କୋଭିଡ ମୃତ୍ୟୁ ସହାୟତା



ଭୁବନେଶ୍ୱର ,୨/୧୧ (ନି.ପ୍ର): କୋଭିଡରେ ପ୍ରାଣ ହରାଇଥିବା ମୃତକଙ୍କୁ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଏହାର ପ୍ରକ୍ରିୟାର ଆରମ୍ଭ କରିଛନ୍ତି । ଆସନ୍ତା ୩ତାରିଖ ପରଠାରୁ ମୃତକଙ୍କ ନିକଟତମ ସଂପର୍କୀୟ(ଏନ୍‌ଓକେ) ଏଥିପାଇଁ ଅନଲାଇନ୍ କିମ୍ବା ଅଫଲାଇନ୍‌ରେ ଆବେଦନ କରିପାରିବେ । ଆବେଦନର ୩୦ଦିନ ଭିତରେ ମୃତକଙ୍କ ସଂପର୍କୀୟଙ୍କୁ ଏହା ସଂପର୍କିତ ସାର୍ଟିଫିକେଟ ସହିତ ସହାୟତା ରାଶି ପ୍ରଦାନ କରାଯିବ । ଏ ସଂକ୍ରାନ୍ତରେ ଆଜି ସବୁ ଜିଲ୍ଲାପାଳ, ସିଡିଏମ୍‌ଓ ଓ ମହାନଗର ନିଗମ କମିସନରଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିସନର ଚିଠି ଲେଖିଛନ୍ତି । କୋଭିଡରେ ପ୍ରାଣ ହରାଇଥିବା ମୃତକଙ୍କୁ ସହାୟତା ରାଶି ପ୍ରଦାନ କରିବା ଲାଗି ଆଇଟି ବିଭାଗ ପକ୍ଷରୁ ଏକ ସଫ୍‌ଟୱେୟାର ପ୍ରସ୍ତୁତ କରାଯାଇଛି । ଏହି ସଫ୍‌ଟୱେୟାର ନାଁ ରହିଛି 'କୋଭିଡ-୧୯ ଏକ୍ସ-ଗ୍ରାସିଆ ଆସିଷ୍ଟାନ୍ସ ପେମେଣ୍ଟ ସିଷ୍ଟମ୍' (ସିଏପିଏସ୍) । ଏହି ସଫ୍‌ଟୱେୟାର ଜରିଆରେ ଜିଲ୍ଲାପାଳ ସହାୟତା ରାଶିର ମଞ୍ଜୁର ଓ ବଣ୍ଟନ କରିବେ । ମୃତକଙ୍କ ସଂପର୍କୀୟଙ୍କୁ ଡିବିଟି ଜରିଆରେ ଟଙ୍କା ପଠାଇ ଦିଆଯିବ । ଅଫ୍‌ଲାଇନ୍‌ରେ ଆବେଦନ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଇଂରାଜୀ/ଓଡ଼ିଆରେ ଜିଲ୍ଲାପାଳଙ୍କ ନିକଟରେ ଧାର୍ଯ୍ୟ ଫର୍ମାଟରେ ଆବେଦନ କରିବେ । ଗୋଟିଏ ମୃତ୍ୟୁ ପାଇଁ କେବଳ ଗୋଟିଏ ଦରଖାସ୍ତ ଗ୍ରହଣ କରାଯିବ । ଦରଖାସ୍ତ ସହିତ ଆବଶ୍ୟକ କାଗଜପତ୍ରକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସିଏପିଏସ୍ ସଫଟୱେୟାରରେ ଅପ୍‌ଲୋଡ କରି ଦିଆଯିବ । କାଗଜପତ୍ରର ଯାଞ୍ଚ ସହିତ ମୃତକଙ୍କ ନିକଟତମ ସଂପର୍କୀୟଙ୍କ ଚିହ୍ନଟ ପାଇଁ ଏହାକୁ ସ୍ଥାନୀୟ ତହସିଲଦାରଙ୍କୁ ପଠାଯିବ । ସ୍ଥାନୀୟ ଆରଆଇଙ୍କ ଜରିଆରେ ତହସିଲଦାର ବ୍ୟକ୍ତିଗତ ଭାବେ ମୃତକଙ୍କ ସଂପର୍କୀୟଙ୍କୁ ଚିହ୍ନଟ କରିବା ସହିତ ବ୍ୟାଙ୍କ ସଂପର୍କିତ ସମସ୍ତ ତଥ୍ୟ ସଂଗ୍ରହ କରିବେ । ପରବର୍ତୀ ସମୟରେ କାଗଜପତ୍ରକୁ ସ୍ଥାନୀୟ ଉପ ଜିଲ୍ଲାପାଳ ଯାଞ୍ଚ୍ କରି ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟକୁ ପଠାଇବେ । ଏହାପରେ ଜିଲ୍ଲାପାଳ ସହାୟତା ରାଶି ମଞ୍ଜୁର କରିବେ । ଏଥିପାଇଁ ଜିଲ୍ଲାସ୍ତରରେ ଜଣେ ନୋଡାଲ ଅଧିକାରୀ ଚିହ୍ନଟ ହେବା ସହିତ ତାଙ୍କ ମୋବାଇଲ ନମ୍ବର ଜଣାଇବାକୁ କୁହାଯାଇଛି ।

# ଏଣିକି ପ୍ରତିବର୍ଷ ଅନାଥ ପିଲାଙ୍କ ସର୍ଭେ

ଭୁବନେଶ୍ୱର ,୨/୧୧ (ନି.ପ୍ର): ଶିଶୁମାନେ ସମାଜର ସବୁଠାରୁ ସମ୍ବେଦନଶୀଳ ବର୍ଗ ହୋଇଥିବାରୁ ସେମାନଙ୍କ ଶିକ୍ଷା, ସୁରକ୍ଷା ଓ ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି । ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ସହ ମାନସିକ ଓ ସାମାଜିକସ୍ତରରେ ସେମାନଙ୍କୁ ସଶକ୍ତ କରି ଗଢ଼ି ତୋଳିବା ଆମର ଲକ୍ଷ୍ୟ । ସୋମବାର ଦିନ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର)ର ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତାରେ ଏହା କହିଛନ୍ତି । ଏହି ଅବସରରେ ପ୍ରତିବର୍ଷ ଅନାଥ ପିଲାଙ୍କ ସର୍ଭେ ହେବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି । ଓଏସ୍‌ସିପିସିଆରର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଲେ, କୋଭିଡ୍ ସମୟରେ ଶିଶୁଙ୍କୁ ମାନସିକ ଓ ଶାରୀରିକସ୍ତରରେ ସକ୍ରିୟ ରଖିବା ବିଭିନ୍ନ ପଦକ୍ଷେପ ନିଆଯାଇଛି । 'ମୋ ପ୍ରତିଭା', ଅଙ୍ଗନବାଡ଼ି ଶିଶୁଙ୍କ ପାଇଁ 'କୁନି କ୍ୟାଲେଣ୍ଡର', 'ଘରେ ଘରେ ଅରୁଣିମା' ପରି ଅଭିନବ କାର୍ଯ୍ୟକ୍ରମ ହୋଇଛି । ଅଙ୍ଗନବାଡ଼ି ବନ୍ଦ ସମୟରେ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ପାଇଁ ଶୁଖିଲା ରାସନ୍ ଘରେ ବଣ୍ଟନ, ଅନାଥ ଶିଶୁଙ୍କ ଶିକ୍ଷା ପାଇଁ ଆଶୀର୍ବାଦ ଯୋଜନା କାର୍ଯ୍ୟକାରୀ ହୋଇଛି । ପ୍ରତିବର୍ଷ ଅନାଥ ଶିଶୁମାନଙ୍କ ସର୍ଭେ କରିବା ପାଇଁ ବିଭାଗ ତରଫରୁ ନିଷ୍ପତ୍ତି ହୋଇଛି । ରାଜ୍ୟର ୬ହଜାର ଗାଁ ବାଲ୍ୟ ବିବାହମୁକ୍ତ ହୋଇଛି । ଶିଶୁଙ୍କ ସୁରକ୍ଷା ପାଇଁ କେବଳ ସରକାର ନୁହନ୍ତି, ବରଂ ପୁରୁଷମାନେ ବି ଆଗେଇ ଆସିବା ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ । କିଟ୍ କ୍ୟାମ୍ପସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ, ୟୁନିସେଫ୍‌ର ଓଡ଼ିଶା ମୁଖ୍ୟ ମୋନିକା ନିଲେସନ୍, ରାଜ୍ୟ ଭିନ୍ନକ୍ଷମ କମିସନ୍‌ର ଅଧକ୍ଷା ସୁଲୋଚନା ଦାସ, ପୂର୍ବତନ ବିଧାୟକ ତଥା ରାଜ୍ୟ ଶ୍ରମ କଲ୍ୟାଣ ବୋର୍ଡର ଅଧକ୍ଷ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ଅନ୍‌ଲାଇନ୍‌ରେ ସାଂସଦ ଅମର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶିଶୁ ଅଧିକାର ସୁରକ୍ଷା ଦିଗରେ ଆୟୋଗର ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ । କୋଭିଡ୍-୧୯ କୋମଳମତି ଛାତ୍ରଛାତ୍ରୀଙ୍କ ମାନସିକତାକୁ କିଭଳି ପ୍ରଭାବିତ କରିଛି, ସେ ସମ୍ପର୍କରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ର ଦଶମ ଶ୍ରେଣୀ ଛାତ୍ର ଶୁଭେନ୍ଦୁ ଦାସ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଏହି ଅବସରରେ ଓଏସ୍‌ସିପିସିଆରର ନୂତନ ୱେବ୍‌ସାଇଟ୍ ଓ ଅନ୍‌ଲାଇନ୍‌ରେ ମାମଲା ପରିଚାଳନା ବ୍ୟବସ୍ଥାର ଲୋକାର୍ପଣ ହୋଇଛି । ଏଥିସହ ଆଜିଠାରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ '୪୦ ଦିନିଆ ଶିଶୁ ଅଧିକାର ଅଭିଯାନ'ର ଶୁଭାରମ୍ଭ କରାଯାଇଛି । ବିଭିନ୍ନ କ୍ଷେତ୍ରରେ ଶିଶୁଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ଆଜି ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁ ଅଧିକାର ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବେ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ କେ. ରବିକୁମାରଙ୍କୁ ନିଯୁକ୍ତି ଦିଆଯାଇଛି । ଦ୍ୱିତୀୟ ଅଧିବେଶନରେ ପିଲାଙ୍କ 'ମାନସିକ ସ୍ୱାସ୍ଥ୍ୟ-ସୁରକ୍ଷା ଓ ଯତ୍ନ', 'ଉତ୍ତମ ମାନସିକ ସ୍ୱାସ୍ଥ୍ୟ ଅଭ୍ୟାସ', ସଂପର୍କିତ ଦୁଇଟି ଆଲୋଚନାଚକ୍ରରେ ପିଲାଙ୍କ ମାନସିକ ସନ୍ତୁଳନର ରକ୍ଷା ଦିଗରେ ପରିବାର, ସମାଜ ଓ ସରକାରଙ୍କ ଦାୟିତ୍ୱ ସମ୍ପର୍କରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଏଡୁକୋର କନ୍ସିଂ ଡାଇରେକ୍ଟର ଗୁରୁପ୍ରସାଦ ରାଓଙ୍କ ସମେତ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ ।

# ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ




ବାରିପଦା,୦୨/୧୧ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ଆଜି ରାଷ୍ଟ୍ରୀୟ ଏକତା ଦିବସ କଲେଜର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଏଥିରେ କଲେଜର ଉପାଧକ୍ଷା ଶ୍ରୀମତୀ ସଂଘମିତ୍ରା ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ରାଷ୍ଟ୍ରୀୟ ଏକତା ଦିବସରେ ଭାରତର ସମ୍ବିଧାନକୁ ସମ୍ମାନ ଜଣାଇବା ସହିତ ଦେଶର ଏକତା ବଜାୟ ରହିବ ବୋଲି ମତବ୍ୟକ୍ତ କରିଥିଲେ । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ସ୍ୱାଗତ ଭାଷଣ ଦେବା ସହ ଭାରତ ସରକାରଙ୍କ ପ୍ରଦତ୍ତ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ଶପଥ ପାଠ କରାଇଥିଲେ । ଏହି ଦିବସ ଉପଲକ୍ଷ ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତା ମଧ୍ୟରୁ ଓଡ଼ିଆ ଓ ଇଂରାଜୀ ବିଭାଗ ବକ୍ତୃତା ସହିତ ଇଂରାଜୀ ରଚନା, ଓଡ଼ିଆ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମଦନମୋହନ ସାହୁ, ସବିତାରାଣୀ ଦାଶ, ତୃପ୍ତିଦାସ, ଅଭିପ୍ସା ନାୟକ, ଅଙ୍କିତା ସାହୁ, ପୂଜାରିଣୀ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ବିଜୟା ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ବର୍ତ୍ତମାନ ପରିସ୍ଥିତିରେ ଦେଶର ଏକତା ବଜାୟ ରଖିବାକୁ ହେଲେ ବାସ୍ତବତା ବୁଝିବାକୁ ପଡିବ ବୋଲି ଉଲ୍ଲେଖ କରିଥିଲେ ।

## ଉଦଳା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷୟିତ୍ରୀ ପୁଷ୍ପରାଣୀଙ୍କ ଆମରଣ ଅନଶନ

ଉଦଳା,୦୨/୧୧ (ନି.ପ୍ର): ଉଦଳା ସହରର ନାଗପାଳର ବାସିନ୍ଦା ଁ ଶଶିଭୂଷଣ ମହାପାତ୍ରଙ୍କ କନ୍ୟା ପୁଷ୍ପରାଣୀ ପୁର୍ବ ଘୋଷଣା ଅନୁସାରେ ଆଜି ନଭେମ୍ବର ୨ ତାରିଖ ମଙ୍ଗଳବାର ଦିନ ୧୦ ଘଟିକା ଠାରୁ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି । ତେବେ ସେ ଆଜିଠାରୁ ଆମରଣ ଅନଶନ କରିବେ ବୋଲି ପୁର୍ବରୁ ଲିଖିତ ଆକାରରେ ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇଥିଲେ । ପୁଷ୍ପରାଣୀ ବର୍ତ୍ତମାନ ଡ଼ିହିରାକୁଳ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ ଅଛନ୍ତି । ତାଙ୍କର କହିବାଅନୁସାରେ ଚାକିରି କ୍ଷେତ୍ରରେ ପ୍ରମୋସନ ପାଇଁ ତାଙ୍କର ସବୁ ପ୍ରକାର ଯୋଗ୍ୟତା ଥିବା ସତ୍ତ୍ୱେ ଚଞ୍ଚକତା କରି ଶିକ୍ଷା ବିଭାଗ ତାଙ୍କୁ ଅଣଦେଖା କରିଛି । ୧୯୯୮ ମସିହାରେ ତାଙ୍କ ସହ ନିଯୁକ୍ତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ତାଙ୍କ ପୁର୍ବରୁ ପ୍ରମୋସନ ନେଲେ କିପରି ବୋଲି ସେ ପ୍ରଶ୍ନ କରିଛନ୍ତି । ତେବେ ଆଜି ଏହି ସମ୍ବାଦ ଲେଖାହେବା ପର୍ଯ୍ୟନ୍ତ ଗୋଷ୍ଠୀଶିକ୍ଷାଧିକାରୀ କିମ୍ବା ଅନ୍ୟ କୌଣସି ପ୍ରଶାସନିକ ଅଧିକାରୀ ତାଙ୍କ ସହ ଆଲୋଚନା କରିନଥିବାର ଜଣା ଯାଇଛି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୬ ଗିରଫ

ଭୁବନେଶ୍ୱର,୦୨/୧୧ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୬ ଜଣଙ୍କୁ ଗିରଫ କରିଛି । ୫୨୧ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୦,୩୬,୮୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ମନୋଜୀୟ କଥାମାନସ ଉନ୍ମୋଚିତ



ବାଲେଶ୍ୱର,୦୨/୧୧ (ନି.ପ୍ର): ଗତ ୩୧ ତାରିଖ ଦିନ ସୋର ସ୍ଥିତ ସାହିତ୍ୟିକ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ନାୟକଙ୍କ ବାସଭବନରେ ଏକ ମନୋଜ୍ଞ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀଯୁକ୍ତ ନାୟକଙ୍କ ପାଞ୍ଚଟି ପୁସ୍ତକ ଉନ୍ମୋଚିତ ହେବା ସହିତ ପ୍ରାବନ୍ଧିକ ତଥା ଗବେଷକ ଡକ୍ଟର ମନ୍ମଥ କୁମାର ପ୍ରଧାନ ଓ ଶିଶୁ ସାହିତ୍ୟିକ ଭାସ୍କର ଚନ୍ଦ୍ର ଦାସଙ୍କ ସମ୍ପାଦନାରେ ମନୋଜ ଦାସଙ୍କ ଜୀବନୀ ଓ ତାଙ୍କ ସାରସ୍ୱତ କୃତି ସମ୍ପର୍କରେ ବହୁ ବିଶିଷ୍ଟ ଓ ବରିଷ୍ଠ ଲେଖକଙ୍କ ଲେଖାରେ ସମୃଦ୍ଧ 'ମନୋଜୀୟ କଥାମାନସ' ପୁସ୍ତକଟି ଉନ୍ମୋଚିତ ହୋଇଯାଇଛି । ଡକ୍ଟର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସୁସାହିତ୍ୟିକ ବ୍ରଜେନ୍ଦ୍ରନାଥ ଗିରି, ଡ. ଦିଲ୍ଲୀପ ରଥ, ଦାମୋଦର ଦାଶମହାପାତ୍ର, ଉଦ୍ଧବ ବିଶ୍ୱାଳ, ରାଜେନ୍ଦ୍ର ଦାସ, ସଞ୍ଜୟ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ମନୋଜ ଦାସଙ୍କ ସାରସ୍ୱତ କୃତି ଓ କୃତିତ୍ୱ ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପାହାନ୍ତିତାରାର ମୁଖ୍ୟ ଗାଳ୍ପିକ କମଳ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମରେ ସାହିତ୍ୟିକା ସୁଜାତା ପ୍ରଧାନ, ମୋନାଲିସା ପ୍ରଧାନ, ମିନତି କର, ସତ୍ୟଭାମା ମୁଦୁଲି, ରଶ୍ମୀବାଳା ଦାଶ, ବିକର୍ତ୍ତନ ନାୟକ, ପୁରୁଷୋତ୍ତମ ଜେନା, ରମେଶ ଚନ୍ଦ୍ର ବେହେରା ଏବଂ ସୋର ଅଞ୍ଚଳର ଅନେକ ସାହିତ୍ୟିକ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ରବୀନ୍ଦ୍ର ନାୟକଙ୍କ ସପରିବାର ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ପ୍ରକାଶଯୋଗ୍ୟ ଯେ, ଉକ୍ତ ସଂକଳନରେ ପ୍ରତିଭା ରାୟ, ବିଭୂତି ପଟ୍ଟନାୟକ, ସୌଭାଗ୍ୟ କୁମାର ମିଶ୍ର, ହରପ୍ରସାଦ ଦାସ, ମମତା ଦାଶ, ଦାଶ ବେନହୁର, ବିଜୟ ନାୟକ, ପ୍ରୀତିଧାରା ସାମଲ, ରମାକାନ୍ତ ବେହେରା, ମନ୍ମଥ କୁମାର ପ୍ରଧାନ, ହରିଶ୍ଚନ୍ଦ୍ର ବେହେରା, ଭାସ୍କର ଚନ୍ଦ୍ର ଦାସ, ଅଭୟ ସୂତାର, ମନୀନ୍ଦ୍ର ମହାନ୍ତି, ଗଦାଧର ବଳ, ବ୍ରଜଗୋପାଳ ମହାନ୍ତି, ଅଶୋକ କୁମାର ମହାନ୍ତି, ଉଦୟ ନାରାୟଣ ଦାସ, ସ୍ୱପ୍ନବାସବଦତ୍ତା ସୂତାର, ବ୍ରଜେନ୍ଦ୍ର ନାଥ ଗିରି, ପ୍ରମୀଳା ଶତପଥୀ, ପ୍ରଳୟ ନାୟକ, ସ୍ମୃତି ଦାସ, ପ୍ରଦୀପ ମହାପାତ୍ର, ଦୈତ୍ୟାରି ମହାପାତ୍ର, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସୁବାସ ଚନ୍ଦ୍ର ପାତ୍ର, ହୁସେନ ରବି ଗାନ୍ଧୀ, କୁମାର ହସନ, ଧନଞ୍ଜୟ ସ୍ୱାଇଁ, ଶଶଧର ଦାସ, ନିର୍ମଳ ରାଉତ, ବିଜୟ କୁମାର ବହଳୀ, ଭରତ ଚନ୍ଦ୍ର ଦାଶ, ସୁଭାଷିନୀ ଜୀ ପ୍ରମୁଖଙ୍କ ଲେଖା ସ୍ଥାନିତ ହୋଇଛି ।

## ରୋଟାରୀ କ୍ଲବ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୦୨/୧୧ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ କରୋନା ସଚେନତା କାର୍ଯ୍ୟକ୍ରମ ସ୍ଥାନୀୟ ମିଶ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହିମାଂଶୁ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସଭାପତି ଡ. ରାଜଲକ୍ଷ୍ମୀ ଯତି, ପ୍ରକଳ୍ପ ଅଧ୍ୟକ୍ଷ ପ୍ରବାଳ ସିହ୍ନା, ସମ୍ପାଦକ ପ୍ରଦୀପ୍ତ କୁମାର ପଣ୍ଡା, ପୂର୍ବତନ ସଭାପତି ଉଦୟ ନାରାୟଣ ଦାସ, କର୍ଣ୍ଣେଲ କ୍ଷେତ୍ର ମୋହନ ମହାପାତ୍ର ପ୍ରମୁଖ ଯୋଗଦେଇ ମହାମାରୀ କରୋନା ସଂକ୍ରମଣ ପ୍ରତିହତର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି କରୋନାରୁ ମୁକ୍ତ ହେବା ପରେ ଆବଶ୍ୟକ ସତର୍କତା ଅବଲମ୍ବନ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ନିଜେ ସଚେତନ ରହିବା ସହ ପରିବାରର ଅନ୍ୟମାନଙ୍କୁ ବି ଏହା ପାଳନ କରିବା ପାଇଁ ଉତ୍ସାହିତ କରିବା ନିମନ୍ତେ ଛାତ୍ରୀମାନଙ୍କୁ ରୋଟାରୀ କ୍ଲବ କର୍ମକର୍ତ୍ତା ପରାମର୍ଶ ଦେଇଥିଲେ ।

## ନହଙ୍ଗ-ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରୀ

ଖଇରା,୦୨/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗ ଗ୍ରାମର ବାସନ୍ତୀ ଜେନାଙ୍କ ଘରୁ ସୋମବାର ରାତିରେ ଚୋର ମାନେ କଳାକନା ବୁଲାଇଦେଇଛନ୍ତି । ଘରେ କେହି ନଥିବା ବେଳେ ଏହି ସୁଯୋଗରେ ସେମାନେ ଆଲମିରା ଭାଙ୍ଗି ନଗଦ ୧୫ହଜାର ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ ଚୋରି ହୋଇଥିବା ନେଇ ବାସନ୍ତୀ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଖବରପାଇ ଖଇରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି ।

# ଯୁବ ବିଜେଡି ପକ୍ଷରୁ ମେଗା ରକ୍ତଦାନ ଶିବିର



ନୀଳଗିରି,୦୨/୧୧ (ନି.ପ୍ର): ଦୀର୍ଘ ଏକ ମାସ ଧରି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନରେ ଚାଲିଥିବା ରକ୍ତଦାନ ଶିବିରରେ ଆଜି ନୀଳଗିରି ବିଜୁ ଯୁବ ଜନତା ଦଳ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଗତ ଅକ୍ଟୋବର ୨ ତାରିଖ ଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଶିବିରରେ ନୀଳଗିରି ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଶିବିରକୁ ବାଲେଶ୍ୱର ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ାଙ୍କ ଆବାହକତ୍ୱରେ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ସାଂସଦ ଇଂ. ରବିନ୍ଦ୍ର କୁମାର ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସଂଯୋଗକୁ ଆଜି ୨ ତାରିଖ ଯୁବ ବିଜେଡି ସଭାପତି ତାପସ ପରିଡ଼ାଙ୍କ ଜନ୍ମଦିନ ଥିବାରୁ ଏଭଳି ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବାରୁ ନିଜକୁ ଭାଗ୍ୟଶାଳୀ ମନେ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଏତାଦୃଶ ଲୋକ ହିତକର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । 'ରକ୍ତଦାନ ମହତ ଦାନ' ରକ୍ତ ଅଭାବରୁ ରାଜ୍ୟରେ ଜଣେ ବି କେହି ମୃତ୍ୟୁ ମୁଖରେ ନ ପଡୁ ଏଭଳି ବାର୍ତ୍ତାକୁ ବିଜେଡିର ପ୍ରତ୍ୟେକ ବର୍ଗ ନିଜକୁ ଉତ୍ସର୍ଗୀକୃତ କରି ଏଭଳି ମହାନ କାର୍ଯ୍ୟକୁ ଆଗେଇ ନେଇଥିବାରୁ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ନୀଳଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଂଚଳର ସାରା ଜିଲ୍ଲାରେ ରକ୍ତଦାନ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବାଲେଶ୍ୱର ଜିଲ୍ଲା ସାରା ରାଜ୍ୟରେ ୩ୟ ସ୍ଥାନ ଅଧିକାରି ସୁନାମ ଅର୍ଜନ କରିଛି । ଏଭଳି ଦିନରେ ୧୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବାରୁ ଯୁବ ବିଜେଡି ସଭାପତି ରକ୍ତଦାତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ବିଜେଡି ନଗର ସଭାପତି ରବିନ୍ଦ୍ର ପରିଡ଼ା, ପୂର୍ବତନ ଉପନଗରପାଳ କମଳାମଣି ପରିଡ଼ା, ରଜନୀ ମହାନ୍ତି, ଶରତ ଦାସ, ମାନସ ପରିଡ଼ା, ବ୍ଲକ ସଭାପତି ବିଜୟ ଲେଙ୍କା, ଗତିକୃଷ୍ଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ସଂଜୟ ବାରିକ, ଟେକନିସଆନ ସରୋଜ ପସା, ଗତିକୃଷ୍ଣ ମହାନ୍ତି, ଦେବାଂଶୁବେହେରା, ସଂଗ୍ରାମ ଜ୍ୟୋତି ମହାପାତ୍ର ପ୍ରମୁଖ ରକ୍ତ ସଂଗ୍ରହରେ ସାହାଯ୍ୟ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଭୁବନେଶ୍ୱରରୁ ରାଜସ୍ଥାନର....

ସୁଦୃଢ଼ ହୋଇଛି । ଭୁବନେଶ୍ୱର ଏବଂ ଜୟପୁର ମଧ୍ୟରେ ସପ୍ତାହରେ ଇଣ୍ଡିଗୋ ଦ୍ୱାରା ୩ ଦିନ ବିମାନ ଚଳାଚଳ ହେବ । ଉଭୟ ରାଜ୍ୟରେ ଅନେକ ମନ୍ଦିର ଓ ପର୍ଯ୍ୟଟନ ସ୍ଥାନ ଥିବା ବେଳେ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକମାନେ ଏହା ଦ୍ୱାରା ଉପକୃତ ହେବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ମାତ୍ର ବର୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ଉଚ୍ଚାଭିଳାଷୀ ଡ୍ରୋନ ପଲିସି ଅଣାଯାଇଛି । ଏହି ପୃଷ୍ଠଭୂମିରେ ଡ୍ରୋନ୍ ଟେକ୍ନୋଲୋଜି ଦୁର୍ଗମ ଅଂଚଳରେ ନୂଆ କ୍ରାନ୍ତି ଆଣିପାରିବ । ଜନଜାତି ପ୍ରାଧାନ୍ୟ କୋରାପୁଟ ଭଳି ଅଂଚଳର ଅର୍ଥନୀତିରେ ଏକ ନୂଆ କ୍ରାନ୍ତି ସହ ସ୍ଥାନୀୟ ଉତ୍ପାଦ ପାଇଁ ଜାତୀୟ ତଥା ଆନ୍ତର୍ଜାତୀୟ ବଜାର ଯୋଗାଇବ । ତେଣୁ ବେସାମରିକ ବିମାନ ଚଳାଚଳ ବିଭାଗ ଏହାକୁ ଏକ ପାଇଲଟ ପ୍ରକଳ୍ପ ଭାବରେ ଗ୍ରହଣ କରି ଜୈବିକ ସାମଗ୍ରୀକୁ ବାହାରେ ବିକ୍ରି କରିବା ଏବଂ ସର୍ଭିସ ୟୁଟିଲିଟି ପାଇଁ ବ୍ୟବସ୍ଥା କରିବା ପାଇଁ ଶ୍ରୀ ପ୍ରଧାନ ବିଭାଗୀୟ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

## ହିମାଚଳ ପ୍ରଦେଶରେ ସବୁ ଆସନ ....

ବରଣ କରୁଥିବା କଂଗ୍ରେସର ଏପରି ବିଜୟ ଦଳୀୟ ନେତାଙ୍କ ମନୋବଳ ବଢ଼ାଇଛି । ମଣ୍ଡି ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ ପ୍ରତିଭା ସିଂହ ୮,୭୬୬ ଖଣ୍ଡ ଭୋଟରେ ବିଜେପିର ବ୍ରିଗେଡିୟର କୁଶଳ ଠାକୁରଙ୍କୁ ପରାସ୍ତ କରିଛନ୍ତି । ପ୍ରତିଭା ହେଉଛନ୍ତି ହିମାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବୀରଭଦ୍ର ସିଂହଙ୍କ ପତ୍ନୀ । ଏବେ ପ୍ରତିଭା ଲୋକସଭା ଉପ ନିର୍ବାଚନରେ ବାଜିମାତ କରିଛି । ସେହିପରି ଅରକିରେ କଂଗ୍ରେସ ପ୍ରାର୍ଥୀ ସଞ୍ଜୟ ଅବସ୍ତୀ ବିଜେପିର ରତନ ସିଂହ ପାଲଙ୍କୁ ୩,୨୧୯ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି । ଜୁବ୍ବାଲ କୋଟଖାଇ ଆସନରେ ବିଜେପି ଏକତରଫା ଭାବେ ପରାସ୍ତ ହୋଇଛି । ଏଠାରେ କଂଗ୍ରେସ ପ୍ରାର୍ଥୀ ରୋହିତ ଠାକୁର ଓ ସ୍ୱାଧୀନ ପ୍ରାର୍ଥୀ ଚେତନ ବ୍ରଗତଙ୍କ ମଧ୍ୟରେ ଟକ୍କର ଦେଖିବାକୁ ମିଳିଥିଲା । ଶେଷରେ ରୋହିତ ୬,୨୯୩ ଖଣ୍ଡ ଭୋଟରେ ଚେତନକୁ ପରାସ୍ତ କରିଥିଲେ । ଫତେପୁରରେ କଂଗ୍ରେସ ପ୍ରାର୍ଥୀ ଭବାନୀ ସିଂହ ପଠାନିଆ ବିଜେପିର ବଳଦେବ ଠାକୁରଙ୍କୁ ୫୭୯୮ ଖଣ୍ଡ ଭୋଟରେ ହରାଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ମଣ୍ଡି ଲୋକସଭା ଉପ ନିର୍ବାଚନରେ ବିଜେପି ଜିତିବ ବୋଲି ଆଶା ରଖିଥିଲେ । କାରଣ ୨୦୧୯ ଓ ୨୦୧୪ ଲୋକସଭା ନିର୍ବାଚନ ବେଳେ ଏହି ଆସନ ବିଜେପି ଖାତାକୁ ଯାଇଥିଲା । ୨୦୧୯ରେ ବିଜେପି ପ୍ରାର୍ଥୀ କଂଗ୍ରେସ ପ୍ରାର୍ଥୀଙ୍କୁ ୪ ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ହରାଇଥିଲେ । କିନ୍ତୁ ଉପ ନିର୍ବାଚନରେ ସବୁ କିଛି ଓଲଟପାଲଟ ହୋଇଯାଇଛି ।

## ଭିଜିଲାନ୍ସ ଜାଲରେ....

ଘର ଓ କାର୍ଯ୍ୟାଳୟରେ ଚଢାଉ ବେଳେ ତାଙ୍କ ଅଫିସରୁ ମିଳିଥିଲା ୪ ଲକ୍ଷ ୬୫ ହଜାର ଟଙ୍କା । ଯାହାର ହିସାବ ଦେଇପାରିନଥିଲେ ଏହି ସରକାରୀ ବାବୁ । ଭିଜିଲାନ୍ସ ରେଡ୍ ବେଳେ ନିମାପଡାରେ ଥିବା ତାଙ୍କ ଘରୁ ମଧ୍ୟ ୫୦ ହଜାର ଟଙ୍କା ଜବତ ହୋଇଛି । ଏହା ସହିତ କଟକ ସିଡିଏରେ ଥିବା ତାଙ୍କ ଘର ଓ କେନ୍ଦ୍ରାପଡା ଗରଦପୁର ସ୍ଥିତ ପୈତୃକ ବାସଭବନ ଉପରେ ମଧ୍ୟ ଚଢାଉ କରାଯାଇଛି । ଜମି ପଟ୍ଟା ଦେବାରେ ଓ ଜମି କିସମ ପରିବର୍ତ୍ତନ କରିବା ବେଳେ ଅସତ୍ ଉପାୟ ଅବଲମ୍ବନ କରିବା ନେଇ ଏହି ଧୂର୍ତ୍ତ ବାବୁଙ୍କ ନାମରେ ପୂର୍ବରୁ ମଧ୍ୟ ଦୁଇଟି ମାମଲା ରହିଛି । ଯେଉଁଥିରେ ଗୋଟିଏ ମାମଲାରେ ଚାର୍ଜସିଟ୍ ମଧ୍ୟ କରାଯାଇସାରିଛି । ଦୁଇ ଦୁଇ ଥର ଧରାପଡିବା ପରେ ମଧ୍ୟ ଦୁର୍ନିତୀକୁ ଛାଡି ପାରୁନାହାନ୍ତି ଏହି ଲାଂଚୁଆ ଅଫିସର । ତେଣୁ ଏବେ ତାଙ୍କ ବିରୁଦ୍ଧରେ ଦୃଢ ପଦକ୍ଷେପ ନେବାକୁ ପ୍ରମାଣ ଯୋଗାଡ କରୁଛି ଭିଜିଲାନ୍ସ ।

## ସମ୍ବଲପୁରରେ ସ୍ମାର୍ଟ ହେଲ୍‌ଥ୍ କାର୍ଡ....

ଆଜି ସମ୍ବଲପୁରରେ ପିଇବା ପାଣି ପାଇଁ ୧୦୦୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଗାଁ ଓ ସହର ସବୁ ପରିବାର ପାଖରେ ପିଇବା ପାଣି ପହଂଚିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କୁଚିଣ୍ଡା ଓ ରେଢାଖୋଲ ଏନ୍.ଏ.ସି.ର ସବୁ ଘରକୁ ପାଇପ ପାଣି ଯୋଗାଇ ଦିଆଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୨୨ରେ ସମ୍ବଲପୁର ଜିଲ୍ଲାର ପ୍ରତି ଘରକୁ ପାଇପ ପାଣି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

## ଅନିଲ ଦେଶମୁଖ ମନି ଲଣ୍ଡରିଂ ....

ନେଇଥିଲା । ଏହାପରେ ଅନିଦେଶମୁଖଙ୍କ ଆଉଜଣେ ଇନ୍ଦ୍ରପାଲ ସିଂହ କୋର୍ଟରେ ହାଜର ହୋଇଥିଲେ । ଇନ୍ଦ୍ରପାଲ ସିଂହ କହିଛନ୍ତି ଯେ ତିନିଦିନ ପୁର୍ବରୁ ହାଇ କୋର୍ଟ ରେ ଇଡି କହିଥିଲା ଯେ ଅନିଲ୍ ଦେଶମୁଖ ବଟି ଆଦାୟ ମାମଲାରେ ଅଭିଯୁକ୍ତ ନୁହେଁ । କେବଳ ତାଙ୍କୁ ପଚରା ଉଚରା କରାଯାଉଥିଲା । ଏହାପରେ ଇଡିପାଖରେ କଣ ପ୍ରମାଣ ମିଳିଲାଯେ ତାଙ୍କୁ ରାତିଅଧରେ ଗିରଫ କରାଗଲା ।

# ଖଇରା ବିଡିଓ ଓ ଯୋଗାଣ ଅଧିକାରୀଙ୍କ ମଣିଷପଣିଆ : ଆହତ ଯୁବକଙ୍କୁ ଗାଡିରେ ଆଣି ଚିକିତ୍ସାକରାଇଲେ



ଖଇରା,୦୨/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ର ବର୍ତ୍ତମାନର କାର୍ଯରତ ବିଡିଓ ପର୍ଶୁରାମ ପଣ୍ଡା ବାଇକ ଦୁର୍ଘଟଣାରେ ଆହତ ଯୁବକଙ୍କୁ ବାଇକରେ ବସାଇ ଚିକିତ୍ସାପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରାଇ ନିଜର ମଣିଷପଣିଆ ଦେଖାଇଛନ୍ତି । ଏଭଳି ଘଟଣା ଖଇରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ସାଧାରଣରେ ତାଙ୍କ ହେି କାର୍ଯ୍ୟକୁ । ମଙ୍ଗଳବାର ଅପରାହ୍ନରେ ବିଡିଓ ପଣ୍ଡା ବ୍ଲକ ଯୋଗାଣ ବିଭାଗ ଅଧିକାରୀ ନିରଞ୍ଜନ ସାହୁଙ୍କ ସହ ନିର୍ବାଚନ ପାଇଁ ବୁଥ ଗଠନ କାମରେ ଅଚ୍ୟୁତିପୁର ଓ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଯାଉଥିଲେ । ଏହି ସମୟରେ ସୋର-କୁପାରୀ ରାସ୍ତାର କଣ୍ଟାପଡା ଛକ ନିକଟରେ ବାଇକ ଦୁର୍ଘଟଣାରେ ଆହତ ହୋଇ ଲୁଣିପଦା ଗ୍ରାମର ଦୁଖିରାମ ମାଝି(୨୭) ରାସ୍ତାରେ ପଡିରହିଥିବା ଉକ୍ତ ବ୍ଲକ ଅଧିକାରୀ ଦ୍ୱୟଙ୍କ ନଜରରେ ଆସିଥିଲା । ଆହତଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବାକୁ ସ୍ଥାନୀୟ ଗ୍ରାମବାସୀ ମାନେ ଆମ୍ବୁଲାନ୍ସ କୁ ଫୋନ କରୁଥିବା ବେଳେ ଆହତଙ୍କର ତୁରନ୍ତ ଚିକିତ୍ସା ର ଆବଶ୍ୟକତା ଉପଲବ୍ଧି କରି ବିଡିଓ ନିଜ ସରକାରୀ ଗାଡିରେ ଆହତଙ୍କୁ ଧରି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫେରି ଆସିଥିଲେ । ଏବଂ ନିଜେ ଷ୍ଟ୍ରେଚରରେ ରୋଗୀକୁ ଗାଡିରୁ ଓହ୍ଲାଇ ଆଣି ମେଡିକାଲ ବେଡକୁ ନେଇଥିଲେ ।

# ସତର୍କତା ସପ୍ତାହ ସମାପନ ଉତ୍ସବ




ଭୁବନେଶ୍ୱର,୦୨/୧୧(ନି.ପ୍ର): ଭାରତ ସଂଚାର ନିଗମ ଲିମିଟେଡର ଓଡିଶା ସର୍କଲ ଅଧୀନରେ ଥିବା ଟେଲିକମ୍ ମୁଖ୍ୟ ଜେନେରାଲ ମ୍ୟାନେଜର ଡକ୍ଟର ଉଦୟ ଶଙ୍କର ପଣ୍ଡାଙ୍କ ଅଧକ୍ଷତାରେ ଭୁବନେଶ୍ୱର ସ୍ଥିତ ବିଏସଏନ୍‌ଏଲ ଭବନଠାରେ ସତର୍କତା ସପ୍ତାହ ସମାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ପଣ୍ଡା କର୍ମଚାରୀମାନଙ୍କୁ ସମ୍ବୋଧନ କରି ବ୍ୟକ୍ତିଗତ ଜୀବନରେ ନିରାପତ୍ତା ମୂଳକ ସତର୍କତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକୁ ସୁରୁଖୁରୁରେ ସମାପନ ପାଇଁ ଫାଇଲଗୁଡିକର ପ୍ରସ୍ତୁତ ବିଷୟରେ ପ୍ରତ୍ୟେକ ଘଟଣାର ଯୁକ୍ତିନିଷ୍ଠ ମନ୍ତବ୍ୟ ଦେବାକୁ ମଧ ପରାମର୍ଶ ଦେଇଥିଲେ । ସତର୍କତା ବିଭାଗ ଡେପୁଟି ଜେନେରାଲ ମ୍ୟାନେଜର ଶ୍ରୀ କାର୍ତିକଚରଣ ପତି ସ୍ୱାଗତ ଅଭିଭାଷଣ ଅବସରରେ ସପ୍ତାହବ୍ୟାପୀ ଆୟୋଜିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଦେଇଥିଲେ । ସତର୍କତା ସପ୍ତାହ ପାଳନର ଗୁରୁତ୍ୱ ସମ୍ପର୍କରେ ମଧ ବର୍ଣ୍ଣନା କରିଥିଲେ । ବରିଷ୍ଠ ଜେନେରାଲ ମ୍ୟାନେଜର ଶ୍ରୀ ପି.କେ. ମହାପାତ୍ର ସତର୍କତା ସପ୍ତାହ ପାଳନର ଉଦ୍ଦେଶ୍ୟ ଏବଂ ସମ୍ପର୍କୀତ ପ୍ରସଙ୍ଗ ଆଲୋଚନା କରିଥିଲେ । ଆଲୋଚନା ପରେ ଦୃଶ୍ୟଶ୍ରାବ୍ୟ ମାଧମରେ ଓଡିଶା ସର୍କଲ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଏବଂ ସଫଳତା ପ୍ରଦର୍ଶନ କରାଯାଇଥିଲା । ଭାରତର ମୁଖ୍ୟ ସତର୍କ ଅଧିକାରୀଙ୍କ ଦ୍ୱାରା ସର୍ବଭାରତୀୟ ସ୍ତରରେ ଏହା ପ୍ରଶଂସା ଲାଭ କରିଛି । କୋଭିଡ କଟକଣା ମଧରେ ସମାପନ ଉତ୍ସବକୁ ବିଭିନ୍ନ କଟକଣା ମଧରେ ପାଳନ କରାଯାଇଥିବାରୁ ସତର୍କତା ବିଭାଗକୁ ଶ୍ରୀ ପଣ୍ଡା ଧନ୍ୟବାଦ ଜଣାଇଥିଲେ । ଏହି ଉତ୍ସବରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସର୍ବଶ୍ରୀ ଡି.ସି. ପ୍ରଧାନ, ଡି.କେ.ବେହେରା, ଏସ.ଡି. ଦୁର୍ଗା, ଟି ହେମ୍ବ୍ରମ୍ ପ୍ରମୁଖ ବରିଷ୍ଠ ମ୍ୟାନେଜରମାନଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଏହି ଉତ୍ସବରେ ଯୋଗଦେଇଥିଲେ ।

# ଖୁଆଡ ପଂଚାୟତ : ୧୭ ମୃତ ବ୍ୟକ୍ତି ସମ୍ପର୍କୀୟଙ୍କୁ ୨ଥର ହରିଶ୍ଚନ୍ଦ୍ର ଯୋଜନା

ଜଳେଶ୍ୱର,୦୨/୧୧ (ନି.ପ୍ର): ଦୁର୍ନିତୀ ଜଳେଶ୍ୱର ବ୍ଲକରେ ପିଛା ଛାଡୁନଥିବା ବେଳେ ଖୁଆଡ ପଂଚାୟତରେ କେତେକ ବ୍ୟକ୍ତିଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୨ଥର ଲେଖାଏଁ ସହାୟତା ଦିଆଯାଇଥିବା ସୂଚନା ଆଇନ୍ ବଳରେ ତଥ୍ୟ ମିଳିଥିବା ଜଣାଯାଇଛି । ଖୁଆଡ ଏକ ଆଦିବାସୀବହୁଳ ପଂଚାୟତ ହୋଇଥିବା ବେଳେ କେତେକ ଅନୀୟମିତତା ସଂପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ହଳଦୀଗୁଣ୍ଡି ଗାଁର ଗୁରୁବାସୀ ସରେନ୍‌ର ୨୦-୧୨-୧୭ରେ ମୃତ୍ୟୁପରେ ତାଙ୍କ ଜ୍ୱାଇଁ ଫାଗୁ ମାରାଣ୍ଡିଙ୍କୁ ସେହିଦିନ ଓ ତାଙ୍କ ଝିଅ ବୁଧୁନୀ ମାରାଣ୍ଡିଙ୍କୁ ୧୩-୮-୨୦୧୮ରେ ହରିଶ୍ଚନ୍ଦ୍ର ଅର୍ଥ ଦିଆଯାଇଛି । ମଂଚପୁର ଗାଁର ସୁନିତା ଚନ୍ଦଙ୍କ ମୃତ୍ୟୁପରେ ୨୦-୧୨-୧୭ରେ ପୁଅ ମଇନା ଚନ୍ଦଙ୍କୁ ଓ ୧୧-୯-୧୮ରେ ବହୁ ଦର୍ଶାଯାଇଥିବା ମଇନା ଚନ୍ଦ୍ରଙ୍କୁ ଅର୍ଥ ଦିଆଯାଇଛି । କେନ୍ଦୁଖୁଣ୍ଟା ଗାଁର ରାଇମଣି ମାରାଣ୍ଡିଙ୍କ ମୃତ୍ୟୁରେ ପୁଅ ଯୁଗଳ ମାରାଣ୍ଡିକୁ ୯-୧୧-୧୭ ଓ ୨୬-୬-୧୮ରେ ୨ଇ ଥର ଆର୍ଥୀକ ସହାୟତାପ୍ରଦାନ କରାଯାଇଛି । ସେହି ଗାଁର ଟୁଲା ବିନ୍ଧାଣୀଙ୍କୁ ୯-୧୧-୧୭ରେ ପୁଅ କାଳା ବିନ୍ଧାଣୀ ଓ ୨୬-୬-୧୮ରେ ପୁତୁରା କାଳା ବିନ୍ଧାଣୀ ଦର୍ଶାଯାଇ ଆର୍ଥୀକ ସହାୟତାପ୍ରଦାନ କରାଯାଇଛି । ମହୁଡୁମା ଗାଁର ରମାକାନ୍ତ ଦାସଙ୍କ ମୃତ୍ୟୁରେ ସ୍ତ୍ରୀ ରାଣୀ ଦାସଙ୍କୁ ୩୧-୧୦-୧୭ରେ ଓ ୨୬-୬-୧୮ରେ ଦୁଇଥର ଆର୍ଥୀକ ସହାୟତାପ୍ରଦାନ କରାଯାଇଛି । ଖୁଆଡ ଗାଁର ସର୍ବେଶ୍ୱର ପାତ୍ରଙ୍କ ମୃତ୍ୟୁରେ ପୁଅ ଦିଲ୍ଲିପକୁ ୩୧-୧୦-୧୭ ଓ ପୁଣି ୨୬-୬-୧୮ରେ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥୀକ ସହାୟତାପ୍ରଦାନ କରାଯାଇଛି । ସେହି ଗାଁର ଜଗନ୍ନାଥ ମାରାଣ୍ଡିଙ୍କ ମୃତ୍ୟୁରେ ପୁଅ ଭରତ ମାରାଣ୍ଡିକୁ ୨୦-୧୨-୧୭ ଓ ସ୍ତ୍ରୀ ଭାରତୀ ମାରାଣ୍ଡିଙ୍କୁ ୧୩-୮-୧୮ରେ ଆର୍ଥୀକ ସହାୟତାପ୍ରଦାନ କରାଯାଇଛି । ସେହି ଗାଁର ସମରାଇ ଟୁଡୁଙ୍କ ମୃତ୍ୟୁରେ ପୁଅ ତତା ଟୁଡୁକୁ ୨୦-୧୨-୧୭ ଓ ସ୍ତ୍ରୀ ପାର୍ବତୀ ଟୁଡୁକୁ ୧୩-୮-୧୮ରେ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରାଯାଇଛି । ଚନ୍ଦାବିଲା ଗାଁର ରଣଜିତ୍ ପାତ୍ରଙ୍କ ମୃତ୍ୟୁରେ ସ୍ତ୍ରୀ ଜୟନ୍ତୀ ପାତ୍ରଙ୍କୁ ୯-୧୧-୧୭ ଓ ୨୬-୬-୧୮ରେ ୨ଘର ଆର୍ଥୀକ ସହାୟତା ଦିଆଯାଇଛି । ଆସନସୁଲିଆ ଗାଁର ସୁନିତା ସରେନ୍‌ଙ୍କ ମୃତ୍ୟୁରେ ପୁଅ କାହ୍ନୁ ସରେନ୍‌କୁ ୯-୧୧-୧୭ରେ ଓ ୨୬-୬-୧୮ରେ ୨ଥର ଆର୍ଥୀକ ସହାୟତା ଦିଆଯାଇଛି । ପୁରୁଣାପାଣି ଗାଁର ରେବତୀ ଜେନାଙ୍କ ମୃତ୍ୟୁରେ ପୁଅ ପରିମଳ ଜେନାଙ୍କୁ ୯-୧୧-୧୭ ଓ ସ୍ୱାମୀ ପରିମଳ ଜେନାଙ୍କୁ ୧୧-୯-୧୮ରେ ଆର୍ଥୀକ ସହାୟତା ପ୍ରଦାନ କରାଯାଇଛି । ସେହି ଗାଁର ରାଜେନ୍ଦ୍ର ବେହେରାଙ୍କ ମୃତ୍ୟୁରେ ନନ୍ଦଲାଲ ବେହେରାଙ୍କୁ ୩୧-୧୦-୧୭ ଓ ପୁଣି ୨୬-୬-୧୮ରେ ଆର୍ଥୀକ ସହାୟତା ଦିଆଯାଇଛି । ଡେମୁରବଣୀ ଗାଁର କୁନା ମାରାଣ୍ଡିଙ୍କ ମୃତ୍ୟୁରେ ପୁଅ ମୋହନ ମାରାଣ୍ଡିଙ୍କୁ ୩୧-୧୧-୨୦୧୭ ଓ ୨୬-୬-୧୮ରେ ହରିଶ୍ଚନ୍ଦ୍ର ସହାୟତା ଦିଆଯାଇଥିବାର ଅଶ୍ରୁମୋଚନ ଘୋଷ, ପ୍ରବିର କୁମାର ଦାସ, ତପନ ସାହୁ, ସୁଜିତ ଦାସ, ବ୍ରଜକିଶୋର ଗିରି, ଗୋପାଳ ଦାସ ଓ ରୁଦ୍ରନାରାୟଣ ସାହୁ ପ୍ରମୁଖ ବାରମ୍ବାର ଜିଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଜଣାଯାଇଛି । ମୋଟ ୧୭ଜଣଙ୍କୁ ଏପରି ୨ଥର ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ଦିଆଯାଇଥିବା ବେଳେ ହରିଣାବନ୍ଧା ଗାଁର ବୁଢା ହାଁସଦାଙ୍କ ସ୍ତ୍ରୀ କାପୁରା ହାଁସଦା ଏବେ ୪ବର୍ଷ ଧରି ବାର୍ଦ୍ଧକ୍ୟଭତ୍ତାଲାଗି ଆବେଦନ କରିଆସୁଥିଲେ ମଧ୍ୟ ସେ ମୃତ ଦର୍ଶାଯାଇଥିବାରୁ ଭତ୍ତାପାଇବାରୁ ବଂଚିତ ହୋଇଛନ୍ତି । ସୂଚନାଯୋଗ୍ୟ ତାଙ୍କ ମୃତ୍ୟୁରେ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଉଠାଣବେଳେ ପଂଚାୟତ ସଂପ୍ରସାରଣ ଅଧିକାରୀଙ୍କ ଦସ୍ତଖତ ରହିଛି । ତେଣୁ ଅଦ୍ୟାବଧି ତାଙ୍କୁ ଭତ୍ତା ମଳୁନଥିବାର ଅଭିଯୋଗ ହୋଇଛି । ଏ ସବୁର ତଦନ୍ତ ୭ ଦିନ ମଧ୍ୟରେ ନ ହେଲେ ଅଭିଯୋଗକାରୀ ଆମରଣ ଅନଶନରେ ବସିବେ ବୋଲି କହିଛନ୍ତି ।

ବାଲେଶ୍ୱର, ବୁଧବାର, ୦୩ ନଭେମ୍ବର, ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ମନ୍ତ୍ରୀଙ୍କ ଦେହରେ ଫୌଜିର ରକ୍ତ ଥିଲେ ଇସ୍ତଫା ଦିଅନ୍ତୁ : କଂଗ୍ରେସ

ଭୁବନେଶ୍ୱର,୦୨/୧୧(ନି.ପ୍ର): ମମିତା ମେହେର ହତ୍ୟାକାଣ୍ଡ ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି କଂଗ୍ରେସ। କଂଗ୍ରେସ ସାଧାରଣ ସଂପାଦକ ସତ୍ୟପ୍ରକାଶ ନାୟକ କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ବିରୁଦ୍ଧରେ କନ୍‌ଫ୍ଳିକ- ଅଫ- ଇଂଟରେଷ୍ଟ ର ଅଭିଯୋଗ ଆଣିଛନ୍ତି। ଦିବଶ୍ୟଙ୍କର ମିଶ୍ର ମହାଲିଙ୍ଗ କଲେଜ ଓ ସନ୍‌ସାଇନ ହାଇସ୍କୁଲର ମୁଖ୍ୟ ପୃଷ୍ଠପୋଷକ ଗୋବିନ୍ଦ ସାହୁଙ୍କର ଘନିଷ୍ଠ। ମନ୍ତ୍ରୀଙ୍କ ନାଁରେ ଅଭିଯୋଗ ହେଉଛି ଯେ ଗୋବିନ୍ଦ ସାହୁଙ୍କ ପରୋକ୍ଷ ଏବଂ ପତ୍ୟେକ୍ଷ ଭାବରେ ଦିବ୍ୟଶଙ୍କର ମିଶ୍ର ଏହି ଅପରାଧରେ ଖସିଯିବାକୁ ସହାୟତା କରିଛନ୍ତି। ନିଜେ ମନ୍ତ୍ରୀ ଅଭିଯୁକ୍ତ ସେପଟେ ଯେଉଁ ସଂସ୍ଥା ବା ବିଭାଗ ଏହାର ତଦନ୍ତ କରୁଛି ତାହାର ମୁଖ୍ୟ ହେଉଛନ୍ତି ଖୋଦ ଦିବ୍ୟଶଙ୍କର ମିଶ୍ର। ମହାଲିଙ୍ଗ କଲେଜର ଅଫିସିଆଲ ୟୁଟ୍ୟୁବ୍ ଚ୍ୟାନେଲରେ ସଂସ୍ଥାର ମୁଖ୍ୟ ନିଜେ କହୁଛନ୍ତି ଯେ ମନ୍ତ୍ରୀ ଦିବ୍ୟ ଶଙ୍କର ପ୍ରତ୍ୟେକ ମାସ ଏହି ସଂସ୍ଥାକୁ ଆସୁଥିଲେ। ଦ୍ୱିତୀୟରେ କଲେଜର ସଭାସମିତି ପାଇଁ ମନ୍ତ୍ରୀ ଦିବ୍ୟ ଶଙ୍କର ନିଜେ ଗେଷ୍ଟ କୋଅର୍ଡିନେଟର ଭାବରେ କାର୍ଯ୍ୟ କାହିଁକି କରୁଥିଲେ ବୋଲି ପ୍ରଶ୍ନ କରିଛନ୍ତି ସତ୍ୟ ନାୟକ। ରାୟପୁର ସ୍ଥିତ ମନ୍ତ୍ରୀଙ୍କ ବାସଭବନରେ ମମିତା- ଗୋବିନ୍ଦ ସାହୁ ଓ ଦିବ୍ୟଶଙ୍କରଙ୍କ ବୈଠକ ସଂପର୍କରେ ମଧ ଅଭିଯୋଗ ହୋଇଛି। ଯଦି ମନ୍ତ୍ରୀ କହୁଛନ୍ତି ଏହା ମିଛ ତେବେ ତିନି ଜଣଙ୍କର ଟେଲିଫୋନ ସିଡିଆର ଏବଂ ଏମାନଙ୍କ ଫୋନ୍‌ର ଟାୱାର ପୋଜିସନ କାହିଁକି ପୋଲିସ ସାର୍ବଜନୀନ କରୁନାହିଁ ବୋଲି ସତ୍ୟ ପ୍ରକାଶ ଅଭିଯୋଗ କରିଛନ୍ତି। ମନ୍ତ୍ରୀ ଅଭିଯୋଗରୁ ବଂଚିବା ପାଇଁ ବାୟୁସେନାର ଦ୍ୱାହି ଦେଇଛନ୍ତି। ଯଦି ମନ୍ତ୍ରୀଙ୍କ ଦେହରେ ଫୌଜିର ରକ୍ତ ପ୍ରବାହିତ ତାହାହେଲେ ମନ୍ତ୍ରୀ ପଦର ଗାରିମାକୁ ଉପଲବ୍ଧି କରି ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କଲାଯାଏ ମନ୍ତ୍ରୀ ମଣ୍ଡଳରୁ ଇସ୍ତଫା ଦିଅନ୍ତୁ। ନଚେତ ଲୋକେ କହିବେ ଦିବ୍ୟ ଶଙ୍କର ଫୌଜି ନୁହେଁ ଫର୍ଜି ବୋଲି କହିଛନ୍ତି ସତ୍ୟ ପ୍ରକାଶ ନାୟକ। କଂଗ୍ରେସର ସନ୍ଦେହ ଯେ ଯଦି ରାୟପୁରରେ ବୈଠକ ହୋଇଛି ତାହାଲେ ମନ୍ତ୍ରୀଙ୍କର ନିଶ୍ଚିତ ଭାବରେ କିଛି ଗୁରୁତ୍ୱର ପ୍ରମାଣ ମମିତା ପାଖରେ ଥିଲା ଯାହାଙ୍କୁ ନଷ୍ଟ କରିବା ପାଇଁ ସେ ମିଂଟିର ଆୟୋଜନ କରାଯାଇଥିଲା।

## କଳା-କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ବର୍ଷକିଆ ଚୁକ୍ତିନାମା ଦାବି



ବାଲେଶ୍ୱର,୦୨/୧୧(ନି.ପ୍ର): ବିଭିନ୍ନ ଦାବି ନେଇ କଳା ଓ କ୍ରୀଡ଼ା ଶିକ୍ଷକ ସଂଘ ବାଲେଶ୍ୱର ଶାଖା ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକ (ଡିପିସି)ଙ୍କୁ ମଙ୍ଗଳବାର ସାକ୍ଷାତ କରିଛନ୍ତି। ଚୁକ୍ତି ଭିତ୍ତିକ ଠିକା ଶିକ୍ଷକ ଭାବେ ସେମାନେ କାର୍ଯ୍ୟ କରୁଥିଲେ ବି ସେମାନଙ୍କ ସାମାଜିକ ସୁରକ୍ଷା ପ୍ରତି ସରକାର ଗୁରୁତ୍ୱ ଦେଉ ନଥିବା ସଂଘର କର୍ମକର୍ତ୍ତାମାନେ କହିଛନ୍ତି। ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହ ପ୍ରତି ୬ମାସରେ ସେମାନଙ୍କର ଚୁକ୍ତି ହେଉଥିବା ବେଳେ କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ଅନୁସାରେ ଏହାକୁ ବର୍ଷକିଆ କରିବା କଥା । ମାତ୍ର ସଦର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କ୍ରୀଡ଼ା ଓ କଳା ଶିକ୍ଷକଙ୍କୁ ପୂର୍ବଭଳି ୬ ମାସିଆ ଚୁକ୍ତି ପାଇଁ ବାଧ୍ୟ କରୁଥିବା ସେମାନେ କହିଛନ୍ତି। ଏମିତିକି ଯେଉଁ ଶିକ୍ଷକ ଚୁକ୍ତି ନ କରିବ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଧମକ ଦେଉଥିବା ସଙ୍ଘର କର୍ମକର୍ତ୍ତାମାନେ ଡିପିସିଙ୍କୁ ଅବଗତ କରିଛନ୍ତି। ବର୍ଷକିଆ ଚକ୍ତିନାମା ପାଇଁ ସେମାନେ ଡିପିସି ବିଷ୍ଣୁ ମୋହନ ସୂତାରଙ୍କୁ ନିବେଦନ କରିଛନ୍ତି। ଖୁବଶୀଘ୍ର ଏନେଇ ଉଚିତ ପଦକ୍ଷେପ ନେବେ ବୋଲି ଶ୍ରୀ ସୂତାର କଳା ଓ କ୍ରୀଡ଼ା ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ମନୋରଞ୍ଜନ ମହାନ୍ତି, ସୁବ୍ରତ କୁମାର ଗିରି, ଗୌରପ୍ରସାଦ ଦାସ, ବିଭୂତି ପ୍ରସାଦ ଦାସ, ଅରୁଣ କୁମାର ବାରିକ, ଗୀତାରାଣୀ ଦାସ, ସୁଚିତ୍ରା ଗିରି, ସବିତା ପାଲ, ସସ୍ମିତା ଗିରି ପ୍ରମୁଖ ଉପସ୍ଥିତ ଥିଲେ। ତେବେ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ବିନା ସୂଚନାରେ ପ୍ରଥମେ ପୁଲିସ ହାଇସ୍କୁଲ ଆଗରେ ଧାରଣାରେ ବସିଥିଲେ। ପୁଲିସ ସେମାନଙ୍କୁ ଉଠାଇଦେବା ପରେ ସେମାନେ ଶେଷରେ ଡିପିସ କାର୍ଯ୍ୟାଳୟକୁ ଆସିଥିଲେ।

## ଉଦଳା ପ୍ରାଥମିକ ଶିକ୍ଷକ ସଂଘ ସମ୍ମିଳନୀ ଅନୁଷ୍ଠିତ




ଉଦଳା,୦୨/୧୧ (ନି.ପ୍ର): ଉଦଳା ପଞ୍ଚାୟତ ସମିତିର ନୂତନ ପେନସନ ଯୋଜନା ଅନ୍ତର୍ଗତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଏକ ସାଧାରଣ ବୈଠକ ଦୁଗୁଧା ତାରିଣୀ ମନ୍ଦିର ସମ୍ମିଳନୀ କକ୍ଷରେ ଗତ ଅକ୍ଟୋବର ୩୧ ତାରିଖ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ସଂଘର ସଭାପତି ସୁଧାଂଶୁ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଆଲୋଚନାଚକ୍ର, ସମ୍ବର୍ଦ୍ଧନା ପ୍ରଦାନ ଓ ଆଗାମୀ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି ପର୍ବ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୋଟ ୧୧୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ନିମନ୍ତ୍ରୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ମୋହନ ଜେନା ଶିକ୍ଷକ ମାନଙ୍କୁ ସଂଗଠିତ ହୋଇ ସରକାରଙ୍କ ଠାରୁ ଦାବୀ ହାସଲ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ନାଥ ପୁହାଣ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଉତ୍ସର୍ଗୀକୃତ ମନୋଭାବ ରାଷ୍ଟ୍ର ଗଠନରେ କିପରି ସହାୟକ ହୋଇଛି ସେ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ନିକଟରେ ସ୍ଥାୟୀ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ୧୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସଂଘର ସଂପାଦକ ଦୀପକ କୁମାର ଦାସ ଦେୟମୁକ୍ତ ଭାବ ମେଧାବୀ ଗରୀବ ଛାତ୍ର ଛାତ୍ରୀଙ୍କ ନିମନ୍ତେ ଏକ କୋଚିଂର ବନ୍ଦୋବସ୍ତ କରିବାକୁ ପ୍ରସ୍ତାବ ଆଗତ କରିଥିଲେ । ଉପସ୍ଥିତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ସମ୍ମତି ପ୍ରଦାନ କରିଥିଲେ । ଜାତୀୟ ପେନସନ ଯୋଜନାରେ ସରକାରଙ୍କ ଅନୁଦାନ ଅଂଶ ୧୦ ଶତକଡ଼ାରୁ ୧୪ ଶତକଡ଼ାକୁ ବଢ଼ିଥିବାରୁ ସରକାରଙ୍କୁ ଧନ୍ୟବାଦ ଦେବା ସହିତ ଆଗାମୀ ଦିନରେ ପୁରୁଣା ପେନସନ ଯୋଜନାକୁ ଅନ୍ୟ ରାଜ୍ୟ ଭଳି କାର୍ଯ୍ୟକାରୀ କରିବା ନିମନ୍ତେ ସରକାରଙ୍କ ଠାରେ ଦାବୀ ଉପସ୍ଥାପନ ପାଇଁ ସଂଘୀୟ ଯୋଜନା ଥିବା ସଂପାଦକ ଘୋଷଣା କରିଥିଲେ । ଏହାପରେ ବ୍ଲକ ସ୍ତରରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଦକ୍ଷତା ଓ କୈଶଳ ବିକାଶ ନିମନ୍ତେ ଏକ ସ୍ଥାୟୀ ଅନୁଷ୍ଠାନ ପ୍ରତିଷ୍ଠାର ଉଦ୍ୟମ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା । ବୈଠକର ପ୍ରାରମ୍ଭରେ ଅଜୟ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୃଷ୍ଣ ଚନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

## ଜଳେଶ୍ୱର ହାଇସ୍କୁଲର ୧୯୬୭ ବ୍ୟାଚ୍‌ର ବଂଧୁମିଳନ

ଜଳେଶ୍ୱର,୦୨/୧୧ (ନି.ପ୍ର): ଆଗାମୀ ଦିନରେ ସ୍ୱର୍ଣ୍ଣଜୟନ୍ତୀ ପାଳନ ହେବାକୁ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରସ୍ତୁତି ନେଉଥିବା ବେଳେ ୧୯୬୭ ମସିହାରେ ମ୍ୟାଟ୍ରିକ୍ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ବଂଧୁମିଳନ ଉତ୍ସବ ଜଳେଶ୍ୱର ହୋଟେଲ ଇନ୍‌ରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଇଂ ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସିଦ୍ଧେଶ୍ୱର ପଣ୍ଡା ସଂଯୋଜନା କରିଥିଲେ। ଦୀର୍ଘବର୍ଷ ପରେ ଏବଂ ଚାକିରୀରୁ ଅବସର ନେଇଥିବା ବହୁଛାତ୍ରଛାତ୍ରୀ ସାମ୍ପ୍ରତିକ ସ୍ଥିତି ସଂପର୍କରେ କହି ଅତୀତର ସ୍ମୃତି ବଖାଣିଥିଲେ। ଏଥିରେ ସାମ୍ବାଦିକ ଜୀବନକୃଷ୍ଣ ଦାସ ଅଧିକାରୀ, ମୂରଲୀଧର ପାଳ, ଭୂପତିଭୂଷଣ ଜେନା, ସେକ୍‌ସାଜତ୍ ଅଲ୍ଲି, ଅକ୍ଷୟ କୁମାର ରାଜ, ଜଗବଂଧୁ ଜେନା, କନକଲତା ଘୋଷ, ଗଦାଧର ପ୍ରଧାନ, ପ୍ରଫୁଲ୍ଲ ଚନ୍ଦ, ଜୟନ୍ତ କୁମାର ବିଦ, ହରିଶ୍ଚନ୍ଦ୍ର ରଣା, ନିତ୍ୟାନନ୍ଦ ଦାସ, ଅହଜନ ଦତ୍ତ ପ୍ରମୁଖ ଛାତ୍ରଛାତ୍ରୀ ବକ୍ତବ୍ୟ ରଖି ବିଦ୍ୟାଳୟର ଉନ୍ନତିରେ ସହାୟକ ହେବେ ବୋଲି କହିଥିଲେ। ମୋଟ ୬୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏଥିରୁ ପ୍ରାୟ ୧୪ଜଣଙ୍କ ପରଲୋକ ହୋଇଥିବାରୁ ସେମାନଙ୍କ ଲାଗି ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏପରି ବଂଧୁମିଳନ ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିଛି।

## ବାଲେଶ୍ୱରରେ ଗଡ଼ିଲା ସଞ୍ଚୟ ରଥ

ବାଲେଶ୍ୱର,୦୨/୧୧ (ନି.ପ୍ର): ସଞ୍ଚୟ ପକ୍ଷ ପାଳନ ଅବସରରେ ବାଲେଶ୍ୱର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଏକ ସଚେତନତା ରଥ ପରିକ୍ରମା ଆରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଭବେଶ କୁମାର ନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଅଯଥା ଖର୍ଚ୍ଚରୁ ନିଜକୁ ଦୂରେଇ ରଖି ମିତବ୍ୟୟୀ ହେବା ଏବଂ ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହା ଦ୍ୱାରା ବ୍ୟକ୍ତିର ଆର୍ଥିକ ନିରାପତ୍ତା ସୁଦୃଢ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପ୍ରଜ୍ଞା ମିଶ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ଶ୍ରୀ ନାୟକ ବୃକ୍ଷଚାର ରୋପଣ କାର୍ଯ୍ୟ କରିଥିଲେ। । ସଚେତନତା ରଥର ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ବିଶ୍ୱଦର୍ଶୀ ସାହୁ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ, ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଗଣ, ସ୍ୱଳ୍ପ ସଞ୍ଚୟ ବିଭାଗର ସ୍ୱର୍ଣ୍ଣପ୍ରିୟା ଦାସ ଓ ବାସୁଦେବ କର ପ୍ରମୁଖ ଉପସ୍ଥିତ ଥିଲେ। ମିତବ୍ୟୟୀ ହେବା ପାଇଁ ଜନସାଧାରଣଙ୍କୁ ସଚେତନ ସୃଷ୍ଟି ଉଦ୍ଦେଶ୍ୟରେ ଏହି ରଥ ବାହାରିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସତର୍କତା ସଚେତନତା ଶୋଭାଯାତ୍ରା-ସାମିଲ୍ ହେଲେ ବନ୍ଦର ଅନ୍ତେବାସୀ

ପାରାଦୀପ,୦୨/୧୧ (ନି.ପ୍ର): ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ସୋମବାର ଦିନ ସତର୍କତା ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ପାରାଦୀପ ବଡପଡିଆସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀ ଠାରେ ବନ୍ଦର ଅଧକ୍ଷ ପି.ଏଲ୍.ହାରାନାଦ୍ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ର୍ୟାଲି ପାରାଦୀପ ସହରର ବିଭିନ୍ନ ସ୍ଥାନ ଅତିକ୍ରମ କରି ବନ୍ଦର ପ୍ରଶାସନିକ ଭବନ ପରିସରରେ ପହଂଚିଥିଲା । ସେଠାରେ ଟ୍ରଷ୍ଟର ଅଧକ୍ଷ ମୃତ୍ୟୁଂଜୟ ମିଶ୍ର ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ବ୍ୟାନର ହସ୍ତାନ୍ତରିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପୌର ନିର୍ବାହୀ ଅଧିକାରୀ,ବନ୍ଦରର ସଚୀବ,ମୁଖ୍ୟ ଅର୍ଥ ପରାମର୍ଶଦାତା, ସିଆଇଏସ୍‌ଏଫ୍ ର କମାଣ୍ଡାଣ୍ଟ,ଉପମୁଖ୍ୟ ସତର୍କତା ଅଧିକାରୀ,କର୍ପୋରେଟ୍ ମ୍ୟାନେଜର(ପିଆର୍),ପାରାଦୀପ ମହାବିଦ୍ୟାଳୟର ଅଧକ୍ଷାଙ୍କ ସମେତ ମନସା ଚାରିଟେବୁଲ୍ ଟ୍ରଷ୍ଟର ଟ୍ରଷ୍ଟି ଓ ସଦସ୍ୟମାନେ ଯୋଗ ଦେଇଥିଲେ ।

## ମେଡିକାଲ ପ୍ରବେଶ ପରୀକ୍ଷାରେ କୃତକାର୍ଯ୍ୟ ଦୁଇ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ବାଲିଆପାଳ,୦୨/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଅଳାଡିହା ମୋହନ ଚରଣ ଉଚ୍ଚ ବିଦ୍ୟାଳୟର ଦୁଇ ଜଣ ଛାତ୍ର ଶ୍ରୀ ସତ୍ୟସୁନ୍ଦର ପରିଡା - ୬୪୩ ନମ୍ବର ଏବଂ ଶ୍ରୀ ସାଇକୃଷ୍ଣ କୁହ୍ଲାରି-୫୯୫ ନମ୍ବର ରଖି ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବାରୁ । ବିଦ୍ୟାଳୟ ତରଫରୁ ଏହି ଦୁଇ ଛାତ୍ରଙ୍କୁ ସମ୍ବର୍ଦ୍ଧୀତ କରାଯାଇଛି । ଶ୍ରୀ ସତ୍ୟସୁନ୍ଦର ପରିଡା ପରିଡା ଏବଂ ମାତା ବିଦ୍ୟୁତ ପ୍ରଭା ପରିଡା ଏବଂ ଶ୍ରୀ ସାଇକୃଷ୍ଣ କୁହ୍ଲାରି ପିତା ପ୍ରଧାନ ସିକ୍ଷକ ବରେନ୍ଦ୍ରନାଥ କୁହ୍ଲାରି ଏବଂ ମାତା ସବିତା ରାଣୀଙ୍କର ସୁପୁତ୍ର ଅଟନ୍ତି । ସ୍ଥାନୀୟ ଜଗନ୍ନାଥ ଉପ୍ରା ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ବରେନ୍ଦ୍ର ମାଝୀ ମଧ୍ୟ ସେମାନଙ୍କୁ ସମ୍ବର୍ଦ୍ଧୀତ କରିଛନ୍ତି । ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ କୁମାର ରାଉତ,ଉତ୍ତା ବାଲିଆପାଳ ବ୍ଲକ ସମ୍ବାଦକ ତଥା ସରକାରୀ ଶିକ୍ଷକ ବିଜୟ କୁମାର ପାତ୍ର, ସହକାରୀ ଶିକ୍ଷକ ନିତ୍ୟାନନ୍ଦ ପାଢୀ, ଧିରେନ୍ଦ୍ର କୁମାର ସାହୁ, ପ୍ରହ୍ଲାଦ ମାହାନ୍ତି, ଅଜୟ କୁମାର କରଣ, ଧନଞ୍ଜୟ ପାତ୍ର, ସରୋଜ କୁମାର ଦାସ, ମନ୍ମଥ କୁମାର ବେବର୍ତ୍ତା, ନଟବର କୁହ୍ଲାରି, ପରେଶ ପଢିଆରି, ବଙ୍କିମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଦୁଇ ଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଦୁଇ ମେଧାବୀ ଛାତ୍ର ବିଦ୍ୟାଳୟ ଗର୍ବ ଓ ଗୌରବ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ଯୁବ ସାମ୍ବାଦିକ ସାନ୍ତନୁ ମହାପାତ୍ର ଯୋଗ ଦେଇ ଛାତ୍ର ଦୁଇ ଜଣ ଏହି ଅଂଚଳ ପାଇଁ ବୃହୁ ସମ୍ଭାବନା ଆଣିବେ ବୋଲି ପ୍ରକାଶ କରିଥିଲେ ।

## ମୟୂରଭଞ୍ଜ ଜିଲ୍ଲାରେ ସତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ୨୦୨୨ପାଇଁ ଚିଠା ଭୋଟର ତାଲିକା ପ୍ରକାଶିତ



ବାରିପଦା,୦୨/୧୧ (ନି.ପ୍ର): ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୯ଟି ନିର୍ବାଚନୀ ମଣ୍ଡଳୀର ସମସ୍ତ ବୁଥ୍ ସ୍ତରରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଚଳିତ ୧ ନଭେମ୍ବର ରୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ତ୍ୱରାନ୍ୱିତ କରାଯାଉଅଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଆଗାମୀ ତା.୦୧.୦୧.୨୦୨୨ ତାରିଖକୁ ଯୋଗ୍ୟତା ସୂଚକ ୧୮ ବର୍ଷ ଓ ତଦୁର୍ଦ୍ଧ ସମସ୍ତ ସାବାଳକ ନାଗରିକ ମାନଙ୍କ ନିର୍ଭୂଲ ଭୋଟର ତାଲିକା ପ୍ରସ୍ତୁତି ସକାଶେ ନୂତନ ଭୋଟରଙ୍କ ନାମ ପଞ୍ଜିକରଣ କରାଯିବ ସହିତ ଭୋଟର ତାଲିକାରୁ ମୃତକ ଓ ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ ବାଦ୍ ଦେବା ଏବଂ ଭୋଟର ତାଲିକାରେ ନିଜର କୌଣସି ଭୁଲ ଓ ତୃଟି ଇତ୍ୟାଦିର ସଂଶୋଧନ କରାଯିବ। ଏଥି ନିମନ୍ତେ ଉଦ୍ଦିଷ୍ଟ ଥିବା ଫର୍ମରେ ଯଥାକ୍ରମେ ଫର୍ମ ନଂ-୬,୭,୮ ଓ ୮(କ) ରେ ସଂପୃକ୍ତ ବୁଥ ସ୍ତରୀୟ (ବିଏଲ୍‌ଓ) ଙ୍କ ସହଯୋଗରେ ଫର୍ମ ପୂରଣକରି ଆସନ୍ତା ତା.୩୦.୧୧.୨୦୨୧ ରିଖ ମଧ୍ୟରେ ନୂତନ ଭୋଟରଙ୍କ ନାମପଞ୍ଜିକରଣ ଏବଂ ଆପତି ଅଭିଯୋଗ ଦରଖାସ୍ତ ଆବେଦନ କରାଯିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। କାର୍ଯ୍ୟସୂଚୀ ମତେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ୯ ଗୋଟି ବିଧାନ ସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ ସ୍ତରରେ ଚିଠା ଭୋଟର ତାଲିକା ତା.୦୧.୧୧.୨୦୨୧ ରିଖରୁ ସମସ୍ତ ବୁଥ୍ / ଏଇଆର୍‌ଓ/ ତଥା ଉପଜିଲ୍ଲାପାଳ ତଥା ଇଆର୍‌ଓ ସ୍ତରରେ ଚିଠା ଭୋଟର ତାଲିକା୨୦୨୧ ପ୍ରକାଶିତ ହୋଇଅଛି। ଏହି ଭୋଟର ତାଲିକା ସଂଶୋଧନ ପ୍ରକିୟା ତା.୩୦.୧୧.୨୦୨୧ ରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସମୟ ମଧ୍ୟରେ ଦାଖଲ ହୋଇଥିବା ସମସ୍ତ ଆପତି ଅଭିଯୋଗ ଉପରେ ଆସନ୍ତା ଡିସେମ୍ବର ୨୦, ୨୦୨୧ରିଖ ସୁଦ୍ଧା ଫଏସଲା କରାଯାଇ ଜିଲ୍ଲାର ଚୂଡାନ୍ତ ଭୋଟର ତାଲିକା ଆସନ୍ତା ୫ ଜାନୁୟାରୀ ୨୦୨୨ ରିଖରେ ପ୍ରକାଶିତ ହେବ। ଏହି କାର୍ଯ୍ୟକ୍ରମର ଜନସାଧାରଣ ଙ୍କ ମଧରେ ସଚେତନତା ତଥା ସଫଳ ରୂପାୟନ ପାଇଁ ଦଳୀୟ ରାଜନୈତିକ କର୍ମକର୍ତା ମାନଙ୍କୁ ନେଇ ତା.୦୧.୧୧.୨୦୨୧ ରିଖ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ବିନୀତ୍ ଭରଦ୍ୱାଜ୍, ଭା.ପ୍ର.ସେ., ଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ଭୋଟର ସଂଶୋଧନ ପ୍ରକିୟା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଉଲ୍ଲେଖ କରି ଜିଲ୍ଲାରେ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ବିଶେଷ ଧ୍ୟାନ ଦେଇ କାର୍ଯ୍ୟକ୍ରମ ସଂପାଦନ ସକାସେ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ ତଥା ଇଆରଓ ଏଇଆର୍‌ଓ ଙ୍କ ତତ୍ତ୍ୱାବଧାନରେ ସଂପୃକ୍ତ ବିଏଲଓ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଉଥିବା ସୂଚାଇ ଥିଲେ। ଏଥି ନିମନ୍ତେ ସତନ୍ତ୍ର କାର୍ଯ୍ୟକ୍ରମ ଚଳିତ ନଭେମ୍ବର ୭ ତାରିଖ ଓ ୨୧ ତାରିଖରେ ବୁଥ୍ ସ୍ତରରେ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ନୂତନ ଭୋଟରଙ୍କ ନାମ ପଞ୍ଜିକରଣ ଓ ସଂଶୋଧନ ଆଦି ଅଭିଯାନ କାର୍ଯ୍ୟରେ ସଂପୃକ୍ତ ବିଏଲ୍‌ଓ ଙ୍କୁ ସହଯୋଗ କରିବା ପାଇଁ ବିଭିନ୍ନ ଦଳୀୟ ରାଜନୈତିକ ତରଫରୁ ଏଜେଂଟ ମାନଙ୍କୁ ସାମିଲ କରାଯିବା ପାଇଁ ପରାମର୍ଶ ଦିଆଯାଇଛି। ଏହି ସଂଶୋଧନ ଅଭିଯାନରେ ମଧ ଭୋଟର ହେଲ୍ପ ଲାଇନ ନିଜର ମୋବାଇଲ୍ ଆପ୍ ଡାଉନଲୋଡ୍ କରି ଆବେଦନ କରି ପାରିବେ ଏଥିପାଇଁ www.voterportal.eci.gov.in କିମ୍ବା www.nvsp.in ରେ ଲଗ୍‌ଇନ୍ କରି ସଂଶୋଧନ କରି ପାରିବେ।

## ଦରଦାମ ବୃଦ୍ଧି ପ୍ରତିବାଦରେ ବିଜୁ ମହିଳା ଜନତା ଦଳର ବିକ୍ଷୋଭ



ବାରିପଦା,୦୨/୧୧ (ନି.ପ୍ର): ତୈଳ ଓ ରନ୍ଧନ ଗ୍ୟାସର ଦର ବୃଦ୍ଧି କାରଣରୁ ଦେଶରେ ଅତ୍ୟାବଶ୍ୟକ ସାମଗ୍ରି ଆକାଶ ଛୁଆଁ ହୋଇଛି। କେନ୍ଦ୍ର ସରକାର ଆର୍ଥିକ ପରିଳନାରେ ବିଫଳ ହୋଇଥିବାରୁ ବିଜୁ ମହିଳା ଜନତା ଦଳ ମୟୂରଭଞ୍ଜ-୧ ବାରିପଦା ନିର୍ବାଚନ ମଣ୍ଡଳି ସଂଗଠନ ତରଫରୁ ବାରିପଦାର ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିଲତା ମିଶ୍ରଙ୍କ ଅଧକ୍ଷତାରେ ପ୍ରତିବାଦ ସଭାରେ କେନ୍ଦ୍ର ସରକାରଙ୍କୁ କଡା ସମାଲୋଚନା କରାଯାଇଥିଲା। ରନ୍ଧନ ଗ୍ୟାସ, ଡିଜେଲ, ପେଟ୍ରଲ, ଦର ହୁହୁ ହୋଇ ବଢୁଥିବାରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆକାଶ ଛୁଆଁ ହୋଇଛି। କେନ୍ଦ୍ର ସରକାର କ୍ରମାଗତ ଭାବରେ ରନ୍ଧନ ଗ୍ୟାସ ଓ ତୈଳଦର ବୃଦ୍ଧି କରିବାରେ ଲାଗିଛନ୍ତି। ଦରଦାମ ନିୟନ୍ତ୍ରଣରେ କେନ୍ଦ୍ରସରକାର ବିଫଳ ହୋଇଛନ୍ତି। ଏହି ପ୍ରତିବାଦ ସଭାରେ ଅଭିଯୋଗ କରାଯାଇଥିଲା। ଉକ୍ତ ପ୍ରତିବାଦ ସଭାରେ ବାରିପଦା ବ୍ଲକ ଅଧକ୍ଷ ପାର୍ବତୀ ହେମ୍ବ୍ରମ, ଖୁଣ୍ଟାବ୍ଲକ ଅଧକ୍ଷ ପୁଷ୍ପଲତା ମାର୍ଣ୍ଡି, ବିଜୁ ମହିଳା ଜନତା ଦଳର ଟାଉନ ସଭାପତି ସୁରଭି ଦାସ, ପୂର୍ବତନ କାଉନସିଲର ଦୁର୍ଗାମଣୀ ଆର୍ଯ୍ୟ, ଶ୍ରାବଣୀ ଦାସ, ବାରିପଦା ବ୍ଲକ ମହିଳା ସଭାପତି କବିତା ସିଂ, ଦ୍ରୌପଦୀ ସାହୁ, ସମ୍ପା ମଜୁମଦାର, ସବିତା ବେହେରା, ସଂଜୁକ୍ତା ଭୁଜବୋଳ ପ୍ରମୁଖ ମହିଳା ନେତ୍ରୀ ଙ୍କ ସହିତ ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ଏସ.ଡି.ସି. ଚେୟାରମ୍ୟାନ ଡ. ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦାଃ, ପ୍ରଭାତ ନାଏକ, ଯୁବ ସଭାପତି ଅରୁଣ ବରାଡ, ସେକ୍ ଫିରଜୁଦିନ୍, ପୁର୍ଣ୍ଣାନନ୍ଦ ପରିଡା, ପ୍ରସନଜିତ ମହାନ୍ତି, ଦୀପକ ମଢୁଆଳ ପ୍ରମୁଖ ଉପସ୍ଥିତ ରହି ଏହି ଆନ୍ଦୋଳନ ଆଗାମୀ ଦିନରେ ବ୍ୟାପକ କରାଯିବ ବୋଲି କହଛନ୍ତି। ଶେଷରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

## ଭୁବନେଶ୍ୱରରୁ ୧୭୧ ପଜିଟିଭ୍

ଭୁବନେଶ୍ୱର,୦୨/୧୧ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ମଙ୍ଗଳବାର ଦିନ ଆଉ ୧୭୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୧ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୩୦ ଜଣ ଲୋକାଲ ମାମଲା ରହିଛନ୍ତି। ସେହିପରି ଗତ ୨୪ ଘଂଟାରେ ଆଉ ୨୮୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏଥିସହ ଭୁବନେଶ୍ୱରରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୧୮୬୫୦ରେ ପହଂଚିଛି। ସେମାନଙ୍କ ମଧ୍ୟରୁ ୧୧୫୦୦୮ ଜଣ ସୁସ୍ଥ ହୋଇଥିବା ବେଳେ ୨୫୬୫ ସକ୍ରିୟ ମାମଲା ରହିଛି।

## ଜଗତସିଂହପୁର ବଜରଙ୍ଗ ଦଳ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ପାରାଦ୍ୱୀପ,୦୨/୧୧ (ନି.ପ୍ର): ମଙ୍ଗଳବାର ହୃତାତ୍ମା ଦିବସ ଅବସରରେ ବିଶ୍ୱ ହିନ୍ଦୁ ପରିଷଦର ଯୁବଶକ୍ତି ବଜରଙ୍ଗ ଦଳ ଜଗତସିଂହପୁର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ରକ୍ତ ଭଣ୍ଡାରରେ ଆୟୋଜିତ ହୋଇଥିବା ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ବିଜୟା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ବିଭାଗ ସମ୍ପାଦିକା ଶ୍ରୀମତି ନିର୍ମଳା ଦ୍ୱିବେଦୀ, ଜିଲ୍ଲା ସଭାପତି ମାନନୀୟ ଗୌରାଙ୍ଗ ଚରଣ ହୋତା, ଉପାଧକ୍ଷ ପଣ୍ଡିତ ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ମାନସ ସ୍ୱାଇଁ, ସତସଂଙ୍ଗ ପ୍ରମୁଖ ନଳିନୀକାନ୍ତ ଓଝା ଏବଂ ବଜରଙ୍ଗ ଦଳ ଜିଲ୍ଲା ର ବିଭିନ୍ନ ପ୍ରଖଣ୍ଡରୁ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇ ରକ୍ତଦାନ କରିଥିଲେ। ବଜରଙ୍ଗ ଦଳ ସ୍ୱାସ୍ଥ୍ୟ ମିତ୍ର ନାମରେ ଏହି ସ୍ୱେଚ୍ଛାକୃତ ସ୍ୱାସ୍ଥ୍ୟ ସେବା ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ଶିବିରରୁ ୮୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo